ବର୍ଷ-୨୫, ସଂଖ୍ୟା-୧୭୭
ଭୁବନେଶ୍ୱର
୦୨, ଜୁଲାଇ, ୨୦୨୫ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 177
Bhubaneswar
02, July, 2025 Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

## ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିବେ ରାଷ୍ଟ୍ରପତି

ଭୁବନେଶ୍ୱର, ୧୭(ମହାଭାରତ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୧୪ରେ ଏମ୍ସ ଭୁବନେଶ୍ୱର ଏବଂ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା



ପାଇଁ ଦୁଇ ଦିନିଆ । ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି । ରିପୋର୍ଟ ଅନୁଯାୟୀ, ରାଷ୍ଟ୍ରପତି ମୁର୍ମୁ ଜୁଲାଇ ୧୪ରେ ଭୁବନେଶ୍ୱର ଏମ୍ସର ସମାବର୍ତ୍ତନ ଉତ୍ସବରେ ଯୋଗଦେବେ ପରଦିନ, ଜୁଲାଇ ୧୫ରେ, ସେ ରେଭେନ୍ସା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ରାଷ୍ଟ୍ରପତି ଜୁଲାଇ ୧୫ ତାରିଖରେ ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟର ଭିତ୍ତିପ୍ରସ୍ତର ମଧ୍ୟ ସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି ।

# ବାହୁଡ଼ା, ସୁନାବେଶ ଓ ନୀଳାଦ୍ରୀ ବିଜେ ପାଇଁ ପ୍ରସ୍ତୁତି

ପୁରୀ, ୧୭(ମହାଭାରତ): ଆଜି ପୁରୀ ସ୍ୱତନ୍ତ୍ର ସର୍କିଟ ହାଉସ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରଥଯାତ୍ରା ସୁରକ୍ଷା ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଏହି ବୈଠକରେ ମୁଖ୍ୟମନ୍ତ୍ରୀ ସୁରକ୍ଷାର ତିନୋଟି ଦିଗ ଉପରେ ଯଥା ସୁରୁଖୁରୁରେ ରଥ ପରିଚାଳନା ଓ ଭକ୍ତଙ୍କ ସୁରକ୍ଷା, ଟ୍ରାଫିକ ନିୟନ୍ତ୍ରଣ ଏବଂ ଅଗ୍ନିଶମ ସେବା ପ୍ରତି ଗୁରୁତ୍ୱ ଆରୋପ କରିଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ, ରଥଯାତ୍ରାର ଚାରିଗୋଟି ଉତ୍ସବ ମଧ୍ୟରୁ ଏବେବି ଆଉ ତିନୋଟି ବଡ ଓ ମହତ୍ପୂର୍ଣ୍ଣ ଉତ୍ସବ ବାହୁଡ଼ା, ସୁନାବେଶ ଓ ନୀଳାଦ୍ରୀ ବିଜେ ବାକି ଅଛି ଅନୁକୂଳ ପାଗ ଯୋଗୁଁ ଏହି ତିନି ଦିନ ବହୁତ ଭକ୍ତ ଆସିବେ । ବିଶେଷ କରି ସୁନାବେଶ ଦିନ ଏଣୁ ଏହି ବଡ ସମାଗମରେ ସୁରକ୍ଷା ବ୍ୟବସ୍ଥାର ପରିଚାଳନା ପାଇଁ ଏବଂ ସବୁବେଳେ ସବୁ ସମୟରେ କିଛି ଅପ୍ରତ୍ୟାଶିତ ଘଟଣା ପାଇଁ ପ୍ରସ୍ତୁତ ରହିବା ଅତ୍ୟନ୍ତ ଜରୁରୀ ।

ଯାତ୍ରୀ ମାନଙ୍କ ସୁରକ୍ଷା ପାଇଁ ନିର୍ଭୁଲ କ୍ରାଉଡ଼ ଏସଟିମେଶନ ହେଉଛି ପ୍ରଥମ ଷ୍ଟେଜ । ତେଣୁ ଆଗାମୀ ତିନିଗୋଟି ବଡ ଉତ୍ସବକୁ ନିର୍ଭୁଲ ଭାବେ ଆଡଭାନ୍ସଡ କ୍ରାଉଡ ଏଷ୍ଟିମେସନ୍ ରିୟଲ୍ ଟାଇମ୍ ବେସିସ୍‌ରେ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ରଥଯାତ୍ରା ବେଳେ ବିଭିନ୍ନ ସ୍ଥାନରେ ସୁରକ୍ଷା ପାଇଁ ଷ୍ଟାଣ୍ଡାର୍ଡ ଏସ୍‌ଓପି ରହିଛି । ଏହି ଏସ୍‌ଓପିକୁ ଲେଟର ଅଣ୍ଡ ସ୍ପିରିଟ୍‌ରେ କଡାକଡି ଭାବେ ପାଳନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

କର୍ଡନ ଭିତରେ ଗହଳି ହ୍ରାସ କରିବା ପାଇଁ କର୍ଡନ ପାସ ପ୍ରଦାନକୁ କାଣ୍ଟ ଛାଣ୍ଟ କରିବା ପାଇଁ



ସେ କହିଥିଲେ । ମହାରଣା ସେବକ ଓ ଭୋଇ ସେବକ ମାନଙ୍କ ପରାମର୍ଶ ନେଇ, ରଥ ଟଣା ନୀତି କରିବା ଆବଶ୍ୟକ ବୋଲି ସେ କହିଥିଲେ ।

ବାହୁଡ଼ା, ସୁନାବେଶ ପାଇଁ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ସୁରକ୍ଷା ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ ଆବଶ୍ୟକ ସ୍ଥଳେ ଅଧିକ ଫୋର୍ସ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ । ଟ୍ରାଫିକ କଣ୍ଟ୍ରୋଲ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ସହିତ ଆଗାମୀ ଦିନ ମାନଙ୍କରେ ଯାହା ସବୁ ମହାପ୍ରଭୁଙ୍କ କାର୍ଯ୍ୟକ୍ରମ ଅଛି ସେଗୁଡିକ ଯେଭଳି ସୁରୁଖୁରୁରେ ସମ୍ପାଦିତ ହେବ ସେଥିପ୍ରତି ଅଧିକ ଯତ୍ନବାନ ହେବା ପାଇଁ ସେ କହିଥିଲେ ।ବାକି ଥିବା ତିନୋଟି ଉତ୍ସବରେ ଅସଂଖ୍ୟ ଲୋକ ବେଳାଭୂମିରେ ସମୟ ଅତିବାହିତ କରିବେ । ତେଣୁ ବେଳାଭୂମିକୁ ସୁରକ୍ଷିତ ରଖିବା ପାଇଁ ପୋଲିସ ବିଭାଗ ସହିତ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ପାଇଁ ସେ ଅଗ୍ନିଶମ ବିଭାଗକୁ କହିଥିଲେ ।

ଶେଷରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଅଧିକାରୀ ମାନଙ୍କୁ ପୁରୀ ଭୁବନେଶ୍ୱର ରାସ୍ତା ସମେତ ବେଳାଭୂମି, ରେଳ ଷ୍ଟେସନ, ବସଷ୍ଟାଣ୍ଡ, ମନ୍ଦିର ସମ୍ମୁଖ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମାନଙ୍କୁ, କଡା ନଜର ରଖି ସମସ୍ତେ କାମ କରିବା ପାଇଁ ପରାମର୍ଶ ଦେଇଥିଲେ ଓ କହିଥିଲେ, ଏହି କାମ ଆମ ମାନଙ୍କ ପାଇଁ ଏକ ଡ୍ୟୁଟି ନୁହେଁ ଏହା ହେଉଛି ସୌଭାଗ୍ୟର ବିଷୟ ସମର୍ପଣ ଭାବ ସହିତ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ପାଇଁ ସେ ସମସ୍ତ ଉପସ୍ଥିତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ପ୍ରଶାସକ ଶ୍ରୀଅରବିନ୍ଦ ପାଢ଼ୀ ମହାପ୍ରଭୁଙ୍କ ଶୃଙ୍ଖଳିତ ନୀତିକାନ୍ତି ସମାପନ ବିଷୟରେ ବିବରଣୀ ରଖିଥିଲେ ଓ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ନିମନ୍ତେ ଆଡପ ମଣ୍ଡପ ଦର୍ଶନ ପାଇଁ ଉତ୍ତମ ବ୍ୟବସ୍ଥା କରାଯାଇଛି ବୋଲି କହିଥିଲେ ।

ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ସୌମେନ୍ଦ୍ର ପ୍ରିୟଦର୍ଶୀ ଟ୍ରାଫିକ ନିୟନ୍ତ୍ରଣ ଓ ରଥଯାତ୍ରା ସମାପ୍ତ ହେବା ପର୍ଯ୍ୟନ୍ତ ନିଆଯାଇଥିବା ପଦକ୍ଷେପର ବିବରଣୀ ପ୍ରଦାନ କରିଥିଲେ । ବୈଠକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ସାଂସଦ ଡଃ ସମ୍ବିତ ପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ପୋଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ, ରଥଯାତ୍ରା ପାଇଁ ସ୍ୱତନ୍ତ୍ର ଦାୟିତ୍ୱରେ ଥିବା କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ପ୍ରମୁଖ ସୁରକ୍ଷା ବ୍ୟବସ୍ଥାର ବିଭିନ୍ନ ଦିଗ ଉପରେ ସୁଚିନ୍ତିତ ମତାମତ ରଖିଥିଲେ । ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ସ୍ରୋତ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓଁ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟକ ଉପାସନା ମହାପାତ୍ର, ଗୃହ ବିଭାଗରଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଆରକ୍ଷୀ ମହା ନିର୍ଦ୍ଦେଶକ (ଅଗ୍ନିଶମ) ସୁଧାଂଶୁ ଷଡ଼ଙ୍ଗୀ, ଅତିରିକ୍ତ ଆରକ୍ଷୀ ମହା ନିର୍ଦ୍ଦେଶକ ଦୟାଲ ମଙ୍ଗୁଆର ଓ ପୁରୀ ଏସପି ପିନାକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ଜିଲ୍ଲାପାଳ ଚଞ୍ଚଳ ରାଣା ସମସ୍ତଙ୍କୁ ସ୍ୱାଗତ କରିଥିଲେ ।

### ଅତିରିକ୍ତ କମିଶନରଙ୍କୁ ମାଡ଼ ମାମଲା

## ଆଉ ଦୁଇ ଗିରଫ, ୫ ନିଲମ୍ବିତ

**ଭୁବନେଶ୍ୱର, ୧୭(ମହାଭାରତ):** ସୋମବାର ଭୁବନେଶ୍ୱର ମହାନଗର ନିଗମ ର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ତାଙ୍କ କାର୍ଯ୍ୟାଳୟରେ ଆକ୍ରମଣ ଘଟଣାରେ ଆଉ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ । ସେମାନେ ହେଉଛନ୍ତି- ସଞ୍ଜୀବ ମିଶ୍ର ଓ ସଚ୍ଚିକାନ୍ତ ସ୍ୱାଇଁ । ଏହା ସହିତ ଏହି ମାମଲାରେ ଏଯାବତ ୫ ଜଣଙ୍କୁ ଗିରଫ କରିଛି ପୁଲିସ । ସଞ୍ଜୀବ ମିଶ୍ର ଓ ସଚ୍ଚିକାନ୍ତ ମିଶ୍ର ମଧ୍ୟ ବିଜେପିର କର୍ମକର୍ତ୍ତା ଥିଲେ । ସେମାନେ ଗିରଫ ହେବାର କିଛି ସମୟ ପୂର୍ବରୁ ସେମାନଙ୍କୁ ବିଜେପିର ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବନ କରିଥିଲେ ଦଳର ରାଜ୍ୟ ସଭାପତି ମନମୋହନ ସାମଲ । ସଞ୍ଜୀବ ଓ ସଚ୍ଚିକାନ୍ତଙ୍କ ପୂର୍ବରୁ କର୍ପୋରେଟର ଅପରୂପ ନାରାୟଣ ରାଉତ, ରଶ୍ମି ରଞ୍ଜନ ମହାପାତ୍ର ଓ ଦେବାଶିଷ ପ୍ରଧାନଙ୍କୁ ଗିରଫ କରିଥିଲା ପୁଲିସ । କୋର୍ଟରେ ଅପରୂପ, ରଶ୍ମି ଓ ଦେବାଶିଷଙ୍କ ଜାମିନ ନାମଞ୍ଜୁର ହୋଇଯିବାରୁ ସେମାନଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଛି ।ଏହି ଘଟଣା ପାଇଁ ସଞ୍ଜୀବ ଓ ସଚ୍ଚିକାନ୍ତଙ୍କ ସହିତ କର୍ପୋରେଟର ଅପରୂପ ନାରାୟଣ ରାଉତ, ରଶ୍ମି ରଞ୍ଜନ ମହାପାତ୍ର ଓ ଦେବାଶିଷ ପ୍ରଧାନଙ୍କୁ ବିଜେପି ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବନ କରିଛି ।

## ଗେଷ୍ଟ ହାଉସରେ ପ୍ରେମିକାଙ୍କୁ ଛୁରୀ ଭୂଷି ହତ୍ୟା

**ବ୍ରହ୍ମପୁର, ୧୭(ମହାଭାରତ):** ଗଞ୍ଜାମ ଜିଲାରେ ଆଇନଶୃଙ୍ଖଳା ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି । ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାକୁ ଜାତୀୟସ୍ତରରେ ନିନ୍ଦା କରାଯାଉଛି । ନାବାଳିକା ବଳାତ୍କାର ଘଟଣା ଦିନକୁ ଦିନ ବଢୁଛି । ସେହି ଅନୁପାତରେ ଗତ ୪ ଦିନ ମଧ୍ୟରେ ୫ଗୋଟି ମୁଣ୍ଡ ଗଡ଼ି ସାରିଲାଣି । ଶନିବାର ଦିଗପହଣ୍ଡି, ରବିବାର ଛତ୍ରପୁର, ସୋମବାର ବେଗୁନିଆପଡା ଓ ମଙ୍ଗଳବାର ସକାଳେ ଛତ୍ରପୁର ଓ ସନ୍ଧ୍ୟାରେ ବ୍ରହ୍ମପୁରରେ ହତ୍ୟାକାଣ୍ଡ ଘଟିଛି । ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ନୂଆ । ବସଷ୍ଟାଣ୍ଡ ନିକଟରେ ଥିବା ପୁଷ୍ପାଞ୍ଜଳି ଗେଷ୍ଟ ହାଉସରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ଯୁବତୀଙ୍କୁ ହତ୍ୟା କରାଯାଇଛି । ହତ୍ୟାକାରୀଜଣଙ୍କ ତାଙ୍କ ପ୍ରେମିକ ବୋଲି ଜଣାପଡ଼ିଛି । ସେ ପ୍ରେମିକାଙ୍କୁ ହତ୍ୟା କରିବା ପରେ ଗୋଶାଣିନୂଆଗାଁ ଥାନାରେ ଆତ୍ମସମର୍ପଣ କରିଛନ୍ତି ।

## ଲୁଟ୍‌ନେଲେ ୧୦ ଲକ୍ଷର ଗହଣା

**ବୈଶିଙ୍ଗା, ୧୭ (ମହାଭାରତ) :** ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ଆଗ୍ରିଆ । ଉପକଣ୍ଠ ବିଶ୍ରାମପୁର ଗ୍ରାମରେ ଏକ ବଡ଼ ଧରଣର ଡ଼କାୟତି ହୋଇଛି । ଜଣେ ବ୍ୟକ୍ତିଙ୍କ ଘରୁ ଲୁଟ୍ କରିବା ପାଇଁ ଅପେକ୍ଷା କରିଥିବା ସୁଯୋଗକୁ ବ୍ୟବହାର କରିଛନ୍ତି । ଦୁର୍ବୃତ୍ତମାନେ ଘର ତାଲା ସହିତ ଆଲମିରା ଲକର ଭାଙ୍ଗି ୧୦ଲକ୍ଷରୁ ଅଧିକ ଟଙ୍କାର ସୁନାରୂପା ଗହଣା ଲୁଟିନେଇଛନ୍ତି ।

ତେବେ ଭୟଭୀତ ହୋଇ ଘର ଭିତରକୁ ପ୍ରବେଶ କରି ଦେଖିବାକୁ ପାଇଥିଲେ କି ତାଙ୍କ ମା' ଓ ଭଉଣୀଙ୍କ ଶୋଇବା ଘରେ ଥିବା ୨ଟି ଆଲମିରା ଖୋଲାଥିବା ସହିତ ଲକର ତାଲା ଭଙ୍ଗା ଯାଇଛି । ଲକର ଭିତରେ ଥିବା ୫ଟି ସୁନା ହାର, ୪ହଳ ସୁନା ପାଲା, ୫ହଳ ସୁନା କାନ ଫୁଲ, ୫ଟି ସୁନା ମୁଦି, ୨ହଳ ସୁନା ଚୁଡ଼ି, ୨ଟି ସୁନା ବାହୁଟି ସମେତ ୩ଭରି ଓଜନର ରୁପା ଗହଣା ଲୁଟି ନେଇଛନ୍ତି ଦୁର୍ବୃତ୍ତ । ଏନେଇ ଉଦ୍‌ବେଜିତ ସଙ୍ଗେ ସଙ୍ଗେ ବୈଶିଙ୍ଗା ପୁଲିସକୁ ଖବର ଦେଇଥିଲେ । ଏଏସଆଇ ପ୍ରଦୀପ କୁମାର ଦେ ସଦଳବଳ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରି ଫେରିଥିବାବେଳେ ଦୁର୍ବୃତ୍ତମାନେ ମୁଖ୍ୟ ଫାଟକ ତାଲା ନଭାଙ୍ଗି ବାଡ଼ ଡେଇଁ ଘର ଏରିଆ । ଭିତରକୁ ପଶିଥିବା ନେଇ ନିଶ୍ଚିତ ହୋଇଥିଲେ । ଖୁବଶୀଘ୍ର ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସହିତ ତଦନ୍ତକୁ ତ୍ୱରାନ୍ୱିତ କରିବା ନେଇ ସୂଚନା ଦେଇଛନ୍ତି ।

# ପ୍ରଶାସନିକ ଅଧିକାରୀ ଛୁଟିରେ ଗଲେ

**ଭୁବନେଶ୍ୱର, ୧୭(ମହାଭାରତ):** ଭୁବନେଶ୍ୱର ମହାନନଗର ନିଗମ (ବିଏମ୍‌ସି)ର ଅତିରିକ୍ତ କମିସନର ରତ୍ନାକର ସାହୁଙ୍କୁ ଆକ୍ରମଣ ମାମଲାରେ ରାଜ୍ୟର ୧୭ଟି ଜିଲ୍ଲାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଛୁଟିରେ ଯାଇଛନ୍ତି ଓଏଏସ୍ ଓ ଓଆରଏସ ଅଫିସର ।



ଏହି ଘଟଣାର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଦାବି କରିଛି ରାଜ୍ୟ ଓଏଏସ୍ ସଂଘ । ଏଥିପାଇଁ ସରକାରଙ୍କୁ ୨୪ ଘଣ୍ଟା ମହଲତ ଦେଇଛି ସଂଘ । କଟକ, ଜଗତସିଂହପୁର, ଭଦ୍ରକ, ରାୟଗଡା, ଦେବଗଡ, ଝାରସୁଗୁଡ଼ା, ଅନୁଗୁଳ, ନୂଆପଡା, ସୁବର୍ଣ୍ଣପୁର, ନବରଙ୍ଗପୁର, ବାଲେଶ୍ୱର, ଗଞ୍ଜାମ, କନ୍ଧମାଳ, ବଲାଙ୍ଗିର, ସମ୍ବଲପୁର, କେନ୍ଦୁଝର ଓ ଯାଜପୁର ଜିଲ୍ଲାରେ ସମୂହ ଛୁଟିରେ ଯାଇଛନ୍ତି ଓଏଏସ ଓ ଓଆରଏସ୍ ଅଫିସରମାନେ । ଏହି ମାମଲାରେ କୌଣସି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ନ ହେବା ଯାଏଁ ସେମାନେ ଛୁଟିରେ ରହିବେ ବୋଲି କହିଛନ୍ତି ।

ଜଗତସିଂହପୁର ଜ଼ିଲ୍ଲାରେ ସମସ୍ତ ଓଏଏସ୍ ଅଧିକାରୀମାନେ ସମୂହ ଛୁଟିରେ ରହିଛନ୍ତି ଓ କଲମ ଛାଡ଼ିଛନ୍ତି । ଏନେଇ ଅଧିକାରୀମାନେ ଆଜି ଜ଼ିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଏକ ବୈଠକରେ ଏହି ନିଷ୍ପତ୍ତି ନେଇଛନ୍ତି । ସେମାନେ ଏକ ବୈଠକ କରି ଜ଼ିଲ୍ଲାପାଳଙ୍କୁ ଏକ ଲିଖିତ ଦରଖସ୍ତ ଦେଇଛନ୍ତି । ଏଥିରେ ଜ଼ିଲ୍ଲାର ସମସ୍ତ ଡେପୁଟି କଲେକ୍ଟର, ଅତିରିକ୍ତ ଜ଼ିଲ୍ଲାପାଳ, ଉପଜ଼ିଲ୍ଲାପାଳ, ପିଡିଡିଆରଡିଏ, ବିଡ଼ିଓ, ତହସିଲଦାର ପ୍ରଭୃତି ଅଧିକାରୀମାନେ ସମୂହ କଲମ ଛାଡ଼ ସହିତ ଅନିର୍ଦ୍ଦିଷ୍ଟ କଳା ପାଇଁ ସମୂହ ଛୁଟିରେ ରହିଛନ୍ତି । ଏଥି ନେଇ ଜ଼ିଲ୍ଲାରେ ସମସ୍ତ କାର୍ଯ୍ୟ ଠପ ହୋଇଯାଇଛି । ଜନସାଧାରଣ ନାହିଁ ନଥିବା ହଇରାଣର ସାମ୍ନା କରୁଛନ୍ତି ।ସେହିପରି ଝାରସୁଗୁଡାରେ ମଧ୍ୟ ସମସ୍ତ ଓଏଏସ ଅଧିକାରୀ ସମୂହ ଛୁଟିରେ ଯାଇଛନ୍ତି । ଏହି କାରଣରୁ ଜନସାଧାରଣଙ୍କ ବିଭିନ୍ନ କାମ ଅଟକି ରହିଛି । ସୁନ୍ଦରଗଡ଼ ଓଏଏସ୍ ସଂଘ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କଲମ ଛାଡ଼ ଆନ୍‌ଦୋଳନ ଡ଼ାକରା ଦିଆଯାଇଛି । ଓଏଏସ ସଙ୍ଘ ପକ୍ଷରୁ ଜିଲ୍ଲା ଶାଖା ସଭାପତି ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ମାଝୀଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ଏହାକୁ ଅମାନୁଷିକ, ବର୍ବରୋଚିତ ବୋଲି କହି ଜିଲ୍ଲା ଓଏଏସ ସଂଘ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି । ପୁରୀରେ ଓଏଏସ ସଂଘର ଗୁରୁତ୍ୱପୂର୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏନେଇ ସଂଘ ଗୋଟିଏ ଦିନ ସମୟ ଦେଇଛି । ଆସନ୍ତାକାଲି (ବୁଧବାର) ସୁଦ୍ଧା କାର୍ଯ୍ୟାନୁଷ୍ଠାନ ନହେଲେ ସବୁ ଅଫିସର ସମୂହ ଛୁଟିରେ ଯିବେ ବୋଲି ସଂଘ କହିଛି । ରଥଯାତ୍ରାରେ କାମ ବନ୍ଦ ନିଷ୍ପତ୍ତିକୁ ଅଧିକାଂଶ ଅଫିସର ଗ୍ରହଣ କଲେନି । ଏଣୁ ଗୋଟିଏ ଦିନ ସମୟ ଦେବାକୁ ସାମୂହିକ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହି ଘଟଣାକୁ ବିରୋଧ କରି ଭଦ୍ରକ ଓଏଏସ ତଥା ଓଆର୍ଏସ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆନ୍‌ଦୋଳନ କରାଯାଇଛି । ଏଭଳି ନିନ୍ଦନୀୟ କାର୍ଯ୍ୟକୁ ସଂଘ ପକ୍ଷରୁ ନିନ୍ଦା କରାଯାଇ ଜିଲ୍ଲାପାଳଙ୍କୁ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ପତ୍ର ପ୍ରଦାନ କରାଯାଇଛି । ନବରଙ୍ଗପୁର ଓଏଏସ ସଂଘ ମଧ୍ୟ ଛୁଟିରେ ଯାଇଛନ୍ତି ।

# ଇଏଲଆଇ ଯୋଜନାକୁ କ୍ୟାବିନେଟ୍ ମଞ୍ଜୁରୀ

ନୂଆଦିଲ୍ଲୀ, ୧୭(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ନିଯୁକ୍ତି ଭିତ୍ତିକ ପ୍ରୋତ୍ସାହନ (ଇଏଲଆଇ) ଯୋଜନାକୁ ଅନୁମୋଦନ କରିଛି । ଏହି ଯୋଜନାରେ ଉତ୍ପାଦନ କ୍ଷେତ୍ର ଉପରେ ବିଶେଷ ଗୁରୁତ୍ୱ ଦିଆଯାଇ ସବୁ କ୍ଷେତ୍ରରେ ଚାକିରି ସୃଷ୍ଟି, ନିଯୁକ୍ତି ଯୋଗ୍ୟତା ଏବଂ ସାମାଜିକ ସୁରକ୍ଷା ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ।



ଇଏଲଆଇ ଯୋଜନା ଅଧୀନରେ, ପ୍ରଥମ ଥର କାମକରୁଥିବା ପାଇଁ କର୍ମଚାରୀମାନେ ଗୋଟିଏ ମାସର ଦରମା (୧୫,୦୦୦ ଟଙ୍କା ପର୍ଯ୍ୟନ୍ତ) ପାଇବେ । ନିଯୁକ୍ତିଦାତାମାନଙ୍କୁ ଦୁଇ ବର୍ଷ ଲାଗି ଅତିରିକ୍ତ ନିଯୁକ୍ତି ସୃଷ୍ଟି କରିବା ପାଇଁ ପ୍ରୋତ୍ସାହନ ଦିଆଯିବ । ଉତ୍ପାଦନ କ୍ଷେତ୍ର ପାଇଁ ଲାଭକୁ ଦୁଇ ବର୍ଷ ପାଇଁ ବୃଦ୍ଧି କରାଯିବ । ମୋଟ ୨ ଲକ୍ଷ କୋଟି ଟଙ୍କାର ବଜେଟ୍ ବ୍ୟୟବରାଦ ସହିତ ୨୦୨୪-୨୫ କେନ୍ଦ୍ର ବଜେଟରେ ପ୍ରଧାନମନ୍ତ୍ରୀଙ୍କ ପାଂଚଟି ଯୋଜନାର ପ୍ୟାକେଜର ଅଂଶ ଭାବରେ ଇଏଲଆଇ ଯୋଜନା ଘୋଷଣା କରାଯାଇଥିଲା ।

୯୯,୪୪୬ କୋଟି ଟଙ୍କାର ବ୍ୟୟବରାଦ ସହିତ ଇଏଲଆଇ ଯୋଜନାର ଲକ୍ଷ୍ୟ ହେଉଛି ୨ ବର୍ଷ ମଧ୍ୟରେ ଦେଶରେ ୩.୫ କୋଟିରୁ ଅଧିକ ନିଯୁକ୍ତି ସୃଷ୍ଟି କରିବା । ଏଥିମଧ୍ୟରୁ ୧.୯୨ କୋଟି ହିତାଧିକାରୀ ପ୍ରଥମ ଥର ପାଇଁ କର୍ମଶକ୍ତିରେ ପ୍ରବେଶ କରିବେ । ଏହି ଯୋଜନାର ଲାଭ ୧ ଅଗଷ୍ଟ, ୨୦୨୫ ରୁ ୩୧ ଜୁଲାଇ, ୨୦୨୭ ମଧ୍ୟରେ ସୃଷ୍ଟି ହୋଇଥିବା ନିଯୁକ୍ତି ପାଇଁ ପ୍ରଯୁଜ୍ୟ ହେବ ।ଏହି ଯୋଜନାର ଦୁଇଟି ଅଂଶ ଅଛି, ପ୍ରଥମ ଥର ଆବେଦନକାରୀଙ୍କ ଉପରେ ଭାଗ-କ ଏବଂ ନିଯୁକ୍ତିଦାତାଙ୍କ ଉପରେ ଭାଗ-ଖ କେନ୍ଦ୍ରିତ: ଭାଗ କ: ପ୍ରଥମ ଥର କାମ କରୁଥିବା କର୍ମଚାରୀଙ୍କ ପାଇଁ ପ୍ରୋତ୍ସାହନ: ଇପିଏଫଓରେ ପଞ୍ଜିକୃତ ପ୍ରଥମ ଥର ପାଇଁ କର୍ମଚାରୀଙ୍କୁ ଦୃଷ୍ଟିରେ ରଖି, ଏହି ଭାଗ ଦୁଇଟି କିସ୍ତିରେ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ଏକ ମାସର ଇପିଏଫ ଦରମା ପ୍ରଦାନ କରିବ । ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦରମା ଥିବା କର୍ମଚାରୀମାନେ ଏଥିପାଇଁ ଯୋଗ୍ୟ ହେବେ । ପ୍ରଥମ କିସ୍ତି ୬ ମାସର ସେବା ପରେ ଏବଂ ଦ୍ୱିତୀୟ କିସ୍ତି ୧୨ ମାସର ସେବା ଏବଂ କର୍ମଚାରୀଙ୍କ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ସମାପ୍ତ ହେବା ପରେ ପ୍ରଦାନ କରାଯିବ । ସଂଚୟ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ, ପ୍ରୋତ୍ସାହନ ରାଶିର ଏକ ଅଂଶ ଏକ ନିର୍ଦ୍ଦିଷ୍ଟ ଅବଧି ପାଇଁ ଜମା ଖାତାର ସଂଚୟ ଉପକରଣରେ ରଖାଯିବ ଏବଂ ପରବର୍ତ୍ତୀ ସମୟରେ କର୍ମଚାରୀ ଏହାକୁ ଉଠାଇପାରିବେ ।ଏହି ଭାଗ ସମସ୍ତ କ୍ଷେତ୍ରରେ ଅତିରିକ୍ତ ନିଯୁକ୍ତି ସୃଷ୍ଟିକୁ ଅନ୍ତର୍ଭୁକ୍ତ କରିବ, ବିଶେଷ ଭାବରେ ଉତ୍ପାଦନ କ୍ଷେତ୍ର ଉପରେ ଧ୍ୟାନ ଦିଆଯିବ । ନିଯୁକ୍ତିଦାତାମାନେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦରମା ଥିବା କର୍ମଚାରୀଙ୍କ ପାଇଁ ପ୍ରୋତ୍ସାହନ ପାଇବେ । ସରକାର ଅତି କମରେ ଛଅ ମାସ ପାଇଁ ନିରନ୍ତର ନିଯୁକ୍ତି ସହିତ ପ୍ରତ୍ୟେକ ଅତିରିକ୍ତ କର୍ମଚାରୀଙ୍କ ପାଇଁ ଦୁଇ ବର୍ଷ ପାଇଁ ପ୍ରତି ମାସରେ ୩୦୦୦ ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ଦେବେ । ଉତ୍ପାଦନ କ୍ଷେତ୍ର ପାଇଁ ତୃତୀୟ ଏବଂ ଚତୁର୍ଥ ବର୍ଷ ପର୍ଯ୍ୟନ୍ତ ପ୍ରୋତ୍ସାହନକୁ ବିସ୍ତାର କରାଯିବ ।

# ଆସୁଛି ଆଉ ଏକ ଲଘୁଚାପ

ଭୁବନେଶ୍ୱର, ୧୭(ମହାଭାରତ): ଜୁଲାଇ ୬ରେ ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାକୁ ଯାଉଛି । ଏହାର ପ୍ରଭାବରେ ପଶ୍ଚିମ ଓଡ଼ିଶା, ଉତ୍ତର ଓଡ଼ିଶା ଓ ଛତିଶଗଡ଼ରେ ବର୍ଷା ବଢ଼ିବ । ସମ୍ଭାବ୍ୟ ଲଘୁଚାପ ଯୋଗୁଁ ମହାନଦୀ ଓ ବ୍ରାହ୍ମଣୀ ବେସିନରେ ବର୍ଷା ହେବ । ଛତିଶଗଡ଼ ଉପରମୁଣ୍ଡରେ ବର୍ଷା ହେଲେ ମହାନଦୀ ଫୁଲିବାର ସମ୍ଭାବନା ଅଛି । ହୀରାକୁଦରେ ଏବେ ୬୦୦ ଫୁଟ୍ ପାଖାପାଖି ପାଣି ରହିଛି । ତେଣୁ ଛତିଶଗଡ଼ପାଣି ଛାଡ଼ିଲେ ହୀରାକୁଦ ଦେଇ ତଳମୁଣ୍ଡରେ ଜଳସ୍ତର ବଢ଼ିବା ସହ ବନ୍ୟା ଆସିବାର ଆଶଙ୍କା ରହିଛି । ଏହାସହିତ ବ୍ରାହ୍ମଣୀ ନଦୀରେ ମଧ୍ୟ ବନ୍ୟା ହେବାର ଆଶଙ୍କା କରାଯାଉଛି । ଲଘୁଚାପ ଏବେ ସକ୍ରିୟ ରହିଛି, ଝାଡ଼ଖଣ୍ଡ ମୁହାଁ ଲଘୁଚାପ । ଏହାର ପ୍ରଭାବରେ ଆସନ୍ତାକାଲି ସକାଳ ଯାଏ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି । ଏହାପରେ ଆସନ୍ତାକାଲି ପାଇଁ ସୁନ୍ଦରଗଡ଼, କେଉଁଝର, ମୟୂରଭଞ୍ଜରେ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ଆଲର୍ଟ ଦେଇଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର । ତା ସହିତ ସମୁଦ୍ର ନ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ମଧ୍ୟ ସତର୍କ ସୂଚନା ଜାରି କରାଯାଇଛି ।ସୂଚନାଯୋଗ୍ୟ ଯେ, ୩ ଜୁଲାଇରୁ ବର୍ଷା କମିବ ଜୁନରେ ରାଜ୍ୟରେ ୧୭ ପ୍ରତିଶତରୁ ଅଧିକ ବର୍ଷା ରେକର୍ଡ ହୋଇଛି ।୧୨ ଜିଲ୍ଲାରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଛି । ତେବେ ଆଉ ଏକ ଲଘୁଚାପ ଆସିଲେ ଓ ମହାନଦୀରେ ବନ୍ୟା ହେଲେ ଏହାର ମୁକାବିଲା କରିବା ସରକାରଙ୍କ ପାଇଁ ବଡ ଚ୍ୟାଲେଞ୍ଜ ହେବ । ରାଜ୍ୟରେ କିଛି ଦିନ ହେଲା ବର୍ଷା ଜାରି ଅଛି । ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଏହା ଜାରି ରହିବାର ସମ୍ଭାବନା ରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ତରଫରୁ ଏହି ସୂଚନା ଦିଆଯାଇଛି । ପାଣିପାଗ ବିଭାଗ ପକ୍ଷରୁ ବୁଧବାର ପାଇଁ ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ସମ୍ବଲପୁର ଜିଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି ।



ଏନେଇ ସ୍ୱତନ୍ତ୍ର ରିଲିଫ କମିସନର (ଏସ୍‌ଆରସି)ଙ୍କ ପକ୍ଷରୁ ପରାମର୍ଶ ଜାରି କରାଯାଇଛି । ଏସ୍‌ଆରସି ପକ୍ଷରୁ କୁହାଯାଇଛି ଯେ, ଯେଉଁ ଜିଲ୍ଲାଗୁଡିକ ପାଇଁ ଅରେଞ୍ଜ ଏବଂ ୟୋଲୋ ୱାର୍ଣ୍ଣିଂ ଜାରି କରାଯାଇଛି, ସେଠାକାର ପ୍ରଶାସନ ପରିସ୍ଥିତି ମୁକାବିଲା ପାଇଁ ସତର୍କ ରୁହନ୍ତୁ । ବର୍ଷା ଓ ବଜ୍ରପାତ ସମୟରେ ଲୋକେ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରନ୍ତୁ । ଜଳଭର୍ତ୍ତି ଥିବା ସ୍ଥାନକୁ ଯାଆନ୍ତୁ ନାହିଁ । ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ମତ୍ସ୍ୟଜୀବୀମାନେ ସମୁଦ୍ର ଭିତରକୁ ଯାଆନ୍ତୁ ନାହିଁ । ବର୍ଷା ପରେ ସ୍ଥାନୀୟ ପ୍ରଶାସନ କ୍ଷୟକ୍ଷତିଜନିତ ରିପୋର୍ଟ ପ୍ରସ୍ତୁତ କରନ୍ତୁ ।

## ଯୁବତୀଙ୍କୁ ମାରି ଫିଙ୍ଗିଦେଲେ

ଦେବଗଡ଼/ଯାଜପୁର, ୧୭(ମହାଭାରତ): ରାଜ୍ୟରେ ମହିଳାମାନେ ଦିନକୁଦିନ ଅସୁରକ୍ଷିତ ଆଡ଼କୁ ଠେଲି ହୋଇଯାଉଥିବା ଦୃଷ୍ଟି ଗୋଚର ହେଉଛି । ଆଜି ଦୁଇ ଜଣ ଯୁବତୀଙ୍କ ମୃତଦେହ ଉଦ୍ଧାର ହୋଇଛି ।ଗୋଟିଏ ଘଟଣା ଗଂଜାମ ଜିଲ୍ଲା ବ୍ରହ୍ମପୁରରେ ଘଟିଥିବା ବେଳେ ଅନ୍ୟଟି ଦେବଗଡ଼ ଜିଲ୍ଲା କୁଣ୍ଡେଇଗୋଳା ଅଞ୍ଚଳରେ ଦେଖିବାକୁ ମିଳିଛି । ସେହିପରି ଯାଜପୁରରେ ମହିଳାଙ୍କୁ ଗଣଦୁଷ୍କର୍ମ ଘଟଣା ଘଟିଛି ।

ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ କୁଣ୍ଡେଇଗୋଳା ଥାନା ବୁଢ଼ାପାଳ ପଞ୍ଚାୟତ ଅନ୍ତର୍ଗତ ଠିଆନାଳ ଗ୍ରାମ ନାଳରୁ ଜଣେ ଅଚିହ୍ନା ଯୁବତୀର ମୃତଦେହ ଉଦ୍ଧାର ହୋଇଛି । ଯୁବତୀଙ୍କୁ ମାରି ଫିଙ୍ଗି ଦିଆଯାଇଥିବା ସନ୍ଦେହ କରାଯାଉଛି । ଖବର ପାଇ କୁଣ୍ଡେଇଗୋଳା ଥାନା ଅଧିକାରୀ ଜୋହ୍ନ କୁଜୁର ସଦଳବଳେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଯୁବତୀଙ୍କ ମୃତଦେହ ୫ ଦିନରୁ ଊର୍ଦ୍ଧ୍ୱ ହେଲା ପଡ଼ି ରହିଥିବା ସନ୍ଦେହ କରାଯାଉଛି ।ମୁହଁରେ କପଡ଼ା ବନ୍ଧା ଥିବାରୁ ପରିଚୟ ମିଳି ପାରିନାହିଁ ।ଆସନ୍ତାକାଲି ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ପରୀକ୍ଷା ନିରୀକ୍ଷା ପରେ ଜଣାପଡ଼ିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

ଯାଜପୁର ଜିଲ୍ଲା ବୈରୀ ଥାନା ଅଧିନ ଭଲୁଖାଇ ନିକଟରେ ଜଣେ ଆଦିବାସୀ ଯୁବତୀଙ୍କୁ ଗଣଦୁଷ୍କର୍ମ ହୋଇଥିବା ଜଣାପଡ଼ିଛି ।ଛେଳି ଚରାଇବାକୁ ଯାଇଥିବା ବେଳେ ଏହି ଘଟଣା ଘଟିଛି । ପୀଡ଼ିତାଙ୍କ ଅଭିଯୋଗ କ୍ରମେ ପୁଲିସ ଦୁଇ ଅଭିଯୁକ୍ତ ଭଜମନ ଭୋଇ ଓ ଈଷତ ହେମ୍ବ୍ରମଙ୍କୁ ଚାରି କିଲୋମିଟର ପିଛା କରି ଧରିବାରେ ସକ୍ଷମ ହୋଇଛି । ଅଭିଯୁକ୍ତମାନଙ୍କୁ ପୁଲିସ ଥାନାରେ ଅଟକ ରଖିପଚରାଉଚୁରା କରୁଛି ।

# ୯୦୦ ଫୁଟ ତଳକୁ ଖସି ଆସିଥିଲା ଏଆଇ ବିମାନ

ନୂଆଦିଲ୍ଲୀ, ୧୭(ମହାଭାରତ): ଜୁନ୍ ୧୨ ତାରିଖରେ ଅହମଦାବାଦରେ ଘଟିଥିବା ଭୟାବହ ଏୟାର ଇଣ୍ଡିଆର ବିମାନ ଦୁର୍ଘଟଣା ଦେଶକୁ ସ୍ତବ୍ଧ କରି ଦେଇଛି । ବିମାନ ବିସ୍ଫୋରଣର ସେ ଲୋମଟାଙ୍କୁରା ଦୃଶ୍ୟ ଆଜି ଯାଏଁ ଆଖିରୁ ଲିଭି ନାହିଁ । ଏଭଳି ସମୟରେ ଏୟାର ଇଣ୍ଡିଆର ଆଉ ଏକ ବିମାନ ଦୁର୍ଘଟଣା ଘଟିବାରୁ ଅଳ୍ପକେ ବର୍ତ୍ତି ଯାଇଥିବା କୁହାଯାଉଛି । ଦିଲ୍ଲୀରୁ ଭିଏନା ଯାଉଥିବା ବିମାନ ଏଆଇ ୧୮୭ ଉଡ଼ିବାର କିଛି ସମୟ ପରେ ପାଇଲଟ ବିମାନରେ ଯାନ୍ତ୍ରିକ ତ୍ରୁଟି ଥିବା ଅନୁଭବ କରିଥିଲେ । ଯାହା ପରେ ବିମାନଟି ପ୍ରାୟ ୯୦୦ ଫୁଟ ତଳକୁ ଖସି ଆସିଥିଲା । ସୌଭାଗ୍ୟବଶତଃ ବିମାନଟି ଦୁର୍ଘଟଣାଗ୍ରସ୍ତ ହେବାରୁ ଅଳ୍ପକେ ରକ୍ଷା ପାଇଯାଇଥିଲା ।



ସୂଚନା ଅନୁଯାୟୀ, ଜୁନ୍ ୧୪ ତାରିଖରେ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଉଡ଼ାଣ ଆରମ୍ଭ କରିବାର କିଛି ମିନିଟ୍ ପରେ ଏୟାର ଇଣ୍ଡିଆର ବୋଇଂ ୭୭୭ ବିମାନ ହଠାତ ବିପଦପୂର୍ଣ୍ଣ ଭାବରେ ତଳକୁ ଖସି ଆସିବା ଆରମ୍ଭ କରିଥିଲା । ପାଇଲଟ୍ କକପିଟ୍ ଭିତରେ ଯାନ୍ତ୍ରିକ ତ୍ରୁଟି ଥିବା ଅନୁଭବ କରିଥିଲେ ।

ଏହି ସମୟ ମଧ୍ୟରେ, 'ଷ୍ଟିକ୍ ସେକର୍' ଆଲର୍ଟ ମଧ୍ୟ ସକ୍ରିୟ ହୋଇ ଯାଇଥିଲାଲା - ଅର୍ଥାତ କକପିଟର ନିୟନ୍ତ୍ରଣ ସ୍ତମ୍ଭ ଥରିବାକୁ ଲାଗିଥିଲା ଏବଂ ପାଇଲଟଙ୍କୁ ତୁରନ୍ତ ବିପଦ ବିଷୟରେ ଅବଗତ କରାଯାଇଥିଲା । ପାଇଲଟ୍ ତୁରନ୍ତ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ ଏବଂ ବିମାନକୁ ସଠିକ୍ ଉଚ୍ଚତାକୁ ଆଣି ଉଡ଼ାଣ ଜାରି ରଖିଥିଲେ । ଏହି ଘଟଣାରେ କୌଣସି ପ୍ରକାର କ୍ଷୟ କ୍ଷତି ହୋଇ ନଥିବା ବେଳେ ୯ ଘଣ୍ଟା ୮ ମିନିଟ୍ ଉଡ଼ାଣ ପରେ ବିମାନଟିକୁ ସୁରକ୍ଷିତ ଭାବରେ ଭିଏନାରେ ପାଇଲଟ ଅବତରଣ କରିଥିଲେ ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପାଇଲଟ୍ ଦେଇଥିବା ରିପୋର୍ଟରେ କେବଳ ଏତିକି ଲେଖାଯାଇଥିଲା ଯେ 'ଉଡ଼ାଣ ପରେ ଟର୍ବୁଲେନ୍ସ ଯୋଗୁଁ 'ଷ୍ଟିକ୍ ସେକର୍' ଆଲର୍ଟ ସକ୍ରିୟ ହୋଇଥିଲା' ଅନ୍ୟ ଚେତାବନୀ ବିଷୟରେ କୌଣସି ସୂଚନା ଦିଆଯାଇ ନଥିଲା ।

ତଥାପି, ଡିଜିସିଏ ଦୁର୍ଘଟଣାର ଗମ୍ଭୀରତାକୁ ବିଚାର କରି ଫ୍ଲାଇଟ୍ ଡାଟା ରେକର୍ଡର୍ (ଡିଏଫଡିଆର) ଯାଞ୍ଚ କରିଥିଲେ । ଏହାପରେ ଜଣାପଡିଥିଲା ଯେ 'ଜିପିଡବ୍ଲୁଏସ୍ ଡୋଣ୍ଟ ସିଙ୍କ ଏବଂ 'ଷ୍ଟଲ୍ ୱାର୍ଣ୍ଣିଂ' ଭଳି ଗମ୍ଭୀର ଚେତାବନୀ ମଧ୍ୟ ଆସିଥିଲା । ଏହି ମାମଲାରେ ଏୟାର ଇଣ୍ଡିଆର ମୁଖପାତ୍ର ଏକ ବିବୃତ୍ତି ଜାରି କରି କହିଛନ୍ତି, ପାଇଲଟଙ୍କ ରିପୋର୍ଟ ପାଇବା ପରେ, ନିୟମ ଅନୁଯାୟୀ ଡିଜିସିଏଙ୍କୁ ଏହି ବିଷୟ ଅବଗତ କରାଯାଇଥିଲା ।

## ମାଛ ମୁସ୍କା



**ଆବଶ୍ୟକୀୟ ସାମଗ୍ରୀ :** ମାଛ ୫୦୦ ଗ୍ରାମ, ଛୋଟ ଛୋଟ କଟା ଅଦା ୧ ଚାମଚ, କଟା ରସୁଣ ୧ ଚାମଚ, ୨ଟି କଟା ପିଆଜ, ଗୋଟେ ସିଝା ଆଳୁ, ୧ ଛୋଟ ଚାମଚ ହଳଦି ଗୁଣ୍ଡ, ୧ ଚାମଚ ଲଙ୍କା ଗୁଣ୍ଡ, ୧ ଚାମଚ ଗୋଲ ମରିଚ ଗୁଣ୍ଡ, ୨ କପ୍ ତେଲ, ଲୁଣ ସ୍ୱାଦ ଅନୁସାର, ଭଜା ବ୍ରେଡ ଗୁଣ୍ଡ, ଧନିଆ ପତ୍ର ଓ କର୍ନଫ୍ଲୋର।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ ଏକ ବାଉଲରେ ଦୁଇ କପ୍ ପାଣି ପକାନ୍ତୁ। ସେଥିରେ ଲୁଣ ଏବଂ ହଳଦୀ ପକାଇ ୧୦ ମିନିଟ୍ ମାଛକୁ ସିଝାଇ ଦିଅନ୍ତୁ। ଏହାପରେ ସିଝା ମଛରୁ କଣ୍ଟାକୁ ଭଲଭାବେ ବାହାର କରି ଦିଅନ୍ତୁ। ତା'ପରେ ମଛରେ ସିଝା ଆଳୁ, କଟା ପିଆଜ, ରୁଷଣ, ଅଦା, ଲଙ୍କା ଗୁଣ୍ଡ, ଗୋଳ ମରିଚ ଗୁଣ୍ଡ, ଧନିଆ ପତ୍ର, ସ୍ୱାଦ ଅନୁସାରେ ଲୁଣ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାପରେ ଗୋଳା ହଅାଇଥିବା ମାଛକୁ ଛୋଟ ଛୋଟ ଆକାରରେ ଗୋଲ କରିଦିଅନ୍ତୁ। ଏହାପରେ ଆଉ ଗୋଟିଏ ପାତ୍ରରେ ୨ କପ୍ ତେଲ ପକାଇ ଗରମ କରନ୍ତୁ। ତେଲ ଗରମ ହେବା ପରେ ଗୋଲ ଆକାର ଦିଆଯାଇଥିବା ମାଛକୁ କର୍ନଫ୍ଲୋରରେ ବୁଡାଇବା ପରେ ସେଥିରେ ବ୍ରେଡ କ୍ରମ୍ବସ୍ ଲଗାଇ ତେଲରେ ଛାଣି ଦିଅନ୍ତୁ। ଅଳ୍ପ ନାଲି ହେବା ପରେ ମାଛକୁ ପ୍ଲେଟକୁ ବାହାର କରି ପରଷନ୍ତୁ।

**····· ପରଦା ଖବର ······**

## ଦ୍ୱିତୀୟ ଥର ମାଆ ହେଲେ ଇଲିଆନା ଡି'କ୍ରୁଜ





ପୁଣି ଥରେ ମାଆ ହୋଇଛନ୍ତି ଇଲିଆନା ଡି'କ୍ରୁଜ୍। ଅଭିନେତ୍ରୀ ତାଙ୍କର ସୋସିଆଲ ମିଡିଆ ପୋଷ୍ଟରେ ଦ୍ୱିତୀୟ ଥର ପାଇଁ ମାଆ ହେବାର ଖୁସି ଖବର ଦେଇଛନ୍ତି। ଅଭିନେତ୍ରୀ ତାଙ୍କର ଦ୍ୱିତୀୟ ସନ୍ତାନର ଫଟୋ ମଧ୍ୟ ସୋସିଆଲ ମିଡିଆରେ ସେୟାର କରିଛନ୍ତି। ଇଲିଆନା ଏକ ଶିଶୁପୁତ୍ରକୁ ଜନ୍ମ ଦେଇଛନ୍ତି। ଏନେଇ ପୋଷ୍ଟରେ ଅଭିନେତ୍ରୀ ତାଙ୍କ ପୁଅର ନାମ ଏବଂ ତାଙ୍କ ଜନ୍ମ ତାରିଖ ମଧ୍ୟ ପ୍ରକାଶ କରିଛନ୍ତି। ତେବେ ୨୭ ଜୁନ ରାତିରେ ଇଲିଆନା ତାଙ୍କ ଇନଷ୍ଟାଗ୍ରାମ ପୋଷ୍ଟରେ ଦ୍ୱିତୀୟ ସନ୍ତାନ ଜନ୍ମ ହେବାର ଖୁସି ଖବର ଦେଇଥିଲେ। ଅଭିନେତ୍ରୀ ତାଙ୍କ ଦ୍ୱିତୀୟ ସନ୍ତାନର ଏକ ଝଲକ ମଧ୍ୟ ସେୟାର କରିଛନ୍ତି। ଅଭିନେତ୍ରୀ ତାଙ୍କ ପୁଅର ଏକ ବ୍ଲାକ ଆଣ୍ଡ ହ୍ୱାଇଟ ଫଟୋ ସେୟାର କରିଛନ୍ତି। ଏହା ସହିତ, ଅଭିନେତ୍ରୀ କହିଛନ୍ତି ଯେ ତାଙ୍କର ଦ୍ୱିତୀୟ ସନ୍ତାନ ୧୯ ଜୁନ୍ ୨୦୨୫ ରେ ଜନ୍ମ ହୋଇଥିଲା। ଇଲିଆନା ଏହି ଖୁସି ଖବର ପୋଷ୍ଟରେ ଲାଲ ହାର୍ଟ ଇମୋଜି ସହ କ୍ୟାପସନରେ ଲେଖିଛନ୍ତି, 'ଆମେ ବହୁତ ଖୁସି'। ଅଭିନେତ୍ରୀ ତାଙ୍କ ପୁଅର ନାମ କିନୁ ମାଇକେଲ୍ ଡୋନାଲ୍ ରଖିଛନ୍ତି। ଏହି ଖବର ଆସିବା ପରେ ଇଲିଆନାଙ୍କୁ ଛୁଟୁଛି ଶୁଭେଚ୍ଛାର ସୁଅ। ଫ୍ୟାନ୍ସ ସମେତ ତମାମ ସେଲିବ୍ରିଟି ଅଭିନେତ୍ରୀଙ୍କୁ ଶୁଭକାମନା ଜଣାଇଛନ୍ତି। ପ୍ରିୟଙ୍କା ଚୋପ୍ରା ଏବଂ ଅନେକ ସେଲିବ୍ରିଟି ଇଲିଆନାଙ୍କ ମାଆ ହେବା ପାଇଁ ଅଭିନେତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରକାଶ ଥାଉକି, ୨୦୨୩ ମସିହାର ଆରମ୍ଭରେ ରଣବୀର କପୁରଙ୍କ ସହ ଫିଲ୍ମ ବର୍ଫିରେ କାମ କରିଥିବା ଅଭିନେତ୍ରୀ ଇଲିଆନା ଗତ ବର୍ଷ ପ୍ରଥମ ଥର ପାଇଁ ମାଆ ହୋଇଥିଲେ। ସେ ତାଙ୍କର ପ୍ରଥମ ପୁଅ କୋଆ ଫୋନିକ୍ସ ଡୋଲାନଙ୍କୁ ଜନ୍ମ ଦେଇଥିଲେ।

## ଖାଆନ୍ତୁ ପଦ୍ମନାଡ଼



ପଦ୍ମ ଫୁଲ ସମସ୍ତଙ୍କର ପସନ୍ଦ। ପଦ୍ମ ଫୁଲ ମାଆ ଲକ୍ଷ୍ମୀଙ୍କ ପାଖରେ ଲାଗେ ଏବଂ ପୂଜା ପର୍ବାଣୀରେ ଲାଗେ। ପୂଜା ପାଇଁ ଫୁଲକୁ ରଖି ଆମେ ପଦ୍ମର ନାଡ ଫିଙ୍ଗି ଦେଉ। ହେଲେ ଆପଣ ଜାଣନ୍ତି କି ଶରୀର ପାଇଁ ଏହି ନାଡ କେତେ ଜରୁରୀ। ପଦ୍ମର ନାଡ ଔଷଧ ପରି କାମ କରେ।ଖାଆନ୍ତୁ ପଦ୍ମନାଡ଼ ଶରୀରରେ ବୃଦ୍ଧି ପାଉଥିବା ଓଜନକୁ କମାଏ। ପଦ୍ମନାଡ ଅଧିକ ସମୟ ଯାଏଁ ଭୋକ କରାଏ ନାହିଁ, ପେଟ ପୂରା ରଖିଥାଏ ତେଣୁ ଅଧିକ ଖାଇବାର ଆବଶ୍ୟକ ପଡେନି ତେଣୁ ଓଜନ ବଢିବାର ଆଶଙ୍କା ନଥାଏ।ପଦ୍ମନାଡ ଶରୀରରେ ପାଚନ ପ୍ରକ୍ରିୟାକୁ ଭଲ ରଖିଥାଏ। ଏଥିରେ ଥିବା ଫାଇବର କୋଷ୍ଠକାଠିନ୍ୟ ଏବଂ ପେଟଫୁଲା ସମସ୍ୟାରୁ ମୁକ୍ତି ଦିଏ।ପଦ୍ମନାଡ ନିୟମିତ ଖାଇବା ଦ୍ୱାରା ଶରୀରରେ ରକ୍ତର ଅଭାବ ଦୂର ହୁଏ। ବ୍ଲଡରେ ସୁଗାର ସହ କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ ରଖେ ପଦ୍ମନାଡ। ଲିଭର, କିଡନୀ ସମସ୍ୟାର ଔଷଧ ରୂପେ ପଦ୍ମନାଡକୁ ସେବନ କରିହେବ।

## ଶରୀରର ହାଡ଼କୁ ମଜବୁତ କରିବ ୩ଟି ଡ୍ରାଇ ଫ୍ରୁଟ୍

ଜଣେ ଯଦି ଆପଣଙ୍କୁ ପଚାରେ- ଭାଇ ! କେମିତି ଅଛୁ... ? ଆପଣ ହଁ ଭଲ ଅଛି ବୋଲି ଲମ୍ବେଇକି କୁହନ୍ତି। ଖୁସି କେବେ କେବେ ଉତ୍ସାହିତ ହୋଇ କୁହନ୍ତି ତ ପୁଣି କେତେବେଳେ ଉଦାସ ହୋଇ କୁହନ୍ତି। ମାତ୍ର ମଣିଷ ସେତେବେଳେ ଭଲ ଅଛି ବୋଲି ଭଲରେ କୁହେ ଯେତେବେଳେ ତା ଦେହ ଭଲ ଥାଏ, ସିଏ ସୁସ୍ଥ ରୁହେ। ଶରୀର ଠିକ୍ ଥିଲେ ସବୁକିଛି ଠିକ୍ ଥାଏ।ତେବେ କେବେକେବେ ଆମ ଶରୀରରେ ମାନ୍ଦାପଣ ମାଡିବସେ, ଗୋଡ ହାତ ଝିମାପଣ ଘାରେ, ହାଡ ଦୁର୍ବଳ ହେବା ପରି ଲାଗେ, ଉଠିଲେ ବସିଲେ ହାଡ ଶବ୍ଦ କରେ ତେବେ ଯଦି ଆପଣ ଏସବୁ ସମସ୍ୟାର ସମ୍ମୁଖୀନ ତେବେ ଏହି ୩ଟି ଡ୍ରାଇ ଫ୍ରୁଟ୍ ଖାଆନ୍ତୁ, ଦେଖିବେ ଦେହରେ





ଚମତ୍କାରିତା ଦେଖାଦେବ। ଶରୀରରେ ଭିଟାମିନ ବି-୧୨ କମିଲେ ଆନିମିଆ ଭଳି ସମସ୍ୟା ଦେଖାଦିଏ।ଦୃଷ୍ଟିଶକ୍ତି କମ୍ ହୁଏ, ପାଚନକ୍ରିୟାରେ ସମସ୍ୟା ହୁଏ, ଗୋଡ-ହାତ ଝିମଝିମ ପଡିବା ଭଳି ସମସ୍ୟା ଦେଖାଦିଏ। ଆଉ ଯଦି ଆପଣ ଜଣେ ସାକାହାରୀ ପ୍ରାଣୀ ତେବେ ଡାଏଟରେ ୩ ପ୍ରକାର ଡ୍ରାଇ ଫ୍ରୁଟ୍ ସାମିଲ କରନ୍ତୁ।ଶରୀରରେ ଭିଟାମିନ ବି-୧୨ ବଢାଇବା ପାଇଁ ପିସ୍ତା ବହୁତ ଭଲ କାମ କରେ।ଶରୀରରେ ଶକ୍ତି ଏବଂ ଲାଲ୍ ରକ୍ତ କଣିକା ବଢାଇବାର ଏକ ଭଲ ଉତ୍ସ। ଖଜୁରୀ ଶରୀର ପାଇଁ ବହୁତ ଭଲ ହୋଇଥାଏ। ଯଦି ଆପଣ ପ୍ରତିଦିନ ଖଜୁରୀ ଖାଇବା ଆରମ୍ଭ କରୁଛନ୍ତି ତେବେ ଭିଟାମିନ୍ ବି-୧୨ର ଅଭାବକୁ ଦୂର କରିବା ପାଇଁ ଶକ୍ତି ମିଳିବ। ଅଞ୍ଜିରରେ ଫାଇବର, ଆଇରନ, କ୍ୟାଲସିୟମ ଏବଂ ଆଣ୍ଟିଅକ୍ସିଡେଣ୍ଟସ ସହ ଭିଟାମିନ ବି-୧୨ର ମାତ୍ରା ମଧ୍ୟ ଥାଏ।

## ନିରାମିଶାଷୀ ଡାଏଟରେ ସାମିଲ କରିପାରିବେ ଏହି ୯ଟି ଜିନିଷ: ରହିବ ନାହିଁ ପ୍ରୋଟିନ୍‌ର ଅଭାବ

ସୁସ୍ଥ ରହିବା ପାଇଁ ଖାଦ୍ୟପେୟ ପ୍ରତି ବିଶେଷ ଧ୍ୟାନ ରଖିବା ଆବଶ୍ୟକ। ସୁସ୍ଥ ରହିବା ପାଇଁ ଡାଏଟରେ ପ୍ରୋଟିନ୍ ଯୁକ୍ତ ଜିନିଷ ସାମିଲ କରିବା ଅତ୍ୟନ୍ତ ଜରୁରୀ ହୋଇଥାଏ। ଶରୀରରେ ପ୍ରୋଟିନର ଅଭାବ ହେଲେ ବିଭିନ୍ନ ପ୍ରକାରର ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଆଜି ଆମେ ଜାଣିବା ନିରାମିଶାଷୀ ଲୋକେ ଡାଇଟରେ କେଉଁ ୯ଟି ଜିନିଷ ସାମିଲ କରିବା ଉଚିତ୍।



■ ବିନ୍ସ : ନିରାମିଶାଷୀ ଲୋକଙ୍କୁ ଡାଇଟରେ ବିନ୍ସକୁ ସାମିଲ କରିବା ଉଚିତ୍। ବିନ୍ସରେ ଫାଇବର ଏବଂ ପ୍ରୋଟିନ୍ ପ୍ରଚୁର ମାତ୍ରାରେ ଥାଏ ଯାହା ଶରୀରକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ। ଏକ କପ୍ ବିନ୍ସରେ ପାଖାପାଖି ୨୫.୮ଗ୍ରାମ୍ ପ୍ରୋଟିନ୍ ଥାଏ। ଆପଣ ସାଲାଡ ଭାବେ ମଧ୍ୟ ବିନ୍ ଖାଇ ପାରିବେ।

■ ଡାଲି : ଡାଲି ସ୍ୱାସ୍ଥ୍ୟ ପାଇଁ ଅଧିକ ଲାଭଦାୟକ ହୋଇଥାଏ। ଡାଲିରେ ପ୍ରୋଟିନ୍ ପ୍ରଚୁର ମାତ୍ରାରେ ଥାଏ। ସୁସ୍ଥ ରହିବା ପାଇଁ ଡାଇଟରେ ଡାଲିକୁ ସାମିଲ କରିବା ଉଚିତ୍। ଏକ କପ୍ ଡାଲିରେ ପାଖାପାଖି ୧୮ଗ୍ରାମ୍ ପ୍ରୋଟିନ୍ ମିଳିଥାଏ। ଆପଣ ଡାଲିକୁ ସୁପ୍ ଭାବେ ସେବନ କରିପାରିବେ।

■ ଡ୍ରାଇ ଫ୍ରୁଟସ୍ : ଡ୍ରାଇ ଫ୍ରୁଟସ୍ ସ୍ୱାସ୍ଥ୍ୟ ପାଇଁ ଯଥେଷ୍ଟ ଲାଭଦାୟକ ହୋଇଥାଏ। ନିରାମିଶାଷୀ ଲୋକଙ୍କୁ ଡାଇଟରେ ଡ୍ରାଇ ଫ୍ରୁଟସ୍ ସାମିଲ କରିବା ଉଚିତ୍। ପ୍ରତିଦିନ ଡ୍ରାଇ ଫ୍ରୁଟସ୍ ସେବନ କରିବା ଦ୍ୱାରା ଶରୀର ସୁସ୍ଥ ରହିଥାଏ।

■ ସବୁଜ ପନିପରିବା : ନିରାମିଶାଷୀ ଲୋକଙ୍କୁ ଡାଇଟରେ ସବୁଜ ପନିପରିବାକୁ ସାମିଲ କରିବା ଉଚିତ୍। ସବୁଜ ପନିପରିବା ସବୁଜ ପରିବା ସ୍ୱାସ୍ଥ୍ୟ ପାଇଁ ଅଧିକ ଲାଭଦାୟକ ରହିଥାଏ।

■ ସୋୟା ମିଲ୍କ : ସୋୟା ମିଲ୍କ ସେବନ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ସାବ୍ୟସ୍ତ ହୋଇଥାଏ। ସୋୟା ମିଲ୍କରେ ପ୍ରୋଟିନ୍ ପ୍ରଚୁର ମାତ୍ରାରେ ଥାଏ।

■ ପନିର : ନିରାମିଶାଷୀ ଲୋକଙ୍କୁ ପନିର ସେବନ କରିବା ଉଚିତ୍। ପନିର ଖାଇବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ। ସାଧାରଣତଃ ପନିର ସମସ୍ତଙ୍କୁ ପସନ୍ଦ ହୋଇଥାଏ। ସ୍ୱାଦ ସହ ପନିର ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଲାଭଦାୟକ ହୋଇଥାଏ।

■ ବ୍ରୋକୋଲି : ବ୍ରୋକୋଲିରେ ପ୍ରଚୁର ମାତ୍ରାରେ ପ୍ରୋଟିନ୍ ରହିଥାଏ। ବ୍ରୋକୋଲି ଖାଇବା ଦ୍ୱାରା ଶରୀରରେ ପ୍ରୋଟିନର ଅଭାବକୁ ଦୂର କରାଯାଇ ପାରିବ। ବ୍ରୋକୋଲି ସେବନ କରିବା ଦ୍ୱାରା ଓଜନ ମଧ୍ୟ ନିୟନ୍ତ୍ରିତ ରହିଥାଏ।

■ ଓଟ୍ସ : ଓଟ୍ସର ସେବନ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଲାଭଦାୟକ ହୋଇଥାଏ। ଓଟ୍ସରେ ମଧ୍ୟ ପ୍ରଚୁର ମାତ୍ରାରେ ପ୍ରୋଟିନ୍ ରହିଥାଏ। ରୋଗମୁକ୍ତ ଏବଂ ସୁସ୍ଥ ରହିବା ପାଇଁ ଆପଣ ଜଳଖିଆରେ ଓଟ୍ସକୁ ସାମିଲ କରି ପାରିବେ।

■ କଖାରୁ ମଞ୍ଜି : କଖାରୁ ମଞ୍ଜି ସ୍ୱାସ୍ଥ୍ୟ ପାଇଁ ଅଧିକ ଲାଭଦାୟକ ହୋଇଥାଏ। କଖାରୁ ମଞ୍ଜିରେ ଅଧିକ ମାତ୍ରାରେ ପ୍ରୋଟିନ୍ ରହିଥାଏ। ଆପଣ ମସଲା ସହ ଭାଜି କଖାରୁ ମଞ୍ଜି ସେବନ କରି ପାରିବେ।

## ପାଦର ସୌନ୍ଦର୍ଯ୍ୟ ପାଇଁ ଚପଲ

ସାଧାରଣତଃ ମୁହଁ ସହ ନିଜ ପୋଷାକ ଓ ଜୋତା ଚପଲ ଉପରେ ମଧ୍ୟରେ ଧ୍ୟାନ ଦେବା ଦ୍ୱାରା ଆପଣ ଅଧିକ ସୁନ୍ଦର ଓ ଷ୍ଟାଇଲିସ ଲାଗିବେ। ଆସନ୍ତୁ ଅଳ୍ପ ମୂଲ୍ୟରେ କେଉଁ ପ୍ରକାରର ଚପଲ





ପିନ୍ଧି ଆପଣ ନିଜର ଓ ପାଦର ସୌନ୍ଦର୍ଯ୍ୟ ବୃଦ୍ଧି କରିପାରିବେ।

**କାଜୁଆଲ ସ୍ୟାଣ୍ଡଲ -**
ଆପଣ ବାହାରକୁ ବୁଲିବାକୁ ଯାଆନ୍ତୁ କିମ୍ବା କୌଣସି ସାମଗ୍ରୀ କିଣିବାକୁ ଯାଆନ୍ତୁ, ଏହି ପ୍ରକାରର ଚପଲ ପିନ୍ଧିପାରିବେ। ଏହି ପ୍ରକାରର ଚପଲ ବିଶେଷ କରି ଆପଣ ଖରାସମୟରେ ବାହାରକୁ ଗଲେ ବ୍ୟବହାର କରିବା ଖୁବ ଉତ୍ତମ ଅଟେ। କାରଣ ଏହା ପାଦରୁ ନିର୍ଗତ ହେଉଥିବା ଝାଳକୁ ଶୋଷଣ କରିବା ସହ ଆପଣଙ୍କୁ ଆରାମ ମଧ୍ୟ ଲାଗିଥାଏ।

**ଫ୍ୟାନ୍ସି ଜୁତୀ -**
ଏହି ପ୍ରକାରର ଜୁତୀ ଆପଣ ଜିନ୍ସ, ସ୍କର୍ଟ, ଗାଉନ ସହ ପିନ୍ଧି ବିଭିନ୍ନ ସ୍ଥାନକୁ ଯାଇପାରିବେ। ଏହା ଆପଣଙ୍କ ପାଦକୁ ଖୁବ ସୁନ୍ଦର ଓ ଷ୍ଟାଇଲିସ କରିଥାଏ।

**ରାଜସ୍ଥାନୀ ଜୁତୀ -**
ଏହି ପ୍ରକାରର ଜୁତୀର ଖୁବ ଚାହିଦା ରହିଛି। ଏହା ପାଦକୁ ଖୁବ ଆରାମ ପ୍ରଦାନ କରିଥାଏ। ପାଦର ସୌନ୍ଦର୍ଯ୍ୟକୁ ବଢାଇଥାଏ। ଯେକୌଣସି ସ୍ଥାନକୁ ଆପଣ ଏହାକୁ ପିନ୍ଧି ଯାଇପାରିବେ।

**ବେଜେସ ହିଲ୍ସ -**
କମ ଉଚ୍ଚତା ଝିଅ ମାନଙ୍କ ପାଇଁ ଏହି ଚପଲ ଉତ୍ତମ ଅଟେ। ଏହାର ଦାମ ମଧ୍ୟ ଅଧିକ ନୁହେଁ। ଏହି ଚପଲ ମଧ୍ୟ ଆପଣଙ୍କ ପାଦର ସୌନ୍ଦର୍ଯ୍ୟକୁ ବଢାଇଥାଏ।

**ପଞ୍ଜାବୀ ଜୁତୀ -**
ଏହାକୁ ଆପଣ ଜିନ୍ସ, ଗାଉନ, ସ୍କର୍ଟ ସହ ପିନ୍ଧିପାରିବେ। ଏହା ପାଦକୁ ଏକ ଭିନ୍ନ ଲୁକ ଦେଇଥାଏ।

# ୧୯ ତମ ଜାତୀୟ ପରିସଂଖ୍ୟାନ ଦିବସ

**ଭୁବନେଶ୍ୱର, ୧।୭ (ମହାଭାରତ):** ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ଅନ୍ତର୍ଗତ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ରାଜ୍ୟସ୍ତରରେ ୧୯ ତମ ଜାତୀୟ ପରିସଂଖ୍ୟାନ ଦିବସ ଆଜି ଲୋକସେବା ଭବନସ୍ଥିତ କନଭେନସନ ସେଣ୍ଟର ଠାରେ ସମାରୋହରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଯୋଗଦେଇ ତାଙ୍କର ଅଭିଭାଷଣରେ ରାଜ୍ୟର ପରିସଂଖ୍ୟାନ ବ୍ୟବସ୍ଥାରେ ଅତ୍ୟାଧୁନିକ ବ୍ୟବସ୍ଥା ପାଇଁ ବଡ଼ ଦୃଷ୍ଟିକୋଣ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହା ରାଜ୍ୟର ସାମାଜିକ-ଆର୍ଥିକ ପ୍ରଗତିକୁ ମାପିବା ପାଇଁ ଏକ ଦର୍ପଣ ସଦୃଶ କାର୍ଯ୍ୟ କରିବ ଏବଂ ରାଜ୍ୟର ପ୍ରଗତି ପଥରେ କି କି ଆବଶ୍ୟକତା ରହୁଛି, ସେ ସମ୍ପର୍କରେ ଆଗକୁ ପଥ ପ୍ରଦର୍ଶକ ହେବ ବୋଲି ମୁଖ୍ୟ ଶାସନ ସଚବ ପ୍ରକାଶ କରିଥିଲେ। ସେ ମଧ ଏଥିପାଇଁ ରାଜ୍ୟର ବିଭିନ୍ନ ସଂସ୍ଥାଗତ ବା ଆନୁଷ୍ଠାନିକ ଦକ୍ଷତା ବିକାଶ ପ୍ରତି ଗୁରୁତ୍ୱାରୋପ କରିଥିଲେ।

ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ତାଙ୍କର ପ୍ରାରମ୍ଭିକ ଅଭିଭାଷଣରେ ସମାରୋହକୁ ସମ୍ବୋଧିତ କରି ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ଉପସ୍ଥାପନ କରିଥିଲେ। ସେ କହିଥିଲେ ଯେ, ବିକଶିତ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ -୨୦୪୭ ଲକ୍ଷ୍ୟ ନେଇ ଓଡ଼ିଶା ଭିଜନ ନିକଟରେ ପ୍ରଧାନ ମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। ଏଥିରେ ଥିବା ଧାର୍ଯ୍ୟ ଲକ୍ଷ୍ୟକୁ ହାସଲ କରିବା ପାଇଁ ଆମକୁ ପରିସଂଖ୍ୟାନ ବ୍ୟବସ୍ଥାକୁ ଅଧିକ ଉନ୍ନତ କରାଯିବାର ଆବଶ୍ୟକତା ରହିଛି। 'ସୁଭଦ୍ରା'ଯୋଜନାର କାର୍ଯ୍ୟକାରିତାର ଉଦାହରଣ ଦେଇ ସେ କହିଲେ ଯେ, ଓଡ଼ିଶା ସରକାର ତଥ୍ୟର ବ୍ୟବହାରକୁ ଗୁରୁତ୍ୱ ଦେଉଛନ୍ତି ଏବଂଏହି ପ୍ରକ୍ରିୟାରେରାଜ୍ୟ ଏକ ସଶକ୍ତ ଡାଟାବେସ୍ ପ୍ରସ୍ତୁତ କରିଛି, ଯାହା ଅନ୍ୟ ହିତାଧିକାରୀ- କୈନ୍ଦ୍ରିକ ଯୋଜନାର କାର୍ଯ୍ୟାନ୍ୱୟରେ ବ୍ୟବହାର କରାଯିବ। ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡଃ. ବିଜୟ ଭୂଷଣ ନନ୍ଦ ଯୋଗଦେଇ ରାଜ୍ୟ ସରକାର ରାଜ୍ୟରେ ପରିସଂଖ୍ୟାନ ବ୍ୟବସ୍ଥାକୁ ସୁଦୃଢ କରିବାରେ ପୂର୍ଣ୍ଣ ସହାୟତା ଦେଉଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ ଏବଂ ଗତ କିଛି ବର୍ଷ ଧରିରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ବ୍ୟବସ୍ଥାକୁ ସୁଦୃଢ଼ୀକରଣ ଏବଂ ଆଧୁନୀକିକରଣ କରାଯାଉଥିବା ସଂପର୍କରେ ଆଲୋକପାତ କରିଥିଲେ।



ଭାରତ ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ମନ୍ତ୍ରାଳୟର ପ୍ରାକ୍ତନ ମହା ନିର୍ଦ୍ଦେଶକ ଆଶିଷ କୁମାର କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ସେ ଭାରତ ସରକାରଙ୍କ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟର ଭୂମିକା ସଂପର୍କରେ ଆଲୋକପାତ କରି କହିଲେ ଯେ, ଅଣ ସଂଗଠିତ ଅର୍ଥନୀତିକ କ୍ଷେତ୍ରର ଆବଶ୍ୟକତା ପୂରଣ ପାଇଁ ତଥ୍ୟ ନିୟମିତ ବ୍ୟବଧାନରେ ପ୍ରଦାନ ନିମନ୍ତେ ନମୁନା ସର୍ବେକ୍ଷଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏସବୁ ଡାଟା ବିଭିନ୍ନ ବିଭାଗରେ ସେମାନଙ୍କର ଯୋଜନା ଓ ନୀତି ପ୍ରସ୍ତୁତିରେ ବ୍ୟବହାର ହୋଇଥାଏ। ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ଜାତୀୟ ନମୁନା ସର୍ବେକ୍ଷଣ ସଂସ୍ଥାର ସହଯୋଗୀ ଭାବରେ ବିଭିନ୍ନ କ୍ଷେତ୍ରରେ ବିଶ୍ୱସନୀୟ ତଥ୍ୟ ସଂଗ୍ରହ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ୧୯ ତମ ଜାତୀୟ ପରିସଂଖ୍ୟାନ ଦିବସ ପରିପ୍ରେକ୍ଷୀରେ ରାଜ୍ୟ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ତରଫରୁ ବିକଶିତ ଏକ ୱେବ୍ ସାଇଟ୍ - ଡାଇନାମିକ ଆଣ୍ଡ ଇଣ୍ଟରାକ୍ଟିଭ୍ ର ଶୁଭାରମ୍ଭ କରାଯାଇଥିଲା। ଆହୁରି ମଧ୍ୟ ନିରନ୍ତର ବିକାଶ ଲକ୍ଷ୍ୟର ଏକ ଡ୍ୟାସ୍ ବୋର୍ଡ ଏବଂ 'କ୍ୟାପି' ସର୍ବେକ୍ଷଣ ଜରିଆରେ ତଥ୍ୟ ସଂଗ୍ରହ ଉପରେ ଆଧାରିତ ଏକ ୱେବ୍ ପୋର୍ଟାଲ ମଧ ଉନ୍ମୋଚନ କରାଯାଇଥିଲା। ଏଥି ସହିତ ୭ମ କ୍ଷୁଦ୍ର ଜଳସେଚନ ଗଣନା, ପ୍ରଥମ ବୃହତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ଗଣନା, ୨ ୟ ଜଳାଶୟ ଗଣନା ଏବଂ ପ୍ରଥମ ଝରଣା ଗଣନା ମଧ ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ପ୍ରକାଶିତ ବାର୍ଷିକ ପ୍ରକାଶନ ସମୀକ୍ଷା ଏବଂ ଅନ୍ୟ କେତେକ ପରିସଂଖ୍ୟାନଭିତ୍ତିକ ପତ୍ରିକା ଯଥା- ଓଡ଼ିଶାରେ ମହିଳା ଓ ପୁରୁଷ, ଜିଲ୍ଲା ପରିସଂଖ୍ୟାନ ହ୍ୟାଣ୍ଡ ବୁକ୍ -୨୦୨୪, ବାର୍ଷିକ ଶିଳ୍ପ ସର୍ବେକ୍ଷଣ, ଶିଳ୍ପ ଉତ୍ପାଦନ ସୂଚକ ଆଦି ଉନ୍ମୋଚିତ ହୋଇଥିଲା।

# କେନ୍ଦୁଝର, ମୟୁରଭଞ୍ଜ ଓ ବାଲେଶ୍ୱରରେ ରନ୍ଧା ଖାଦ୍ୟ ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୧।୭ (ମହାଭାରତ):** ସୁବର୍ଣ୍ଣରେଖାରେ ଜଳସ୍ତର ବଢୁଛି, ହେଲେ ବୁଢାବଳଙ୍ଗ ଓ ଜଳକାରେ କମୁଛି। ବର୍ଷା ସହ ଝାଡ଼ଖଣ୍ଡର ଚାନ୍ଦିଲି ଡ୍ୟାମର ପାଣି ଯୋଗୁଁ ପ୍ରତିବର୍ଷ ମୟୁରଭଞ୍ଜ ଓ ବାଲେଶ୍ୱରକୁ ବନ୍ୟା ଆସୁଛି। ଚାନ୍ଦିଲି ଡ୍ୟାମ କାମ ଅସମ୍ପୂର୍ଣ୍ଣ ଥିବାରୁ ସବୁବେଳେ ଓଡ଼ିଶାକୁ ବନ୍ୟା ଆସୁଛି। ଏହାକୁ ସମ୍ପୂର୍ଣ୍ଣ କରିବାକୁ ଝାଡ଼ଖଣ୍ଡ ସରକାରଙ୍କ ସହ ଆଲୋଚନା ହୋଇଛି। ଝାଡ଼ଖଣ୍ଡ କେତେ ପାଣି ଛାଡିବ, ସେ ନେଇ ଝାଡ଼ଖଣ୍ଡ ସରକାରଙ୍କ ସହ ଯୋଗାଯୋଗରେ ଅଛନ୍ତି ରାଜ୍ୟ ସରକାର। ଏନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି।

ସେ କହିଛନ୍ତି କେନ୍ଦୁଝର, ମୟୁରଭଞ୍ଜ ଓ ବାଲେଶ୍ୱରରେ ମାଗଣା ରୋଷେଇ ଘର ଖୋଲା ଯାଇଛି। ଆସନ୍ତା ୭ ଦିନ ଯାଏଁ ମାଗଣା ଖାଦ୍ୟ ଯୋଗାଇବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବାଲେଶ୍ୱରର ବସ୍ତା, ବାଲିଆପାଳ ପୌରାଞ୍ଚଳ, ରେମୁଣା ସଦର ଭୋଗରାଇ ଓ ଜଳେଶ୍ୱରରେ ପାଣି ପଶିଛି। ଘାଇ ମରାମତି କାମ ଚାଲିଛି। ପାଣି ଛାଡିବା ପରେ ସାପ କାମୁଡିବା ଭୟ ରହିଛି। ସେଥିପାଇଁ ସିଏଚସି ଓ ପିଏଚସି ଗୁଡିକୁ ପର୍ଯ୍ୟାପ୍ତ ଆଣ୍ଟି ସ୍ନେକ ଭେନମ ଯୋଗାଇ ଦିଆଯାଇଛି। ୨୫ ଘର ନଷ୍ଟ ହୋଇଛି। ଦୁଇଟି ମେଡିକାଲ ଓ ଦୁଇଟି ଭେଟେନାରୀ ଟିମ ମହଜୁଦ ଅଛନ୍ତି। ମୟୁରଭଞ୍ଜରେ ୫୦୭୬ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ୭୭ ଗ୍ରାମ ପଂଚାୟତ ପ୍ରଭାବିତ ହୋଇଛି. ୪୪ ଟି ମାଗଣା ରୋଷେଇ ଘର ଖୋଲା ଯାଇଛି. ଓଡ୍ରାଫ ୭ ୟୁନିଟ, ଅଗ୍ନିଶମ ୭ ୟୁନିଟ ମୁତୟନ ଅଛନ୍ତି। ବାଲେଶ୍ୱର ଜିଲ୍ଲାରେ ୧୧୩୮ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ୩୫ ଗ୍ରାମ ପଂଚାୟତ ପ୍ରଭାବିତ ହୋଇଛି। ୬ ଟି ମାଗଣା ରୋଷେଇ ଘର ଖୋଲା ଯାଇଛି। ୪ ଓଡ୍ରାଫ ଓ ୮ ଅଗ୍ନିଶମ ୟୁନିଟ ମୁତୟନ ଅଛନ୍ତି। ଆଉ ଦୁଇ ଓଡ୍ରାଫ ୟୁନିଟ ଆଜି ବାଲେଶ୍ୱର ପହଂଚିବ।

# ପ୍ରାଚୀ ସାହିତ୍ୟ ସମାଜର ସାହିତ୍ୟ ସଭା

**କଟକ, ୧।୭ (ମହାଭାରତ):**'ପ୍ରାଚୀ' ସାହିତ୍ୟ ସମାଜର ସାହିତ୍ୟ ସଭା ଓ କବିତା ପାଠ ସ୍ଥାନୀୟ ମହାନଦୀ ବିହାର ସ୍ଥିତ ଏଲ.କେ ପାଠାଗାରର ଗାନ୍ଧୀ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଶ୍ୱିନୀ କୁମାର ସେଠୀ ସଭାପତିତ୍ୱ କରି ସମାଜ ସେବାରେ ସାହିତ୍ୟ ଓ ଗାନ୍ଧିବାଦ ବିଷୟରେ ଆଲୋକପାତ କରିଥିଲେ। ପ୍ରାଚୀ ପତ୍ରିକାର ସଂପାଦକ ଡ. ବିଭୁଦତ୍ତ ଖଣ୍ଡାୟତରାୟ ସଂପାଦକୀୟ ଅଭିଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ପ୍ରଫେସର ଲବଙ୍ଗଲତା ବିଶୋଇ ବର୍ତ୍ତମାନ ଯୁଗରେ ଗାନ୍ଧୀବାଦର ପ୍ରାସଙ୍ଗିକତା ବିଷୟରେ ଆଲୋକପାତ କରିଥିଲେ। ସମ୍ମାନନୀୟ ଅତିଥି ରୂପେ କୁନଲତା ତ୍ରିପାଠୀ ତାଙ୍କର ବକ୍ତବ୍ୟ ରଖିଥିଲେ। କବିତା ପାଠୋତ୍ସବରେ ଡକ୍ଟର ବସନ୍ତ କୁମାରୀ ନନ୍ଦ ସଂଯୋଜନା କରିଥିଲେ ଓ ଅନ୍ନପୂର୍ଣ୍ଣା ସାହୁ, ପ୍ରଭାତୀ ରାଣୀ ମହାନ୍ତି, ରତନ କୁମାର ମହାନ୍ତି,ଗୀତାଞ୍ଜଳି ପୃଷ୍ଟି, ସୁରେନ୍ଦ୍ର ମହାପାତ୍ର, ଅକ୍ଷୟ କୁମାର ନନ୍ଦ, ସମ୍ବିତ କୁମାର ରାୟ, ବିଭୁତି ଭୂଷଣ ପାଣି, ତପନ କୁମାର ସ୍ୱାଇଁ, ଚୈତନ୍ୟ ରଉତ, ବିମଳ କୁମାର ଦାଶ, ପ୍ରଣବ କୁମାର ନନ୍ଦୀ, ରାଜକିଶୋର ସ୍ୱାଇଁ, ରଂଜନ ରାୟ, ସୁନି ଦାସ, ମାଳତି କୁମରି ପରଡା, ରଂଜନ ରାଉତ, ଶରତ କୁମାର ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଶେଷରେ ସନ୍ତୋଷ କୁମାର ପାଲ ଧନ୍ୟବାଦ ଅର୍ପଣ କରିଥିଲେ।



# ରଥଯାତ୍ରାରେ ପରିସ୍ଥିତି ଅନୁଯାଇ ପଦକ୍ଷେପ ନିଆଗଲା ନାହିଁ : ନିରଞ୍ଜନ

**ଭୁବନେଶ୍ୱର,୧୭ (ମହାଭାରତ):** ଚଳିତ ବର୍ଷ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଓଡିଶାକୁ ଏକ ଲଜ୍ଜାଜନକ ପରିସ୍ଥିତିରେ ପକାଇଛି। ରଥଯାତ୍ରା ପାଇଁ ବହୁ ବଡ ବଡ ସରକାରୀ କର୍ମଚାରୀ, ବହୁ ସଂଖ୍ୟକ ବଡ ବଡ ପୁଲିସ୍ ଅଫିସର ଦାୟିତ୍ୱରେ ଥିଲେ। କିନ୍ତୁ ଲୋକଙ୍କ ପ୍ରତିକ୍ରିୟାକୁ ଶିଥିଳ କରିବାପାଇଁ ଜିଲ୍ଲାପାଳ ଓ ଏସ.ପି.ଙ୍କୁ ବଦଳି ଓ ଦୁଇଜଣ ପୁଲିସ୍ ଅଫିସରଙ୍କୁ ସସ୍ପେଣ୍ଡ କରାଗଲା। ଏତତ୍ ବ୍ୟତୀତ ମୃତ ବ୍ୟକ୍ତିମାନଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା ସହାୟତା ଘୋଷଣା କରାଗଲା। ଏହାଦ୍ୱାରା କ'ଣ ଓଡିଶାର ଅସ୍ମିତା ପ୍ରତିପାଦିତ ହେଲା ନା ରଥଯାତ୍ରାର ବିଶୃଙ୍ଖଳା ଦୂର ହୋଇଗଲା ? ବିଶୃଙ୍ଖଳାର ମୂଳ କାରଣ ନ'ଖୋଜି ଲୋକଙ୍କ ଆକ୍ରୋଶରୁ ବର୍ତିବା ପାଇଁ ଦୁଇଜଣଙ୍କୁ ବଦଳି ଓ ଦୁଇ ଜଣକୁ ନିଲମ୍ବନ କରାଗଲା ବୋଲି ପୂର୍ବତନ ପିସିସି ସଭାପତି ନିରଂଜନ ପଟ୍ଟନାୟକ କହିଛନ୍ତି। ହଜାର ହଜାର ଶ୍ରଦ୍ଧାଳୁ ଭୁବନେଶ୍ୱର, କଟକ ଓ ପାଖ ଅଂଚଳରୁ ରାତିରେ ପୁରୀ ଆସିଲେ। ଏ ଖବର କ'ଣ ପୁଲିସ ପାଖରେ ନ'ଥିଲା ? ଆଗକୁ କ'ଣ କରାଯିବ, ସେ ବିଷୟ ସେମାନେ ଚିନ୍ତା କାହିଁ କଲେନାହିଁ ? ତା' ଆଗରୁ ରଥଟଣା ନ'ହେବା ଫଳରେ ଲକ୍ଷ ଲକ୍ଷ ଲୋକ ରଥଟଣା ପାଇଁ ଅପେକ୍ଷା କରି ରହିଥିଲେ, ତେଣୁ ଲୋକ ସଂଖ୍ୟା ବଢିଲା। ଏସବୁକୁ ଆକଳନ କରି ପ୍ରଶାସନ ତରଫରୁ ପଦକ୍ଷେପ ନେବାର ଆବଶ୍ୟକତା ଥିଲା। ରାତି ୧୨.୩୫ ବେଳକୁ ରଥାରୁଢ ଠାକୁରଙ୍କ ପହଡ ପକାଇ ଦିଆଗଲା। ପ୍ରଶାସନ ଜାଣିଲା ଯଦି ଯେ ବହୁଲୋକଙ୍କର ସମାଗମ ହେଉଛି, ପହଡ ୩.୪୫ ପର୍ଯ୍ୟନ୍ତ କାହିଁକି ରଖାଗଲା ? ଯାହାଫଳରେ ଶ୍ରଦ୍ଧାଳୁ ବହୁ ସମୟ ଅପେକ୍ଷା କରି ରହିଥିଲେ। ଯଦି ପହଡ ସ୍ୱଳ୍ପ ସମୟ ପର୍ଯ୍ୟନ୍ତ କରାଯାଇଥାନ୍ତା, ତା' ହେଲେ ବହୁ ଭକ୍ତ ଦର୍ଶନ କରି ଫେରିଯାଇଥାନ୍ତେ। ନଚେତ ଠିଆ ପହଡ କରିଥିଲେ ମଧ ଦର୍ଶନ ସାରି ଶ୍ରଦ୍ଧାଳୁ ଫେରିଯାଇଥାନ୍ତେ। ସେହିପରି ଜନସମାଗମକୁ ଆକଳନ କରି ରଥ ପାଖରେ ବ୍ୟାରିକେଡ୍ ଓ ଶୃଙ୍ଖଳାର ବ୍ୟବସ୍ଥା କରିଥାନ୍ତେ, ତା' ମଧ କରାଗଲା ନାହିଁ। ପ୍ରତିବର୍ଷ ଶ୍ରଦ୍ଧାଳୁମାନେ ଜଗନ୍ନାଥଙ୍କ ରଥ କଡରେ ଆଗକୁ ଯାଇ ନାକଚଣା ଦ୍ୱାର ପାଖରେ ବୁଲନ୍ତି ଓ ବଳଭଦ୍ର, ସୁଭଦ୍ରା ରଥ ଦର୍ଶନ କରି ଫେରନ୍ତି। ଏ ବର୍ଷ ନାକଚଣା ଦ୍ୱାର ପାଖରେ କାହା ସ୍ୱାର୍ଥରେ ଅବରୋଧ କରାଗଲା ? ସେହିପରି ରାତିରେ ପୁରୀ ଯାଉଥିବା ଅଧିକାଂଶ ଶ୍ରଦ୍ଧାଳୁ ମହୋଦଧି ବାଲିରେ ଯାଇ ଆଶ୍ରୟ ନିଅନ୍ତି।

# କଟକ ଶିଶୁଭବନ କାର୍ଯ୍ୟରେ ବ୍ୟାପକ ଅନିୟମିତତା

**ଭୁବନେଶ୍ୱର, ୧।୭ (ମହାଭାରତ):** କଟକସ୍ଥିତ ଶିଶୁଭବନ ସରକାରୀ ଡାକ୍ତରଖାନା ଯାହାକି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ପୋଷ୍ଟଗ୍ରାଜୁଏଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପେଡିଆଟ୍ରିକ୍ସ ଅଟେ ଏବଂ ଯାହାକି ଶିଶୁ ମାନଙ୍କ ପାଇଁ ଓଡ଼ିଶାର ସବୁଠାର ବଡ଼ ଡାକ୍ତରଖାନା। ଏହି ଡାକ୍ତରଖାନାର ଉନ୍ନତି କରଣରେ ବହୁ ଅର୍ଥ ହରିଲୁଟ୍ ହୋଇଛି ବୋଲି ପ୍ରଦେଶ ଯୁବକଂଗ୍ରେସ ସାଧାରଣ ସମ୍ପାଦକ ସୁଦିପ ସାମଲ ଅଭିଯୋଗ କରିଛନ୍ତି। ସାଧାରଣ ବର୍ଷାରେ ଶିଶୁଭବନ ଭିତରେ କାନ୍ଥ ଭୁଷୁଡିବା ଏବଂ ଛତରୁ ପାଣି ଗଳିବା ଘଟଣା ଏଥିରେ ହୋଇଥିବା ବ୍ୟାପକ ଦୁର୍ନୀତିକୁ ପ୍ରମାଣିତ କରୁଛି। ଗତ ୨୫ ତାରିଖରେ ସାଧାରଣ ବର୍ଷାରେ ଶିଶୁଭବନ କାନ୍ଥ ଭୁଷୁଡି ପଡ଼ିଲା। ଏହି ନିର୍ମାଣର ଉଦ୍‌ଘାଟନ କେନ୍ଦ୍ରସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେପି ନଡ୍ଡାଙ୍କ ଦ୍ୱାରା ଗତ ଅପ୍ରେଲ ୧୧ ତାରିଖ ଦିନ ଉଦ୍‌ଘାଟିତ ହୋଇଥିଲା। ଉଦ୍‌ଘାଟନ ହେବାର ୨ ମାସ ଭିତରେ ନୂଆ ନିର୍ମାଣର ଅବସ୍ଥା ସୋଚନୀୟ ହୋଇପଡ଼ିଛି। ଏହା ଓଡ଼ିଶାବାସୀଙ୍କ ପାଇଁ ଏକ ବିଶ୍ୱାସଘାତକତା। ଛୋଟଛୋଟ ପିଲାମାନଙ୍କ ପାଇଁ ଏହି ଗୃହ ସବୁ ଉଦ୍ଦିଷ୍ଟ ଥିବା ବେଳେ ଏବେ ଏହାର ନିର୍ମାଣ ନିମ୍ନମାନ ହୋଇଥିବାରୁ ସେଠାରେ ଛୋଟ ଛୋଟ ପିଲାମାନଙ୍କ ଚିକିତ୍ସା ବିପଦ ଜନକ ହୋଇପଡ଼ିଛି। ଏହି ଦୁର୍ନୀତିର ଚେର ନିଶ୍ଚିତ ଭାବରେ ଲମ୍ବା ତେଣୁ ଏହି କାର୍ଯ୍ୟ ନିର୍ବାହ ଦାୟିତ୍ୱରେ ଥିବା ଓଡ଼ିଶା ସରକାରଙ୍କର ନିର୍ମାଣ ବିଭାଗର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ସହ କାର୍ଯ୍ୟନିର୍ବାହୀ ଯନ୍ତ୍ର, କଣ୍ଟ୍ରାକ୍ଟର, ସାଇଟିରେ ଥିବା ଇଞ୍ଜିନିୟର, ପ୍ରୋଜେକ୍ଟ ମ୍ୟାନେଜର ଏବଂ ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟ ବିଭାଗର ପଦାଧିକାରୀ ବିରୁଦ୍ଧରେ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଯୁବ କଂଗ୍ରେସ ତରଫରୁ ଦାବି କରାଯାଇଛି।

ଏଠାରେ ସୂଚନାଯୋଗ୍ୟ ଯେ ୨୦୧୬ ମସିହାରେ ଏହି ପ୍ରୋଜେକ୍ଟର ଶୁଭ ଦିଆଯାଇଥିଲା ଏବଂ ଏଥିରେ ୧୧୭ କୋଟି ଟଙ୍କା ଖର୍ଚ୍ଚ ହେବାର ବ୍ୟବସ୍ଥା ହୋଇଥିଲା। ଏହି ପ୍ରୋଜେକ୍ଟ ୨୦୨୦ ମେମାସ ସୁଧା ସମାପ୍ତ ହେବ ବୋଲି ସ୍ଥିର ହୋଇଥିବା ବେଳେ ତତ୍‌କାଳୀନ ସରକାରୀ ଉଦାସିନତାରୁ ସମୟ ଗଡ଼ିଗଡ଼ି ତାହା ଏବେ ନିକଟରେ ଲୋକାର୍ପିତ ହେଲା। ଏହାର ଖର୍ଚ୍ଚ ୧୧୭ କୋଟି ଟଙ୍କା ବଢ଼ି ୧୩୦ କୋଟିଟଙ୍କା ପର୍ଯ୍ୟନ୍ତ ଗଲା। ଏ ରାଜ୍ୟର କୁନି କୁନି ପିଲାମାନେ ଯେଉଁ ଠାରେ ସରକାରୀ ଚିକିତ୍ସା ପାଇବେ ତାହାର ଅବସ୍ଥା ବିପଦଗ୍ରସ୍ତ ହୋଇ ପଡ଼ିଛି। ଏହାର କାର୍ଯ୍ୟ ନିର୍ବାହରେ ନଖରୁସିଖ ପର୍ଯ୍ୟନ୍ତ ଦୁର୍ନୀତି ଭରି ରହିଛି ବୋଲି ସ୍ପଷ୍ଟ ଜଣାପଡୁଛି।ଏହା ରାଜ୍ୟର ଚିକିତ୍ସା ବ୍ୟବସ୍ଥାର ଦୂରାବସ୍ଥାକୁ ପ୍ରମାଣିତ କରିଛି।

# ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳଙ୍କ ନାଁରେ ଏତଲା



**ଭୁବନେଶ୍ୱର,୧୭ (ମହାଭାରତ):** ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ସଭାପତି ରଣଜିତ ପାତ୍ରଙ୍କ ନେତୃତ୍ୱରେ କମିଶନରେଟ ପୋଲିସର ଅତିରିକ୍ତ କମିଶନର ନରସିଂହ ଭୋଳଙ୍କ ବିରୁଦ୍ଧରେ କ୍ୟାପିଟାଲ ଥାନାରେ ଏକ ଏତଲା ଦାଖଲ କରାଯାଇଛି। ଯଦି ନରିସିଂହ ଭୋଳଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନନିଆଯାଏ ତେବେ ଯୁବକଂଗ୍ରେସ ରାଜ୍ୟବ୍ୟାପି ଆନ୍ଦୋଳନ କରିବ ବୋଲି ଶ୍ରୀ ପାତ୍ର କହିଛନ୍ତି। ଯୁବ କଂଗ୍ରେସ ଏତଲାରେ ଦର୍ଶାଇଛି ଯେ ରଥଯାତ୍ରାରେ ବିଭ୍ରାଟକୁ ନେଇ ଗତକାଲ ଯୁବ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବରେ ବିକ୍ଷୋଭ ପ୍ରଦର୍ଶିତ ହୋଇଥିଲା। ଭୁବନେଶ୍ୱର କମିଶନରେଟ ପୋଲିସର ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ ସେଠାରେ ନିର୍ଦ୍ଦେଶ ଦେଇଥିଲେ ଯେ ଯେଉଁ ଆନ୍ଦୋଳନକାରୀ ମାନେ ବାରିକେଡ ନିକଟକୁ ଆସିବେ ସେମାନଙ୍କର ଗୋଡ଼ ବାଡ଼େଇ ଭାଙ୍ଗିଦେବା ପାଇଁ। ସେ ଆହୁରି ମଧ କହିଥିଲେ ଯେ ଯିଏ ଗୋଡ଼ ବାଡ଼େଇ ଭାଙ୍ଗି ଦେବ ସେ ତାକୁ ପୁରସ୍କାର ଦେବେ। ଶ୍ରୀ ଭୋଳଙ୍କର ଏହି ନିର୍ଦ୍ଦେଶ ଆଇନ ସମ୍ମତ ନୁହେଁ। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏଭଳି ଜଣେ ପୋଲିସ ଅଫିସର ଦାୟୀତ୍ୱରେ ରହିବା ବିପଦପୂର୍ଣ୍ଣ ଅଟେ। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ବଦଳରେ ତାଙ୍କର ନିର୍ଦ୍ଦେଶ ପରିସ୍ଥିତିକୁ ଅଣାୟତ କରିବାପାଇଁ ଉଦ୍ଦିଷ୍ଟ। ସେହି ଆନ୍ଦୋଳନରେ ସେ ହିଂସା କରିବାପାଇଁ ଉସୁକାଉଥିଲେ। ହିଂସାକୁ ବନ୍ଦ କରିବା ପୋଲିସର କର୍ତ୍ତବ୍ୟ। ମାତ୍ର ସେଠି ବର୍ବରୋଚିତ କାଣ୍ଡ ଭିଆଇବା ପାଇଁ ଶ୍ରୀ ଭୋଳ ଷଡ଼ଯନ୍ତ୍ର କରୁଥିଲେ ବୋଲି ତାହା ସ୍ପଷ୍ଟ ହୋଇପଡ଼ିଛି। ତେଣୁ ତାଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନଷ୍ଠାନ ନେବା ପାଇଁ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଅନୁରୋଧ କରାଯାଇଛି।

# ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ଓ ଆକ୍ସିସ୍ ବ୍ୟାଙ୍କ ମଧ୍ୟରେ ଏମ୍ଓୟୁ

**ଭୁବନେଶ୍ୱର,୧୭ (ମହାଭାରତ):** ଏକ୍ସିସ୍ ବ୍ୟାଙ୍କରେ ଆକାଉଣ୍ଟ ଥିବା ରେଳ କର୍ମଚାରୀମାନଙ୍କୁ, ରେଳ ସେବା ପ୍ୟାକେଜ୍ (ଜଌଚ) ଅଧୀନରେ ବହୁବିଧ ସୁବିଧା ପ୍ରଦାନ କରିବା ପାଇଁ, ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ଆକ୍ସିସ୍ ବ୍ୟାଙ୍କ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ରେଳ ସେବା ପ୍ୟାକେଜ୍ ବିଶେଷ ଭାବରେ ରେଳ କର୍ମଚାରୀମାନଙ୍କ ପାଇଁ ବିଭିନ୍ନ ପ୍ରମୁଖ ବୈଶିଷ୍ଟ୍ୟ ସହିତ ଡିଜାଇନ୍ କରାଯାଇଛି, ଯାହା କର୍ମଚାରୀ ଏବଂ ସେମାନଙ୍କ ପରିବାରକୁ ବହୁ ପରିମାଣରେ ଲାଭ ପହଞ୍ଚାଇବ। ଶୁଭ୍ର ଜ୍ୟୋତି ମଣ୍ଡଳ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନଫ୍ରା), ଖୋର୍ଦ୍ଧା ରୋଡ଼ଙ୍କ ଉପସ୍ଥିତିରେ, ଶ୍ରୀ ଆର.ଏନ୍.ଏ. ପରିଡା, ଖୋର୍ଦ୍ଧା ରୋଡ଼ ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ ଏବଂ ଶ୍ରୀ ବିପ୍ଳବୀ ପଟ୍ଟନାୟକ, ସର୍କଲ୍ ହେଡ୍/ଆକ୍ସିସ୍ ବ୍ୟାଙ୍କ/ଓଡ଼ିଶାଙ୍କ, ମଧ୍ୟରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ରେଳ ସେବା ପ୍ୟାକେଜ୍ ଅଧୀନରେ, କର୍ମଚାରୀମାନେ ଦେଶର ଯେକୌଣସି ସ୍ଥାନରେ ଆକ୍ସିସ୍ ବ୍ୟାଙ୍କର ସମସ୍ତ ଶାଖାରେ ସେମାନଙ୍କର ଆକାଉଣ୍ଟ କାରବାର କରିପାରିବେ। ଡ୍ୟୁଟି ସମୟରେ / ଡ୍ୟୁଟି ବାହାରେ ମୃତ୍ୟୁ ଘୋଟିଲେ କର୍ମଚାରୀମାନେ ୧୦୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୀମା ସୁବିଧା ପାଇବେ ଏବଂ ବ୍ୟକ୍ତିଗତ ଦୁର୍ଘଟଣା କ୍ଷେତ୍ରରେ ସ୍ଥାୟୀ ଏବଂ ଆଂଶିକ ଅକ୍ଷମତା ପାଇଁ ବୀମା ସୁବିଧାକୁ ଅନ୍ତର୍ଭୁକ୍ତ କରିବ। ଏହା ୬୦ ବର୍ଷ ବୟସ ପର୍ଯ୍ୟନ୍ତ, ପ୍ରାକୃତିକ ମୃତ୍ୟୁ ପାଇଁ, ୧୦ ଲକ୍ଷ ଟଙ୍କା ବୀମା ମଧ କଭର କରିବ। ଏହି ବୁଝାମଣାପତ୍ର ଅନ୍ତଗତେ, କର୍ମଚାରୀମାନେ ସେମାନଙ୍କ ପିଲାମାନଙ୍କ ଅଧ୍ୟୟନ ପାଇଁ ଆକ୍ସିସ୍ ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ବିଭିନ୍ନ ଶିକ୍ଷାଗତ ସୁବିଧା ପାଇପାରିବେ। ରୁପା ଡେବିଟ୍ କାର୍ଡ, ବରଗୁଣ୍ଡି ୱାର୍ଲ୍ଡ ଡେବିଟ୍ କାର୍ଡ ଏବଂ ପ୍ରାୟୋରିଟି ପ୍ଲାଟିନମ୍ ଡେବିଟ୍ କାର୍ଡ ସମସ୍ତ କର୍ମଚାରୀଙ୍କୁ ମାଗଣାରେ ପ୍ରଦାନ କରାଯିବ।



# ସାମସଙ୍ଗ ସଲଭ ଫର ଟୁମରୋ ଯୁବବର୍ଗଙ୍କ ମଧ୍ୟରେ ନବୀନତମ ଉର୍ଜ୍ଜା ସୃଷ୍ଟି କରିଛି

**ଭୁବନେଶ୍ୱର, ୧।୭ (ମହାଭାରତ):** ସାମସଙ୍ଗ ସଲଭ ଫର ଟୁମରୋର ଏହି ଯାତ୍ରା ପ୍ରଦର୍ଶନ ଅନ୍ତିମ ଚରଣର ଯେତିକି ନିକଟତର ହେବାକୁ ଯାଉଛି, ନୂଆ ନୂଆ ଧାରଣା ସେତିକି ବୃଦ୍ଧି ପାଇବାରେ ଲାଗିଛି। କୋଲକତାର ଶ୍ରେଣୀ ଗୃହ ଠାରୁ ଆରମ୍ଭ କରି ଜାମ୍ମୁର ପାହାଡ଼ର ପାଦଦେଶ ପର୍ଯ୍ୟନ୍ତ ତଥା ସିଲଙ୍ଗର ଶାଗୁଆନ ଗଛ ଘେରା ଭିତିଭୂମି ପର୍ଯ୍ୟନ୍ତ ପ୍ରତି ପଦକ୍ଷେପରେ ନିଷ୍ଠା, ସହାନୁଭୂତି ତଥା ନୂତନତ୍ୱକୁ ନେଇ ଏହା ଆଗେଇ ଚାଲିଛି। ଶେଷ ପର୍ଯ୍ୟାୟରେ ଏହି ରୋଡ଼ଶୋରେ ଏହା ଯାହାକୁ ସ୍ପର୍ଶ କରିବ ତା ମଧ୍ୟରେ ରହିଛି – କୋଲକତା ସ୍ଥିତ ଆର୍ମି ପବ୍ଲିକ୍ ସ୍କୁଲ, ସେର-ଇ-କାଶ୍ମୀର ୟୁନିଭରସିଟି ଅଫ ଏଗ୍ରୀକଲଚରାଲ ସାଇନ୍ସ ଆଣ୍ଡ ଟେକନୋଲଜି (ଏସକେୟୁଏଏସଟି) ଜାମ୍ମୁ ଏବଂ ନର୍ଥ ଇଷ୍ଟର୍ଣ୍ଣ ହିଲ୍ ୟୁନିଭରସିଟି (ଏନଇଏଚ୍‌ୟୁ) ସିଲଙ୍ଗ- ଏହି ପ୍ରତ୍ୟେକ କ୍ୟାମ୍ପସ ମଧ୍ୟରେ ଯୁବବର୍ଗଙ୍କ ମଧ୍ୟରେ ରହିଥିବା ଶକ୍ତି ତଥା ସେୟାର କରିବାର ଅଭିଳାଷକୁ ନେଇ ପ୍ରକୃତ ସମାଧାନକୁ ନେଇ ବାସ୍ତବ ଦୁନିଆରେ ରହିଥିବା ଅସୁବିଧା ଗୁଡ଼ିକୁ ଦୂର କରିବା ପାଇଁ ପ୍ରଚେଷ୍ଟା ଜାରି ରହିଛି। ସାମସଙ୍ଗ ସଲଭ ଫର ଟୁମରୋ ଯାହା ଏପ୍ରିଲ ୨୯, ୨୦୨୫ରେ ଶୁଭାରମ୍ଭ ହୋଇଛି ଏହା ଏକ ଜାତୀୟ ସ୍ତରୀୟ ନବୀକରଣ କାର୍ଯ୍ୟକ୍ରମ ଅଟେ ଯାହାକି ସମଗ୍ର ଭାରତ ବର୍ଷରେ ବିଦ୍ୟାର୍ଥୀ ମାନଙ୍କୁ ଏକ ଜ୍ଞାନକୌଶଳ ଆଧାରିତ ସମାଧାନର ପ୍ରତିଷ୍ଠା ପୂର୍ବକ ନିଜର ବିଭିନ୍ନ ଚିନ୍ତାଧାରର ଡ଼ିଜାଇନକୁ ନେଇ ସୁଯୋଗ ସୃଷ୍ଟି କରିବା ମୂଳ ଲକ୍ଷ୍ୟ ତଥା ସୁଯୋଗ ପ୍ରଦାନ କରିଛି।

# ରୋଟାରୀଭବନରେ ଓଡ଼ିଶା ସ୍ୱରାଜ ପୁରସ୍କାର

**ଭୁବନେଶ୍ୱର, ୧।୭ (ମହାଭାରତ):** ଆଜି ରୋଟାରୀଭବନ ଠାରେ ଓଡ଼ିଶାସ୍ୱରାଜ ଅଭିଯାନ ଆନୁକୁଲ୍ୟରେ 'ଓଡ଼ିଶାସ୍ୱରାଜ ପୁରସ୍କାର-୨୦୨୫'ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଓଡ଼ିଶାର ପୁର୍ବତନ ପ୍ରଭାରୀତଥା ଏ.ଆଇ.ସି.ସି. ସାଧାରଣ ସମ୍ପାଦକ ବି.କେ ହରିପ୍ରସାଦ ଯୋଗ ଦେଇ କହିଥିଲେ ଯେ ବିଜେପି ଜାତି ଜନଗଣନାକୁ ବିରୋଧ କରୁଥିଲା। ମାତ୍ର ଲୋକସଭାରେ ବିରୋଧ ଦଳର ନେତା ରାହୁଲ ଗାନ୍ଧୀଙ୍କ ସଂସଦ ଭିତରେ ଓ ବାହାରେ କ୍ରମାଗତ ଭାବେ ଜନଗଣନା କରିବାକୁ ଦାବି କରି ଆସୁଥିଲେ। ଦକ୍ଷିଣ ଓଡ଼ିଶାରେ ସରକାରୀ ଚାକିରୀ ଓ ଶିକ୍ଷାକ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ପ୍ରତିଶତ ଅଧିକା ଥିବାରୁସେ ଅଂଚଳରେ ବିକାଶଘଟିଛି ଏବଂ ସେ ଅଂଚଳରେ ଜନସାଧାରଣଙ୍କର ଜୀବନ ଧାରଣରମାନ ଅନ୍ୟ ରାଜ୍ୟ ଅପେକ୍ଷା ବହୁତଭଲ। ଏପରିକି ତଥାକଥିତ ଗୁଜୁରାଟ ଜୀବନଧାରଣର ମାନ ତାମିଲନାଡୁ ଜନସାଧାରଣଙ୍କ ଠାରୁ ବହୁତ ଖରାପ। ଓଡ଼ିଶାରେ ଓବିସିମାନଙ୍କୁ ସଂରକ୍ଷଣରେ ବହୁତ ଅନ୍ୟାୟ କରାଯାଇଛି। ସେଥିପାଇଁ ଏଠାରେ ବହୁତ ସଂପଦ ଥିଲେ ମଧ ଲୋକେ ବହୁତ ଗରୀବ ହୋଇ ରହିଛନ୍ତି।ଏସ୍.ସି. ଓ ଏସ୍. ଟି ଓ ଓବିସିମାନଙ୍କସଂଖ୍ୟା ଅନୁସାରେ ସଂରକ୍ଷଣ ମିଳିଲେଓଡ଼ିଶାର ଜନସାଧାରଣ ବିକାଶ ହୋଇପାରିବ ବୋଲି ହରିପ୍ରସାଦ ମତପ୍ରକାଶ କରିଥିଲେ। ତେଣୁ ଜାତି ଜନଗଣନା ସାରା ଦେଶରେ ନିତ୍ୟାନ୍ତ ଜରୁରୀ ଓ ଜାତି ଜନଗଣନା ହେବ। ଫଳରେଠିକ୍‌ଲୋକଙ୍କ ପାଖରେ ସରକାରୀ ସୁବିଧା ସୁଯୋଗମିଳିବ। କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲୁ ଯୋଗ ଦେଇ କହିଥିଲେ ଯେ, ଏଠିମହିଳା ଏସ୍.ସି.,ଏସ.ଟି ଓ ଓବିସିଙ୍କ ପ୍ରତିବହୁତ ଅନ୍ୟାୟ ହୋଇଛି। ଯେଉଁଟି ଶିଳ୍ପକଳ କାରଖାନା ହେଉଛି ଆଂଚଳିକ ଲୋକ କୌଣସି ସୁବିଧା, ସୁଯୋଗ ନ ପାଉଥିବା ବେଳେ ବାହାରଲୋକ ତା'ର ଆସି ସେଠି ଆଧିପତ୍ୟ ଜମାଇ ଧନୀ ହେଉଛନ୍ତି। ତେଣୁ ଓଡ଼ିଶାର ଜନସାଧାରଣ ରାଜରାସ୍ତାରେ ଆନ୍ଦୋଳନ କରିବାରସମୟ ଆସିଛି ବୋଲି ଶ୍ରୀଲଲୁ କହିଥିଲେ। କାର୍ଯ୍ୟକ୍ରମରେ ପିସିସି ସଭାପତି ଭକ୍ତ ଚରଣ ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ନିଜବକ୍ତବ୍ୟରେ କହିଥିଲେ ଓଡ଼ିଶାରେ ସ୍ୱରାଜ ଅଭିଯାନ ପୁରସ୍କାର-୨୦୨୫ ଉତ୍ସବ ପାଳନ କରୁଥିବା ବେଳେ ସ୍ୱୟଂ ମହାପ୍ରଭୁ ଜଗନ୍ନାଥଙ୍କ ସ୍ୱରାଜ ନାହିଁ। ସରକାର ଆଦାନୀଙ୍କ ପାଇଁମହାପ୍ରଭୁଙ୍କ ରଥଟଣା ବନ୍ଦ କରିବାକୁ ମଧ ପଛାଉ ନାହାନ୍ତି। ମହିଳାଙ୍କ ପାଇଁ ଏ ସରକାର ସମ୍ବେଦନଶୀଳ ନୁହେଁ।



# ସାହାନା ସିଷ୍ଟମ ଲିମିଟେଡକୁ ଆର୍ଥିକ ଇକୋସିଷ୍ଟମ ବୃଦ୍ଧି ପ୍ରସ୍ତାବ

**ଭୁବନେଶ୍ୱର,୧୭ (ମହାଭାରତ):** ଅତ୍ୟାଧୁନିକ ଆଇଟି ସେବା ପରିଚାଳନା ସମାଧାନର ଏକ ବିଶିଷ୍ଟ ପ୍ରଦାନକାରୀ ସାହାନା ସିଷ୍ଟମ ଲିମିଟେଡ୍ ଥାଇଲାଣ୍ଡର ଆର୍ଥିକ ଇକୋସିଷ୍ଟମ ସମ୍ପର୍କରେ ଏହାର ରଣନୈତିକ ଯୋଗଦାନରେ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଆନୁଷ୍ଠାନିକ ଅଗ୍ରଗତି ଘୋଷଣା କରି ଆନନ୍ଦିତ। କଂପାନିକୁ ଅର୍ଥ ମନ୍ତ୍ରଣାଳୟ, ରୟାଲ ଥାଇ ସରକାରଙ୍କ ଠାରୁ ଏକ ଚିଠି ମିଳିଛି, ଯେଉଁଥିରେ ଆନୁଷ୍ଠାନିକ ଭାବରେ ଦେୟ ଭିର୍ତିଭୂମିର ରଣନୈତିକ ଉନ୍ନତି ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣର ବ୍ୟାପକ ଅଗ୍ରଗତି ପାଇଁ ସାହାନାଙ୍କ ବିସ୍ତୃତ ପ୍ରସ୍ତାବକୁ ସ୍ୱୀକାର କରାଯାଇଛି। ସାହାନା ସିଷ୍ଟମ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ପ୍ରତୀକ କାକାଡିଆ କହିଛନ୍ତି, "ରୟାଲ୍ ଥାଇ ସରକାରଙ୍କ ତରଫରୁ ଆଲୋଚନା ପାଇଁ ସରକାରୀ ସ୍ୱୀକୃତି ଓ ନିମନ୍ତ୍ରଣ ମିଳିଥିବାରୁ ଆମେ ବହୁତ ଖୁସି। ଏହି ସହଯୋଗ ଆମ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ଏବଂ ନୂତନ ମାର୍ଗ ସୃଷ୍ଟି କରିବାକୁ ପ୍ରସ୍ତୁତ।

# ଆବାସ ଯୋଜନାର ବିଫଳତା

ନିପଟ ମଫସଲ, ଆଦିବାସୀ ବହୁ ଗ୍ରାମକୁ ଗଲେ ଆବାସ ଯୋଜନାର ବିଫଳତା ସ୍ପଷ୍ଟ ବାରି ହୋଇପଡ଼ିବ। କେବଳ କେନ୍ଦ୍ର ସରକାର ନୁହଁନ୍ତି, ରାଜ୍ୟ ସରକାର ମଧ୍ୟ ନିଜସ୍ୱ ଆବାସ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ପ୍ରତିବର୍ଷ ବଜେଟରେ ଏଥିରେ ଏଥିରେ ବହୁ କୋଟି ଟଙ୍କା ବ୍ୟୟ ବରାଦ ହେଉଛି। କିନ୍ତୁ ଏହା ବି ସମସ୍ତଙ୍କ ପାଇଁ ଘର ସ୍ୱପ୍ନକୁ ସାକାର କରିପାରିନାହିଁ। ଏହାକୁ ନେଇ ରାଜ୍ୟରେ କ୍ଷମତାସୀନ ବିଜେଡି ଏବଂ କେନ୍ଦ୍ରରେ କ୍ଷମତାସୀନ ବିଜେପି ମଧ୍ୟରେ ନିୟମିତ କଳି ଲାଗୁଛି। ଉଭୟେ ପରସ୍ପର ବିରୋଧରେ ଆରୋପ ପ୍ରତ୍ୟାରୋପ କରି ଆସୁଛନ୍ତି। କଂଗ୍ରେସ ମଧ୍ୟ ଏଥିରେ ସାମିଲ ହେଉଛି। କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସିଥିବା ବେଳେ ଓଡ଼ିଶାରେ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଏବଂ କେନ୍ଦ୍ରରୁ ଏହି ଯୋଜନା ବାବଦରେ ଆସିଥିବା କୋଟି କୋଟି ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ କରିଛନ୍ତି। କେନ୍ଦ୍ରମନ୍ତ୍ରୀ କ'ଣ କହିଲେ ତାହା ଭିନ୍ନ କଥା। କିନ୍ତୁ ଏକଥାକୁ ସ୍ୱୀକାର କରିବାକୁ ପଡ଼ିବ ଯେ, ରାଜ୍ୟରେ ଅନେକ ସ୍ୱଚ୍ଛଳ ପରିବାର ଆବାସ ଯୋଜନାର ହିତାଧିକାରୀ ହୋଇଥିବା ବେଳେ ବହୁ ଗରିବ ଏଥିରୁ ବଂଚିତ ହୋଂଇଛନ୍ତି। ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣ ପାଇଁ ଏହି ଯୋଜନା ଫଳବତୀ ହୋଇପାରୁନି। ଲାଞ୍ଚ ନଦେଲେ ଆବାସ ମିଳୁନି ବୋଲି ଅଭିଯୋଗ ହେଉଛି। ଏହା ଅନେକାଂଶରେ ସତ୍ୟ ବୋଲି ସ୍ୱୀକାର କରିବାକୁ ପଡ଼ିବ। ଯୋଜନାରେ ନିଶ୍ଚିତଭାବେ କେଉଁଠି ନା କେଉଁଠି କିଛି ତ୍ରୁଟି ରହିଯାଇଛି। କିଛି ଗରିବ ଲୋକ ଏହି ଯୋଜନାରୁ ବାଦ ପଡ଼ିଥିବା ବେଳେ ସ୍ଥଳ ବିଶେଷକରେ ସ୍ୱଚ୍ଛଳ ବର୍ଗର ଲୋକେ ଏହି ସୁବିଧା ମାରି ନେଉଛନ୍ତି। କିନ୍ତୁ ଏଥିପାଇଁ ଯୋଜନାକୁ ସମାଲୋଚନା କରାଯିବା ଅଥବା ଏହାକୁ ବନ୍ଦ କରିବାର ଯଥାର୍ଥତା ନାହିଁ। ଗରିବ ଲୋକଙ୍କୁ ସରକାର ମାଗଣାରେ କୋଠାଘର ଯୋଗାଇ ଦେବାକୁ ମଧ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ପୂର୍ବରୁ କଂଗ୍ରେସ ଶାସନ କାଳରେ ଇନ୍ଦିରା ଆବାସ ଯୋଜନା କରାଯାଇଥିଲା। ଏବେ ମୋଦି ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ରାଜ୍ୟ ସରକାର ମଧ୍ୟ ନିଜସ୍ୱ ପାଣ୍ଠିରେ ଆବାସ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଦୀର୍ଘ ବର୍ଷ ହେବ ଏହିସବୁ ଯୋଜନା କାର୍ଯ୍ୟକାରୀ ହୋଇ ଆସୁଥିଲେ ମଧ୍ୟ ଏବେ ବି ରାଜ୍ୟର ଲକ୍ଷ ଲକ୍ଷ ଗରିବ ଲୋକଙ୍କର ନିଜସ୍ୱ ଘର ଖଣ୍ଡିଏ ନାହିଁ। ଝାଟିମାଟି ଘର ବା ଚାଳଛପର ଘରେ ଲୋକେ ଅସୁରକ୍ଷିତ ଭାବେ ବସବାସ କରୁଛନ୍ତି। ୧୯୯୯ ମହାବାତ୍ୟାରେ ଉପକୂଳ ଓଡ଼ିଶାରେ ଅନେକ ଲୋକଙ୍କ ଘର ଭାଙ୍ଗିଗଲା। ସାମୁଦ୍ରିକ ଜୁଆରେ ଅନେକ ଭାସିଗଲେ। ସେତେବେଳେ କେନ୍ଦ୍ର ସରକାର ଉପକୂଳ ଓଡ଼ିଶାରେ ଲୋକଙ୍କୁ କୋଠାଘର ଯୋଗାଇ ଦେବାକୁ କୋଟି କୋଟି ଟଙ୍କା ସହାୟତା ପ୍ରଦାନ କଲେ। ଅନେକ ସ୍ଥାନରେ ବହୁମୁଖୀ ଆଶ୍ରୟ ସ୍ଥଳ ନିର୍ମାଣ କରାଗଲା। ପ୍ରାକୃତିକ ବିପର୍ଯ୍ୟୟ ବେଳେ ଏହା ବେଲ ସହାୟକ ହେଉଛି। କିନ୍ତୁ ଏବେ ବି ଉପକୂଳ ଓଡ଼ିଶାରେ ଅନେକ ଲୋକଙ୍କ ପକ୍କା ଘର ନାହିଁ। ଦୁର୍ନୀତି ଏବଂ ରାଜନୈତିକ ଅଭିସନ୍ଧି ରଖି ଅନେକ ସରକାରଙ୍କ ଯୋଜନାକୁ ବାଟବଣା କରୁଛନ୍ତି। ସ୍ଥାନୀୟ ନେତା, ସରକାରୀ କର୍ମଚାରୀମାନେ ଯୋଜନାକୁ ଅପହରଣ କରୁଛନ୍ତି। ଲାଞ୍ଚ ନଦେଲେ ଅନେକ ସ୍ଥାନରେ ଆବାସ ମିଳୁନି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ। ଏଭଳି ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଏବେ କେନ୍ଦ୍ର ସରକାର ରାଜ୍ୟକୁ ଆବାସ ଯୋଜନାରେ ୯.୫୯ ଲକ୍ଷ ଗୃହ ମଞ୍ଜୁର କରିଛନ୍ତି। ଏହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ।

“

*ଆଜିର ପୃଥିବୀ ନୂତନ ନିୟମ, ନୂତନ ଶିକ୍ଷା ପଦ୍ଧତି, ନୂତନ ସମାଜ ଅଥବା ନୂତନ ଧର୍ମ ଆବଶ୍ୟକ କରୁନାହିଁ। ମନ ପାଇଁ ଆରୋଗ୍ୟ ଆବଶ୍ୟକ, ହୃଦୟ ପବିତ୍ରତାରେ ପୂର୍ଣ୍ଣ ହେବା ଆବଶ୍ୟକ। ପବିତ୍ରତା ଅଙ୍କୁରିତ ହେବା ଉଚିତ। ବାଳକ, ବାଳିକା, ଶିଶୁ ଓ ଯୁବକ ମାନଙ୍କ ହୃଦୟରେ ସର୍ବତ୍ର ପବିତ୍ରତାର ଚେର ମାଡ଼ିବା ଉଚିତ। ଉତ୍ତମ ଏବଂ ଭଗବତ ପୁରୁଷମାନେ ଏହି କର୍ତ୍ତବ୍ୟ ସଂପାଦନ ପାଇଁ ଉଦ୍ୟମ କରିବା ଉଚିତ। ସେମାନେ ଏହାକୁ ମହାନ ସାଧନା ମନେକରିବା ଉଚିତ।*

# ବିଶ୍ୱ ସମସ୍ୟା

**॥ ଅଲେଖ ଚନ୍ଦ୍ର ସାମଲ ॥**

ବିଶ୍ୱ ସମସ୍ୟା ବର୍ତ୍ତମାନ ଅଦ୍ଭୁତ ଆକାର ଏବଂ ବିରାଟ ଅବସ୍ଥା ଧାରଣ କରୁଛି। ସେଗୁଡ଼ିକ ଆଉ ବ୍ୟକ୍ତିଗତ ଅଥବା ସ୍ଥାନୀୟ ନୁହେଁ। ସେ ସବୁ ବିଶ୍ୱଜନୀନ ଏବଂ ସମସ୍ତ ମାନବ ଜାତିକୁ ଆକ୍ରାନ୍ତ କରୁଛି। ଗୋଟିଏ ଦିଗରେ ବିଶ୍ୱ ସମୃଦ୍ଧି ସହିତ ବିଜ୍ଞାନ ଓ ଯାନ୍ତ୍ରିକତାର ଅଗ୍ରଗତି ଘଟୁଛି। ପ୍ଲାସଟିକ, ଇଲେକଟ୍ରୋନିକ ଏବଂ କମ୍ପ୍ୟୁଟର ଯାନ୍ତ୍ରିକତା ମାଧ୍ୟମରେ ଏହି ଚମତ୍କାରିତା ମହତ୍ତର ଶୀର୍ଷରେ ଉପନୀତ ହୋଇଛି। ଅନ୍ୟ ଦିଗରେ ବାରମ୍ବାର ଘଟୁଥିବା ରାଜନୈତିକ ଓ ଅର୍ଥନୈତିକ ସଂକଟ, ରାଷ୍ଟ୍ରୀୟ, ରାଜ୍ୟସ୍ତରୀୟ, ଧାର୍ମିକ, ଜାତିଗତ ଏବଂ ବର୍ଣ୍ଣ ବିଦ୍ୱେଷ, ସଂକୀର୍ଣ୍ଣ ବିଶ୍ୱସ୍ତତା ଏବଂ ଶିକ୍ଷାୟତନରେ ଅଶାନ୍ତିର ବିସ୍ଫୋରଣ ଦ୍ୱାରା ମାନବଜାତି ଉତ୍ପୀଡ଼ିତ। ଏସବୁ ସମଗ୍ର ବିଶ୍ୱରେ ଅଶାନ୍ତି ଏବଂ ଉଚ୍ଛୃଙ୍ଖଳତା ପରିବ୍ୟାପ୍ତ କରିଛି। ଏହା ଏକ ଭାରସାମ୍ୟହୀନ ଏବଂ ପରସ୍ପର ବିରୋଧୀ ଅବସ୍ଥା। ଏହାର ପ୍ରକୃତ କାରଣ କଣ? ଧର୍ମ ଏବଂ ନୈତିକତା ପୁଷ୍ଟ କରିଥିବା ମଣିଷ ମନର ଭୟଙ୍କର ଅଧଃପତନରେ ଏହାର କାରଣ ନିହିତ ଅଛି କି? ଜ୍ଞାନ ଏବଂ ଶାନ୍ତି ଲାଭ ପାଇଁ ଅବଶ୍ୟ ମାନବ ଜାତି ଅନେକ ଉପାୟ ଓ ପଦ୍ଧତି ଅବଲମ୍ବନ କରିପାରେ। ବେଦ, ଶାସ୍ତ୍ର, ବ୍ରହ୍ମସୂତ୍ର, ବାଇବେଲ, କୋରାନ, ଜେନ୍ଦ ଅଭେସ୍ତା, ଗ୍ରନ୍ଥ ସାହେବ ଏବଂ ସହସ୍ର ସମଗ୍ର ପବିତ୍ର ଗ୍ରନ୍ଥରୁ ଅମୂଲ୍ୟ ଦିଗଦର୍ଶନ ଲାଭ କରିପାରେ। ଭାରତରେ ଆଶ୍ରମ, ଧର୍ମ, ସଂପ୍ରଦାୟର ମୁଖ୍ୟ, ଆଧ୍ୟାତ୍ମିକ ସୂତ୍ର ଓ ଶୃଙ୍ଖଳାର ପ୍ରବକ୍ତା, ଜ୍ଞାନୀ ଏବଂ ସମ୍ମାନୀୟ ବୟୋବୃଦ୍ଧଙ୍କର ଅଭାବ ନାହିଁ। ସେମାନେ ମଧ୍ୟ ବହୁ ସଂଖ୍ୟାରେ ପ୍ରଚାର କରୁଛନ୍ତି, ଏବଂ ପ୍ରକାଶ କରୁଛନ୍ତି ତଥାପି ଜୀବନର ନୈତିକ, ଆଧ୍ୟାତ୍ମିକ ଏବଂ ଧାର୍ମିକ କ୍ଷେତ୍ରରେ ମଣିଷର ମନ ନିରନ୍ତର ନିମ୍ନଗାମୀ ହେଉଛି। ଏହି ଅଧଃପତନ କାହିଁକି?

ପୂର୍ବ ଅପେକ୍ଷା ମଣିଷ ଅଧିକ ଅନାଚାରୀ ହୋଇଛି। ପୂର୍ବ ଯୁଗମାନଙ୍କ ଅପେକ୍ଷା ନିଷ୍ଠୁର ଆଚରଣରେ ସେ ନିଜର ବୁଦ୍ଧି ଓ ଦକ୍ଷତା ଅଧିକ ପରିମାଣରେ ନିୟୋଗ କରୁଛି। ଅନ୍ୟ ମାନଙ୍କୁ ଯନ୍ତ୍ରଣା ଦେବା ଦ୍ୱାରା ମଣିଷ ଏପରି ଆନନ୍ଦ ଲାଭ କରୁଛି ଏବଂ ଉଲ୍ଲସିତ ହେଉଛି ସେ ଗତ ୫୫୦୦ ବର୍ଷ ମଧ୍ୟରେ ୧୫୦୦ ଯୁଦ୍ଧ ହୋଇଛି ବୋଲି ଇତିହାସରୁ ପ୍ରମାଣ ମିଳୁଛି। ଏହି ଭୟଙ୍କର ଖେଳ ଯେ ବନ୍ଦ ହେବ ଏଯାଏ ଏପରି କୌଣସି ସଂକେତ ମିଳୁନାହିଁ। ଆସନ୍ନ ପରମାଣୁ ଯୁଦ୍ଧ ସମଗ୍ର ମାନବଜାତିକୁ ଧ୍ୱଂସ କରିବା ପାଇଁ ଭୟ ସଂଚାର କରୁଛି। ଏସବୁ ଉଦବେଗ ଓ ଆଶଙ୍କାର ପ୍ରକୃତ କାରଣ କଣ? ଏହା ସୁସ୍ପଷ୍ଟ ଯେ ମଣିଷ ମଧ୍ୟରେ ପଶୁର ପ୍ରାଧାନ୍ୟ ତଥାପି ରହିଛି। ଏହା ଅଦ୍ୟାବଧି ପରାଭୂତ ହୋଇନାହିଁ। ଯଦି ହୁଏ ତାହେଲେ ଆମେ ଶାନ୍ତି ଓ ଆନନ୍ଦ ଲାଭ କରିବା। ଆମର ରାଷ୍ଟ୍ର, ଏବଂ ବିଶ୍ୱରେ ମଧ୍ୟ ଶାନ୍ତି ଓ ଆନନ୍ଦ ବିରାଜମାନ କରିବ।

ଘୃଣା, ଈର୍ଷା, ଲୋଭ, ଆଡ଼ମ୍ବର ପ୍ରଦର୍ଶନ ଏବଂ ଅନ୍ୟ ମାନଙ୍କ ସହିତ ତୁଳନା ଓ ପ୍ରତିଯୋଗିତା ପାଇଁ ଅଭିଳାଷା, ଏସବୁ ମନ୍ଦ ବୃତ୍ତିର ମୂଳୋତ୍ପାଟନ କରିବାକୁ ହେବ। ଏହି ଦୁର୍ଗୁଣ ଗୁଡ଼ିକ କେବେ ସାଧାରଣ ମଣିଷକୁ ବିଷାକ୍ତ କରୁନାହିଁ, ଋଷି, ମୁନି, ଧର୍ମ ଅନୁଷ୍ଠାନର ମୁଖ୍ୟ ଏବଂ ପଣ୍ଡିତ ମାନଙ୍କୁ ବିଷାୟିତ କରୁଛି। ଏସବୁ ମଧ୍ୟରୁ ଘୃଣା ଏବଂ ଲୋଭର ପ୍ରାଦୁର୍ଭାବ ବୃଦ୍ଧି ପାଇଛି। ଆଦର୍ଶର ଆଧାର ରୂପେ ନିଜେ ପରିଚିତ କରାଉଥିବା ଏହି ମହାପୁରୁଷ ଏବଂ ଭବିଷ୍ୟତ ଦ୍ରଷ୍ଟାମାନେ ଯଦି ଏପରି ନୀଚ ଗୁଣାବଳୀ ପ୍ରଦର୍ଶିତ କରନ୍ତି ସେମାନେ ବିଶ୍ୱକୁ ସଜାଡ଼ି ପାରିବେ କିପରି? ସେମାନେ କେବଳ ଦୂଷୀକରଣ ବୃଦ୍ଧି କରିପାରିବେ।

ଆଜିର ପୃଥିବୀ ନୂତନ ନିୟମ, ନୂତନ ଶିକ୍ଷା ପଦ୍ଧତି, ନୂତନ ସମାଜ ଅଥବା ନୂତନ ଧର୍ମ ଆବଶ୍ୟକ କରୁନାହିଁ। ମନ ପାଇଁ ଆରୋଗ୍ୟ ଆବଶ୍ୟକ, ହୃଦୟ ପବିତ୍ରତାରେ ପୂର୍ଣ୍ଣ ହେବା ଆବଶ୍ୟକ। ପବିତ୍ରତା ଅଙ୍କୁରିତ ହେବା ଉଚିତ। ବାଳକ, ବାଳିକା, ଶିଶୁ ଓ ଯୁବକ ମାନଙ୍କ ହୃଦୟରେ ସର୍ବତ୍ର ପବିତ୍ରତାର ଚେର ମାଡ଼ିବା ଉଚିତ। ଉତ୍ତମ ଏବଂ ଭଗବତ ପୁରୁଷମାନେ ଏହି କର୍ତ୍ତବ୍ୟ ସଂପାଦନ ପାଇଁ ଉଦ୍ୟମ କରିବା ଉଚିତ। ସେମାନେ ଏହାକୁ ମହାନ ସାଧନା ମନେକରିବା ଉଚିତ। ଏହି କ୍ଷେତ୍ରରେ କେବଳ ବ୍ରହ୍ମବିଦ୍ୟା ମାଧ୍ୟମରେ ସାର୍ଥକତା ଲାଭ ହୋଇପାରିବ। ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ଆଜିର ମଣିଷ କେବଳ ସଂପଦ ସଂଗ୍ରହ ଓ ସଂଚୟ ସମ୍ପର୍କରେ ଗଭୀର ଆସ୍ଥାବାନ। ସେ ଜମା ପରିତ୍ୟାଗ ଅଥବା ତ୍ୟାଗ କରି ଜାଣେ ନାହିଁ। ସତ୍ୟ ଉପରେ ତାର ଆସ୍ଥା ନାହିଁ। ମିଥ୍ୟା ଦ୍ୱାରା ସେ ଆକର୍ଷିତ ହୋଇଥାଏ, ସତ୍ୟକୁ ସେ ପ୍ରତିବନ୍ଧକ ମନେକରେ। ତେଣୁ ମୃତ୍ୟୁ ଯେ ଗୌରବମୟ ଜୀବନର ସମୃଦ୍ଧ ପରିପୂର୍ଣ୍ଣତା, ଏହା ଉପଲବ୍ଧି କରିବା ପାଇଁ ସେ ଅକ୍ଷମ। ଉଦବେଗ ଏବଂ ଅଭାବରେ ସେ ମୃତ୍ୟୁବରଣ କରେ। ଲୋକମାନେ ଶୁଆ ପରି ସତ୍ୟ, ଅହିଂସା, ଧର୍ମ ଏବଂ ପ୍ରେମ ଶବ୍ଦ ଗୁଡ଼ିକ ନିରନ୍ତର ଉଚ୍ଚାରଣ କରନ୍ତି। ସେମାନେ ଘୋଷଣା କରନ୍ତି ଯେ ସତ୍ୟଠାରୁ ଉଚ୍ଚତର ଧର୍ମ ନାହିଁ। ମାତ୍ର ଆଶ୍ଚର୍ଯ୍ୟର କଥା ସତ୍ୟର ଅଧିକାରୀ ହେବା ପାଇଁ ମଣିଷ ଅଭିଳାଷ ପୋଷଣ କରେ ନାହିଁ।

ମଣିଷ ସବୁ ବିଷୟ ଜାଣିବା ପାଇଁ ଆଗ୍ରହୀ। ମାତ୍ର ସତ୍ୟ ଉପଲବ୍ଧି ପାଇଁ ତାର ଆଗ୍ରହ ନାହିଁ। ପୁଣି ନିଜ ସତ୍ତାର ସତ୍ୟ ଉପଲବ୍ଧି ନିମନ୍ତେ ତାର ତିଳେମାତ୍ର ଅଭିଳାଷ ନାହିଁ। ସେ ଦିଗକୁ ସେ ଦୃଷ୍ଟି ଦିଏ ନାହିଁ। ଦୃଷ୍ଟ ହେଲେ ମଧ୍ୟ ସେ ନିଜର ଆଶଙ୍କା ଓ ଅନ୍ଧବିଶ୍ୱାସ ଗୁଡ଼ିକର ସତ୍ୟତା ପ୍ରତିପାଦିତ କରିଥାଏ। ତେଣୁ ମଣିଷର ପ୍ରଥମ କର୍ତ୍ତବ୍ୟ ହେଉଛି ନିଜର ଦୁର୍ବଳତା ଓ ଅନ୍ୟର ଅନିଷ୍ଟ କରିବା ମନୋବୃତ୍ତିକୁ ପରିହାର କରିବା।

ପ୍ରାରମ୍ଭ ଅଥବା ପରିଶେଷରେ ଯାହା ପରିଦୃଷ୍ଟ ହୁଏନାହିଁ; କେବଳ ମଧ୍ୟାନ୍ତରରେ ଯାହା ପ୍ରକଟିତ ହୋଇଥାଏ ତାହା ପ୍ରକୃତରେ ପ୍ରକୃତ ହୋଇନପାରେ। ଏହା ସତ୍ୟ ନୁହେଁ ମିଥ୍ୟା। ସୃଷ୍ଟି ପୂର୍ବରୁ ବ୍ରହ୍ମାଣ୍ଡ ନଥିଲା, ପରେ ଅର୍ଥାତ୍ ପ୍ରଳୟ ପରେ ମଧ୍ୟ ରହିବ ନାହିଁ। ମଝିରେ ଯାହା ପରିଦୃଷ୍ଟ ହେଉଛି ତାହା କେବଳ ଆପାତ ସତ୍ୟ ହୋଇପାରେ। ଏହା ସାମୟିକ ଏବଂ ସୀମିତ। ଅପରିବର୍ତ୍ତନୀୟ ହୋଇପାରିବ ନାହିଁ। ଏହି ସବୁ ମାର୍ଗରେ ମଣିଷକୁ ବିଶ୍ୱର ପ୍ରତ୍ୟେକ ପଦାର୍ଥର ମୂଲ୍ୟ ଏବଂ ଉପଯୋଗିତା ଅନୁସନ୍ଧାନ କରିବାକୁ ହେବ। ଦୃଷ୍ଟାନ୍ତ ସ୍ୱରୂପ, ଜନ୍ମ ପୂର୍ବରୁ ଶରୀର ନଥିଲା ଏବଂ ମୃତ୍ୟୁ ପରେ ମଧ୍ୟ ଏହା ଏଠାରେ ରହିବ ନାହିଁ। ମାଟିରେ ତିଆରି ଗୋଟିଏ ପାତ୍ର ନାମରୂପ ଗ୍ରହଣ କରି ପାତ୍ର ରୂପରେ କିଛି କ୍ଷଣ ରହୁଛି ଏବଂ ପୁନଶ୍ଚ ମୃତ ପ୍ରକୃତି ଧାରଣ କରୁଛି। ପାତ୍ର ହେଉଛି କେବଳ କୃତ୍ରିମ ଉପାୟରେ ଏହାକୁ ନାମ ରୂପ ପ୍ରଦାନ କରାଯାଇଛି। ଯେ କୌଣସି ପଦାର୍ଥ ହେଲେ ବି ବିଶ୍ୱ ବ୍ରହ୍ମାଣ୍ଡର କୌଣସି ବସ୍ତୁ ସମୟ ପ୍ରଭାବରୁ ମୁକ୍ତ ନୁହେଁ ମୃତ୍ୟୁ ଏବଂ ଧ୍ୱଂସ ଦାଉରୁ ଏହା ରକ୍ଷା ପାଇପାରିବ ନାହିଁ। ବୃକ୍ଷ ଓ ଭୂମି, ସଦନ ଓ ଶରୀର, ସମ୍ରାଟ ଓ ସାମ୍ରାଜ୍ୟ, ସମସ୍ତଙ୍କୁ ଏଇ ଶେଷ ପରିଣତି ଭୋଗ କରିବାକୁ ହେବ। ନିଜ ମଧ୍ୟରେ ଥିବା ଅମରତ୍ୱ ସଂପର୍କରେ ସଚେତନ ହେବାର ଉପାୟକୁ ମଣିଷ ଉପେକ୍ଷା କରିଥାଏ। ନୈତିକ ସ୍ତର ସହିତ ସଂପର୍କିତ ଜ୍ଞାନରେ ସେ ମୋହିତ ହୋଇଥାଏ। ଯେଉଁମାନେ ଏହି ସହଜ ଆକର୍ଷଣର ଶିକାର ହୁଅନ୍ତି ସେମାନେ ନନ୍ଦନ ବନ ପରିତ୍ୟାଗ କରି ବିଷାକ୍ତ ଉଦ୍ଭିଦଭରା ଜଙ୍ଗଲରେ ପ୍ରବେଶ କରନ୍ତି। ପ୍ରକୃତ ବା ଆତ୍ମା ଠାରୁ ସେମାନେ ଦୂରେଇ ଯାଆନ୍ତି। ପ୍ରତିବିମ୍ବ ଅଥବା ଦୃଶ୍ୟ ଦ୍ୱାରା ସେମାନେ ବିମୋହିତ ହୁଅନ୍ତି। ଏପରି ମନୋବୃତ୍ତି ସେମାନଙ୍କୁ ସତ୍ୟ ସନ୍ଧାନ ବା ସତ୍ୟଜ୍ଞାନ କହି ଅଜ୍ଞ ରୂପେ ପରିଣତ କରେ।

ମଣିଷ ଜାଣିବା ଉଚିତ ଯେ ତ୍ରିଭୁବନ, ତ୍ରିକାଳ (ଅତୀତ, ବର୍ତ୍ତମାନ, ଭବିଷ୍ୟତ) ଏବଂ ଚେତନାର ଅବସ୍ଥାତ୍ରୟରୁ (ଜାଗ୍ରତ, ସ୍ୱପ୍ନ, ସୁଷୁପ୍ତ) ବିନ୍ଦୁଏ ହେଲେ ନିଛକ ସୁଖ ମିଳିବ ନାହିଁ। ମଣିଷ ମାନଙ୍କ ମଧ୍ୟରୁ କେବଳ ମୂଢ଼ମାନେ ସାଂସାରିକ କର୍ମ ମାଧ୍ୟମରେ ସୀମିତ ଅସାର ସୁଖ ଲାଭ କରି ସଂତୃପ୍ତ ହେବା ପାଇଁ ଉଦ୍ୟମ କରନ୍ତି। ଜ୍ଞାନୀମାନେ କିନ୍ତୁ ଉତ୍ତମ ରୂପେ ବୁଝିଥାନ୍ତି। ଆକର୍ଷଣୀୟ ମିଠା ଅଙ୍ଗୁର ପେନ୍ଥା ଏଡ଼ାଇ ଦେଲେ ଯେଉଁମାନେ କଣ୍ଟାଆଡ଼କୁ ଦୌଡ଼ନ୍ତି ସେମାନେ ଉଷ୍ଟ୍ର। ସେମାନଙ୍କୁ ଭିନ୍ନ ଶ୍ରେଣୀରେ ଅନ୍ତର୍ଭୁକ୍ତ କରିହେବନାହିଁ।

**ପୂର୍ବତନ ଡିଏଫ୍ଓ (କେନ୍ଦୁଲିଫ୍) ଜୟପୁର ଡିଭିଜନ, ଦୂରଭାଷ : ୯୪୩୭୨୫୭୧୨୩**

# ଜୀବନ ଚଳଣୀର ମୂଳ ମନ୍ତ୍ର

**॥ ଯଶସ୍ୱିନୀ ପଟ୍ଟନାୟକ ॥**

ଜୀବନ କ'ଣ? ଜୀବନର ଅନ୍ତର୍ନିହିତ ଉପଲବ୍ଧି ଓ ଚେତନା କ'ଣ? ଏପରି ଅନେକ ଅନୁଚାରିତ ପ୍ରଶ୍ନ ଆମ ମାନଙ୍କ ଭିତରେ ଅନେକ ସମୟରେ ଉଠିଥାଏ। କିଛି ସମୟ ପାଇଁ ଆମେ ଭାବୁକ ବା କେହି କେହି ଭାବ ପ୍ରବଣ ଆଧ୍ୟାତ୍ମିକତା ଭିତରକୁ କିଛି ସମୟ ପାଇଁ ଚାଲିଯାଆନ୍ତି। ଦେବ ଦର୍ଶନ କରନ୍ତି, ଦାନ ଧର୍ମ କରନ୍ତି, କେହି କେହି ପିତାମାତଙ୍କୁ ନିଜ ପ୍ରକୃତ ଈଶ୍ୱର ଭାବି କିଛି ଦାୟିତ୍ୱ ନିର୍ବାହ କରନ୍ତି। କେହି କେହି ପୁଣି ନିଜ ତେଲଲୁଣ ଜୀବନକୁ ନେଇ ଫେରି ଯାଆନ୍ତି ନିଜ ଦାନାପାଣିର ଝିନଝଟ ଭିତରକୁ। ଦାନଧର୍ମ କରିବା, ସତସଙ୍ଗରେ ବସିବା, ପରୋପକାରରେ ଲିପ୍ତ ରହିବା ଠାରୁ ସର୍ବଶ୍ରେଷ୍ଠ ଚେତନା ହେଉଛି ନିଜକୁ ଚିହ୍ନିବା। ସତରେ ଆମେ କ'ଣ ଏ ଯାଏଁ ନିଜକୁ ଚିହ୍ନି ପାରିଛେ? ତାହାଲେ ଆମ ଭିତର ମଣିଷ ପଣିଆ ଅନେକ ସମୟରେ ହଜି ଯାଉଛି କିପରି? ଆଜିର ମଣିଷ ଏଭଳି ପରିସ୍ଥିତିରେ ପହଞ୍ଚିଲାଣି ଯେ ନିଜର ସମ୍ପତ୍ତି ବ୍ୟତୀତ ଅନ୍ୟର ସମ୍ପତ୍ତିକୁ ବି ନିଜର ମନେକରୁଛି। ଆଉ ତାକୁ ଉପଭୋଗ କରିବାକୁ ମଧ୍ୟ କୁଣ୍ଠାକରୁନାହିଁ । ଭୋଗର ଶେଷ ପରିଣତି ଯେ ଦୁଃଖ ତାହା ମଣିଷ ସହଜରେ ବୁଝେନା । ଆବଶ୍ୟକତା ଠାରୁ ବହୁଅଧିକ ସଞ୍ଚୟକରିବା, କାରବାର ଠାରୁ ଅତିଅଧିକ ଜମିକୁ ଦଖଲ କରିବା, ଚଳପ୍ରଚଳ କରିବା ଠାରୁ ଖୁବ୍‌ବେଶୀ ଘର ତିଆରି କରିବା ଆଦି ମଣିଷର ଗୋଟାଏ ନିଶାରେ ପରିଣତ ହୋଇଛି । ଅନ୍ୟମାନେ ଉପଯୁକ୍ତ ରୋଜଗାର କରି ଏପରି ସୌଖୀନରେ ରହୁଛନ୍ତି ତାଙ୍କୁ ଦେଖି କମ୍ ରୋଜଗାର କରୁଥିବା ଲୋକ ବି ସେହି ପଥର ଯାତ୍ରୀ ହେଉଛି । ଯାହାଫଳରେ ସୁଖ ମିଳିବା ପରିବର୍ତ୍ତେ ଦୁଃଖ ଭୋଗ କରୁଛି । ଆହୁରି ଅନେକ ଅଛନ୍ତି ଯେଉଁମାନେ ନିଜ ଜିନିଷକୁ କାରବାର ବା ବ୍ୟବହାର ନକରି ଅନ୍ୟର ଜିନିଷରେ କାମ ଚଳାଇବାକୁ ଇଚ୍ଛା କରନ୍ତି । ଯାହାଫଳରେ ସମାଜରେ ସୃଷ୍ଟିହୁଏ ଅଭାବ । ଏ କଥା ବୁଝିବାକୁ ରାଜି ହୁଅନ୍ତି ନାହିଁ ଅନେକ । ସେମାନେ ପ୍ରକାଶ କରନ୍ତି ଯେତିକି ମିଳିଛି ତାହା ଯଥେଷ୍ଟ ନୁହେଁ, ତେଣୁ ଆହୁରି ଆବଶ୍ୟକ । ନିଜପାଇଁ ସଂଗ୍ରହ କରୁଛେ । ତା ସହିତ ପରପିଢ଼ୀମାନଙ୍କ ପାଇଁ ବି ସଂଗ୍ରହ କରୁଛେ। ଥରେ ଭାବି ଦେଖିଲେ ଆମେ ଅଯଥାରେ ଯେତିକି ସଞ୍ଚୟ କରୁଛେ, ତାହା ବର୍ତ୍ତମାନ ଲୋକ ପାଇଲେ କେତେ ଆନନ୍ଦରେ ରହନ୍ତେ । ଆମେ ଭାବୁଛେ ନିଜେ କେବଳ ଆନନ୍ଦରେ ରହିଲେ ଆରାମ୍‌ରେ ରହିପାରିବା । ଏତିକି ବୁଝୁନେ ଅନ୍ୟର ଦୁଃଖ ମଧ୍ୟ ଆମ ପାଇଁ ଦୁଃଖର କାରଣ ହୋଇଯାଏ । ଥରୁଟିଏ ଉପବାସ ରହି ସେହି ଖାଦ୍ୟ କାହାକୁ ବି ଦାନ ଦେଲେ ଦେଖିବ କେତେ ଆନନ୍ଦ ମିଳିବ । ଥରୁଟିଏ ନିଜ ପାଇଁ ସାଇତି ଥିବା ଦ୍ରବ୍ୟକୁ ଅନ୍ୟକୁ ଅର୍ପଣ କରି ଦେଖ କେତେ ସୁଖ ମିଳୁଛି । ବାସ୍ତବରେ ତ୍ୟାଗ ଭିତରେ ଯେଉଁ ଆନନ୍ଦ ଥାଏ ତାହା ଭୋଗରେ ନଥାଏ । ସେଥିପାଇଁ ଆମ ପୂର୍ବଜମାନେ କହିଛନ୍ତି ତେନ ତ୍ୟକ୍ତେନ ଭୁଞ୍ଜିଥାଃ । ନିଜର ସୁଖ ଭୋଗ ସହିତ ଅନ୍ୟକୁ ସାମିଲ୍ କରିବା ଉଚିତ୍ । ଟ୍ରେନ୍ ବା ବସ୍‌ରେ ଦୂର ଯାତ୍ରା କଲାବେଳେ ଦୁଇଜଣ ଅଚିହ୍ନା ବ୍ୟକ୍ତି ପାଖାପାଖି ବସିବାର ନଜିର ଅଛି । ଅତୀତରେ ସେପରି ବି ହେଉଥିଲା । ନିଜ ସମ୍ପର୍କୀୟ ଯେତିକି ବନ୍ଧୁ ବାନ୍ଧବ ଥିଲେ ଦୂର ତୀର୍ଥ ବା ଯାତ୍ରାରୁ ବହୁ ବନ୍ଧୁ ସୃଷ୍ଟି ହେଉଥିଲେ । ପରସ୍ପର ସହିତ ଭାବବିନିମୟ କରି ନୂଆ ବନ୍ଧୁଟିଏ ସୃଷ୍ଟିହେବା କଥା ଖୁବ୍ ଜଣାଶୁଣା । ଏହି ବନ୍ଧୁ ଖୁବ୍ ଆପଣାର ପାଲଟି ଯାଆନ୍ତି । ଭଲରେ ମନ୍ଦରେ ଠିଆହୁଅନ୍ତି । ଏମାନଙ୍କୁ କୁହାଯାଏ ସୁରୁଜବନ୍ଧୁ । ତେଣୁ ଅନେକ ପରିବାରରେ ଏବେ ବି ସୁରୁଜୁ ବନ୍ଧୁଙ୍କୁ ଲୋଡାଯାଏ । ଏପରି ବନ୍ଧୁ ସୃଷ୍ଟି ହେଉଥିଲା ପରସ୍ପରର ଭାବର ଆଦାନ ପ୍ରଦାନରୁ । ଏବେ କିନ୍ତୁ ଦୁଇ ଅପରିଚିତ ଏକାଠି ବସିଲେ ଦୀର୍ଘ ସମୟ ଧରି ପରସ୍ପର ସହିତ ଆଳାପ ଆଲୋଚନା ହେବାର ଦେଖାଯାଏନାହିଁ । କାହାର ଠିକଣା କେହି ରଖେନାହିଁ । ନିଜେ ନିଜେ କେବଳ ମୋବାଇଲ୍‌ରେ କଥା ହେବା, ଗେମ୍ ଖେଳିବା ବା ଅନ୍ୟ ଭାବନାରେ ମାତିଯିବାରେ ସମୟ ଅତିବାହିତ ହୋଇଯାଏ । ଯାହା ଫଳରେ ସୃଷ୍ଟିହୋଇପାରେ ନା ଆତ୍ମୀୟତା ଭାବ । ପରସ୍ପର ସହିତ କଥା ହେଲେ ବା ଆଳାପ ଆଲୋଚନା କଲେ ନିଜର ଭାବକୁ ଅନ୍ୟକୁ ପ୍ରଦାନ କରି ଅନ୍ୟର ଭାବକୁ ଗ୍ରହଣ କଲେ ମନ ଫୁର୍ତ୍ତିରହେ । ଚିନ୍ତାମୁକ୍ତ ହୁଏ । ହେଲେ ଆଜିର ମଣିଷ ଏମିତି ବସ୍ତୁବାଦରେ ମାତିଯାଇଛି ଯେ କାହାରି ସହିତ ଭଲରେ କଥାପଦେ ହେବାକୁ ପସନ୍ଦ କରୁନାହିଁ । ମୋବାଇଲ୍‌ରେ ବହୁ ପ୍ରକାର ସଙ୍ଗୀତ ବା କାର୍ଯ୍ୟକ୍ରମକୁ ଉପଭୋଗ କରୁଛି । ସେ ଭାବେ ଏଥିରେ ମାନସିକ ଶାନ୍ତି ମିଳେ, ହେଲେ ବାସ୍ତବରେ ଶାନ୍ତି ମିଳେନାହିଁ । ଗୀତ ସରିଗଲାପରେ ପୂର୍ବର ଚିନ୍ତା ପୁଣି ମାଡିଆସେ । ବନ୍ଧୁଟିଏ କରିଥିଲେ ତା' ସହ ହସଖୁସି ହୋଇଥିଲେ ପରବର୍ତ୍ତି କ୍ଷଣରେ ସେହି ବନ୍ଧୁର ଚିନ୍ତା ଆସେ ଆଉ ମନ ହାଲ୍‌କା ହୋଇଯାଏ । କେବଳ ସେତିକି ନୁହେଁ ଦୂରଯାତ୍ରା ସମୟରେ ଅପରିଚିତ ଜଣେ ନିରବରେ ବସିରହିଥିବା ବେଳେ ଆମ୍ଭେ ବିଭିନ୍ନ ଜିନିଷ କିଣି କରି ଖାଇଥାଉ । ସେ ନିରବରେ ବସିଥାଆନ୍ତି । ଥରେ କେବେ ପାଖରେ ବସିଥିବା ଲୋକଟିକୁ ବା ବଲବଲ କରି ଚାହିଁଥିବା ନିରିହ ପିଲାଟିକୁ ନିଜ ଭାଗରୁ କିଛି ଦାନକର । ଦେଖିବ ତୁମ ଖାଇବାରେ ଯେତିକି ଆନନ୍ଦ ପାଉଛ, ଅନ୍ୟର ଖାଇବାରେ ତା'ଠାରୁ ଅଧିକ ଆନନ୍ଦ ପାଇବ । କେବଳ ମଣିଷ ବ୍ୟକ୍ତି କୈନ୍ଦ୍ରିକ ସ୍ୱାର୍ଥରେ ମାତି ଏପରି କରିଥାଏ । ବ୍ୟକ୍ତିଗତ ସ୍ୱାର୍ଥ ଅପେକ୍ଷା ବ୍ୟଷ୍ଟିଗତ ସ୍ୱାର୍ଥକୁ ଆଖିରେ ରଖିଲେ ବହୁ ଆନନ୍ଦ ମିଳେ । ଆମେ ମୋବାଇଲ୍ ବ୍ୟବହାର କରୁଛେ ତାହା ଆମ ପାଇଁ ଆବଶ୍ୟକ କିନ୍ତୁ ଯେତିକି ଦରକାର ତାହା ଠାରୁ ଅଧିକ ଆବଶ୍ୟକ କଲେ ତାହା ଦୁଃଖର କାରଣ ହୁଏ । ସେହିପରି ବନ୍ଧୁ ବାନ୍ଧବ ସୃଷ୍ଟିକରିବା ଉଚିତ୍ କିନ୍ତୁ ଲୋକ ଠିକ୍ ନା ଭୁଲ୍ ନିଜର ହୃଦୟ ଭାବକୁ ବୁଝୁଥିବା ଲୋକ ଦେଖି ବନ୍ଧୁ ବାନ୍ଧିବା ଦରକାର । ଯଦି ନିଜର ସର୍ବସ୍ୱ ଭୁଲି ବନ୍ଧୁଙ୍କ ସହିତ ସମ୍ପର୍କ ଜମେଇ ବସିଲେ ନିଜର ଜୀବନ ନଷ୍ଟ ହୋଇଯିବ। ଜୀବନର ତତ୍ତ୍ୱ ହେଉଛି ନିଜକୁ ଚିହ୍ନିବା ସହ ଅନ୍ୟ ମାନଙ୍କୁ ଚିହ୍ନିବା। ଯଥା ସମ୍ଭବ ପରୋପକାର କରିବା, ସମାଜ, ରାଜ୍ୟ, ଦେଶ ପ୍ରତି ନିଜ ସତତ୍ ଦାୟିତ୍ୱ ନିର୍ବାହ କରିବା। ମାନବୀୟ ମୂଲ୍ୟବୋଧକୁ ଜୀବନର ପ୍ରତିଟି କ୍ଷେତ୍ରରେ କାର୍ଯ୍ୟକାରୀ କରି ଜୀବନର ଚେତନାକୁ ଅନ୍ୟ ମାନଙ୍କ ଠାରେ ବାଣ୍ଟିବା। ତେବେ ଅନ୍ତତଃ ଶାନ୍ତି ଟିକିଏ ପାଇବାକୁ ଯାଇ ମଣିଷ ଅଶାନ୍ତିକୁ ଆବାହନ ନକରୁ । ଏହା ହିଁ ଜୀବନ ଚଳଣୀର ମୂଳ ମନ୍ତ୍ର ।

# ମନ ମୋହର ଶ୍ରେଷ୍ଠ ଗୁରୁ

**॥ ପ୍ରଦୀପ୍ତ କୁମାର ମିଶ୍ର ॥**

ଏକଦା ଯଦି ପ୍ରଶ୍ନ କରାଯାଏ ଏ ପୃଥିବୀରେ ସବୁଠାରୁ କ୍ଷିପ୍ର କିଏ,ତେବେ ତାର ଉତ୍ତର କେଳ ମନ ହିଁ ଆସିବ। ମଣିଷର ମନ ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସବୁଠାରୁ ଚଳଚଞ୍ଚଳ ଏକଥା ସମସ୍ତେ ସ୍ୱୀକାର କରିବେ। ତେବେ ଏହି ମନର ଶକ୍ତିକୁ ପରିବର୍ଦ୍ଧିତ କରି ଜଣେ ମହାପୁରୁଷ ଆଖ୍ୟା ପାଇଥାଏ। ମଣିଷ ପାଇଁ ଏହି ମନ ହିଁ ଈଶ୍ୱରଙ୍କର ଶ୍ରେଷ୍ଠ ଆଶୀର୍ବାଦ। ଏଇଠି ଅଛି ପୁଣି ଏଇଠି ନାହିଁ କେଳ ଏହି ମନ। ମନନଶୀଳ ହେଲେ ସବୁଭଲ ମନକୁ ଆୟରେ ନରଖି ପାରିଲେ ସବୁ କେମିତି ଅବାସ୍ତବ ହୋଇଯାଏ। ମନର ପରିବର୍ତ୍ତନ ହେଲେ ସୁନା, ପିତ୍ତଳ ହୋଇଯାଏ, ମନ ରହିଗଲେ ଗଡ଼ିଆ ପାଣି ଗଙ୍ଗାଜଳ ହୋଇଯାଏ। ତେବେ ଏଥିରୁ ସ୍ପଷ୍ଟ ମନହିଁ ସବୁକିଛି ଓ ମନର ମୁଳରେ ହିଁ ଏ ସାରା ଜଗତ।



ମହାଭାରତ ଯୁଦ୍ଧର ପ୍ରାରମ୍ଭରେ ଅର୍ଜୁନଙ୍କ ରଥରେ ଭଗବାନ ଶ୍ରୀକୃଷ୍ଣ ସାରଥୀ ଥାଆନ୍ତି। ଏହିସମୟରେ ଯୁଦ୍ଧକ୍ଷେତ୍ରରେ ସମସ୍ତ ନିଜଲୋକ ସଖା ସହୋଦରଙ୍କୁ ଯୁଦ୍ଧରେ ଅବତୀର୍ଣ୍ଣ ହେବାର ଦେଖି ଅର୍ଜୁନଙ୍କର ମନରେ ବିଷାଦ ଭରିଗଲା। ଏ ଯୁଦ୍ଧକଣ ରୋକି ହେବ ନାହିଁ ବୋଲି ତାଙ୍କମନରେ ସଂଶୟ ଭରିଗଲା। ସେ ତାଙ୍କର ଗାଣ୍ଡିବ ଥୋଇଦେଇ ଅନ୍ୟମନସ୍କ ହୋଇଗଲେ। କୃଷ୍ଣ ଏହାର କାରଣ ପଚାରନ୍ତେ ସେ ଯୁଦ୍ଧକଣ ଏକାନ୍ତ ଆବଶ୍ୟକ ଏହାର ଅନ୍ୟ କିଛି ପଦକ୍ଷେପ ନାହିଁ। ତେବେ ମୁଁ ମୋରି ନିଜମାନଙ୍କ ସହ ଯୁଦ୍ଧ ଅବା କେମିତି କରିପାରିବି। ବାଧହୋଇ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ବୁଝାଇ ତାଙ୍କର ଅତୀତର ତିକ୍ତ ଅନୁଭୂତି କଥା ସୁରାଇଦେଲେ। କିନ୍ତୁ ତଥାପି ଅର୍ଜୁନଙ୍କ ମୋହଭଙ୍ଗ ହୋଇପାରିନଥିଲା ତେବେ ତାହାପରେ ସେ ବିଶ୍ୱରୂପ ଦେଖାଇଥିଲେ। ସେହି ବିଶ୍ୱରୂପ ଦେଖି ଅର୍ଜୁନଙ୍କର ସଚେତନ ହୋଇଥିଲେ। ତେବେ ମନକୁ ଶାନ୍ତସରଳ ରଖିପାରିଲେ ଅନେକ ବଡ ବଡ କଥା ଛୋଟ ହୋଇଯାଏ। ଅନେକ ମତାନ୍ତର ମନାନ୍ତରକୁ ଏଡ଼ାଇ ସବୁଗୁଡିକ ସହଜଢଙ୍ଗରେ କରିହୁଏ।

ଏହିମନକୁ ନେଇ ଯେତେ ମହାପୁରୁଷ ମାନେ ନିଜକୁ ଶାନ୍ତ ସ୍ୱଭାବର ରଖି ଅନେକ ଅସାଧ୍ୟକୁ ସାଧ କରିପାରିଥିଲେ। ସାଧନା ପାଇଁ ଗୋଟିଏ ଉନ୍ନତ ମନର ଆବଶ୍ୟକତା ଥାଏ। ତେଣୁ ମନର ଶାନ୍ତିହିଁ ପରମ ଗୁଣର ଆବାହକ। ମଣିଷର ମନ ଏକ ଆଶ୍ଚର୍ଯ୍ୟ ସମ୍ପଦ ଏହାର ନିୟନ୍ତ୍ରଣ ମଣିଷର ଶ୍ରେଷ୍ଠ ଗୁଣର ପରିଚାୟକ ଏହାର ସନ୍ଦେହ ନାହିଁ।

**ଅରେଇ, ଯାଜପୁର ୯୬୫୮୬୨୪୭୨୮**

# ନୂଆଗାଁ ଚିନିଶିଳ୍ପ ଛାତ କାର୍ଯ୍ୟରତ ଶ୍ରମିକ ମୃତ

ଆସିକା, (ମହାଭାରତ) : ଏସିଆ ମହାଦେଶ ର ସର୍ବପୁରାତନ ଚିନିଶିଳ୍ପ ଗଞ୍ଜାମ ଜିଲ୍ଲା ଆସିକା ନୂଆଗାଁ ଚିନି କାରଖାନା ରେ ପୁଣି ଅଘଟଣ । ଆଜବେଷ୍ଟ ର କାମ ବେଳେ ଛାତରୁ ପଡି ଜଣେ ଶ୍ରମିକ ର ମୃତ୍ୟୁ ହୋଇଛି । ମୃତ ଶ୍ରମିକ ଯାଜପୁର ଜିଲ୍ଲା ବିଂଝାରପୁର ଅଞ୍ଚଳର ସଲମାନ ଖାନ (୨୨)ହୋଇଥିବା ବେଳେ ସେ ଆଜି କିଛି ଶ୍ରମିକ ଙ୍କ ସହ ମିଶି ଚିନି କାରଖାନାର ର ଆଜବେଷ୍ଟର ସଜାଡ଼ିବାକୁ ଛାତ ଉପରକୁ ଯାଇଥିଲେ । ସେ ଆଜବେଷ୍ଟର ସଜାଡ଼ିବା ସମୟରେ ଛାତ ଉପରୁ ତଳେ ପଡି ଗୁରୁତର ହୋଇଥିବା ବେଳେ ତାଙ୍କ ସହକର୍ମୀ ତାଙ୍କୁ ଉଧାରକରୀ ଚିକିତ୍ସା ନିମନ୍ତେ ଆସିକା ଉପଖଣ୍ଡ ଚିକିତ୍ସାଳୟ ରେ ଭର୍ତ୍ତି କରିଥିଲେ । ଏଠାରେ ଡାକ୍ତର ସଲମାନ ଙ୍କୁ ମୃତ୍ୟୁ ଘୋଷଣା କରିଥିବା ବେଳେ ଖବରପାଇ ଆସିକା ପୋଲିସ ମେଡିକାଲ ରେ ପହଞ୍ଚି ତଦନ୍ତ ଚଳାଇଛି କ୍ଷ ଅନ୍ୟପଟେ ସଲାମାନ ଙ୍କ ପକ୍ଷରୁ ଓ ଚିନି ଶିଳ୍ପ ପକ୍ଷରୁ ଦୁଇଟି ଲିଖିତ ଅଭିଯୋଗ ଆସିକା ଥାନାରେ ହୋଇଛି ଅଭିଯୋଗ କୁ ଭିତିକରୀ ପୋଲିସ ୭/୨୫ପ୍ରକାରେ ମାମଲା ରୁଜୁ କରିଛି ।ତେବେ ସଲମାନ ସୁରକ୍ଷା ସରଞ୍ଜାମ ପନ୍ଧିନଥିବା ଯୋଗୁଁ ଦୁର୍ଘଟଣା ଘଟିଥିବା କୁହାଯାଉଥିବା ବେଳେ କେଉଁ ଅଧିକାରୀ ଙ୍କ ଦାୟିତ୍ୱ ରେ ସଲମାନ ବିନା ସୁରକ୍ଷା ଉପକରଣ ରେ ଛାତ ଉପରେ ଚଢି କାର୍ଯ୍ୟ କରୁଥିଲେ ତାହାର ତଦନ୍ତ କରାଯାଇ ଅଧିକାରୀ ଙ୍କ ବିରୋଧ ରେ ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବୀ ହେଉଛି । ପ୍ରକାଶ ଥାଉକି ଚଳିତ ବର୍ଷ ଚିନି ଶିଳ୍ପର ଆଜବେଷ୍ଟ ମରାମତି ସକାଶେ ଭୁବନେଶ୍ୱର କୋଲଥୀଆ ଅଞ୍ଚଳର ଏସ ବି ସି ସି ନାମକ ଏକ ଠିକା ସଂସ୍ଥାକୁ କୁ ଚିନି ଶିଳ୍ପ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ । କିନ୍ତୁ ଉକ୍ତ ଠିକା ସଂସ୍ଥା ଗତ ମେ ୧୪ ତାରିଖରେ ଯାଜପୁର ଚନ୍ଦନପୁର ଅଞ୍ଚଳର ଷ୍ଟାର କନଷ୍ଟ୍ରାକ୍ସନ ନାମକ ଏକ ଠିକା ସଂସ୍ଥାକୁ ପ୍ରଦାନ କରିଥିଲେ । ମୃତ ଶ୍ରମିକ ସଲମାନ ହେଉଛନ୍ତି ଉକ୍ତ ଷ୍ଟାର କନଷ୍ଟ୍ରାକ୍ସନ ଶ୍ରମିକ । ମୃତ ଶ୍ରମିକ ଙ୍କ ପରିବାରକୁ କ୍ଷତି ପୁରଣ ଦେବାପାଇଁ ପରିବାର ପକ୍ଷରୁ ଦାବୀ ହେଉଥିବା ଶୁଣିବାକୁ ମିଳିଛି ।

# ଜଟିଆ ଷ୍ଟିଲ୍‌ରେ ନିଯୁକ୍ତିକୁ ନେଇ ଛଟେଇ

ଦାନଗଦି, (ମହାଭାରତ) : ଯାଜପୁର ଜିଲ୍ଲା କଳିଙ୍ଗନଗର ଆନ୍ତାର୍ଗତ ଜଟିଆ ଷ୍ଟିଲ ପକ୍ଷରୁ କିଛି ଦିନ ପୂର୍ବରୁ ସ୍ଥାନୀୟ ଅଞ୍ଚଳରେ ଥିବା କିଛି ଯୁବକ ଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ପ୍ରକିୟା ଆରମ୍ଭ କରିଥିଲେ । ମାତ୍ର ଏହି ପ୍ରକିୟାକୁ ପାଖାପାଖି ଦୁଇ ତିନି ମାସ ବିତିଯିବା ପରେ ମଧ କୌଣସି ନିଷ୍ପତି ହୋଇପାରୁନାହିଁ । ଯାହା କୁ ନେଇ ସ୍ଥାନୀୟ ଅଞ୍ଚଳରେ ଥିବା ଯୁବକ ଓ ସାଧାରଣ ଲୋକଙ୍କ ଭରସା ଧିରେ ଧିରେ ଉଠିବା ପୂର୍ବରୁ ସଂପୃକ୍ତ ଯୁବକଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କଲେ ଜଣାପଡ଼ିବ କି ଜଟିଆ ଷ୍ଟିଲ ପକ୍ଷରୁ ଦେଇଥିବା ପ୍ରତିଶ୍ରୁତି କିଛି ଅଂଶ ରେ ଶତ କାରଣ ବିଶେଷ ସୂତ୍ରରୁ ପ୍ରକାଶ କି ଜଟିଆ ଷ୍ଟିଲ ପକ୍ଷରୁ ହୋଇଥିବା ବା ସ୍ଥାନୀୟ ଅଞ୍ଚଳରେ ଥିବା ଯୁବକ ଙ୍କୁ ଦେଇଥିବା ପ୍ରତିଶ୍ରୁତି ପ୍ରତିଶ୍ରୁତି ରେ ରହି ଜୀବ ଏଥିରେ ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ସମସ୍ତ ବ୍ୟବସ୍ଥା କରାଯାଇଛି । ଉଦାହରଣ ସ୍ୱରୂପ ଜଟିଆ ଷ୍ଟିଲ ରେ କାର୍ଯ୍ୟରତ ଶ୍ରମିକ ମାନଙ୍କୁ କୈଣସି ସରକାରୀ ସୁବିଧା ପ୍ରଦାନ କରିବା ପାଇଁ କୈଣସି ବ୍ୟବସ୍ଥା ନାହିଁ । ଏମିତି କି କାର୍ଯ୍ୟରତ ଶ୍ରମିକ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଥିବା ବ୍ୟକ୍ତି ବିଶେଷଙ୍କ କୈଣସି ଗେଟ୍ ପାସ୍ ନାହିଁ କି ଠିକାଦାର ଙ୍କ ଲେବର ଲାଇସେନ୍ସ ନାହିଁ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି । ଠିକ୍ ସେହିପରି ଏହି ସବୁ ଘଟଣା କୁ ଦୃଷ୍ଟି ରେ ରଖି ଯାଜପୁର ଜିଲ୍ଲା କିଛି ସରକାରୀ ଅଧିକାରୀ ଙ୍କ ସମ୍ପର୍କୀୟମାନେ ଜଟିଆ ଷ୍ଟିଲ ରେ ଚାକିରି ପ୍ରଦାନ କରିଛନ୍ତି । ତେଣୁ ଆଗକୁ ଦେଖିବାକୁ ବାକି ରହିଲା କି ଏହି ଖବର ପ୍ରକାଶିତ ହେବା ପରେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଙ୍କ କଣ ପଦକ୍ଷେପ ଗ୍ରହଣ କରୁଛନ୍ତି ।ନା ଯଥା ପୂର୍ବଂ ତଥା ପରଂ ନୀତି ଅବଲମ୍ବନ କରୁଛନ୍ତି ।ଗତ ୨୦୨୩ ମସିହା ଏପ୍ରିଲ ମାସ ୨୯ ତାରିଖରେ ପରିବେଶ ମଞ୍ଜୁରୀ ଜନଶୁଣାଣୀ ଶିବିରରେ ଦେଇଥିବା ପ୍ରତିଶୃତି କୁ ପାଣିର ଗାର ସଦୃଶ ଭୂଲି ଯିବା ପରେ ସ୍ଥାନୀୟ ଅଞ୍ଚଳର ଥିବା ଲୋକ ଙ୍କ ପାଇଁ ଫାଟକରେ ନୋଏ[ ଲଗାଇ ନିୟମିତ ଶିଳ୍ପ ସଂସ୍ଥା ମଧ ରେ ବେଆଇନ କାର୍ଯ୍ୟ ହୋଇଥିବା ଅଭିଯୋଗ ହେଉଛି । ଲଘୁ ଖଣିଜ ବିଭାଗ ର ବିନା ଅନୁମତିରେ ମରୋମ ତାଡି ସମତଳ କରିବା ପରେ ବଞ୍ଚିତ ମରୋମ କ'ଣ ହେଉଛି ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ଆଲୋଚନା ହେଉଛି ।ନା ନିଯୁକ୍ତି ପ୍ରଦାନ କରିବା,ନା ପ୍ରଦୂଷଣ ନିୟନ୍ତ୍ରଣ କରିବା ନା? ପରିବେଶ ମଞ୍ଜୁରୀ ଜନଶୁଣାଣୀ ଶିବିରରେ ଦେଇଥିବା କଥା କୁ ଭୂଲି ଯାଉଛନ୍ତି । ଜଟିଆ ଷ୍ଟିଲ ର ମନମାନୀ କୁ ବନ୍ଦ କରିବା ପାଇଁ ନୂତନ ସରକାର ଙ୍କ ମନ୍ତ୍ରୀ ତଥା ସୁକିନ୍ଦା ବିଧାୟକ ଏଥି ପ୍ରତି ଦୃଷ୍ଟି ଦେବାକୁ ସାଧାରଣ ରେ ଦାବି ହେଉଛି ।ଗତ ୨୯.୦୪.୨୦୨୩ ରେ ପରିବେଶ ମଞ୍ଜୁରୀ ଜନଶୁଣାଣୀ ରେ ମିଳିଥିବା ସୂଚନା ଅନୁଯାୟୀ ଜଟିଆ ଷ୍ଟିଲ ଜଖପୁରା ମୋଉଜାରୁ ୪୪ ଏକର ଜମି ରେ ନିଜର କାରଖାନା ସ୍ଥାପନ କରିବା ପାଇଁ ଆସିଥିବା ବେଳେ ମୋଟ ପ୍ରକଳ୍ପ ର ମୁଲ୍ୟ ୨୨୦ କୋଟି ଟଙ୍କାର ହୋଇଥିବା ବେଳେ ୨୧୦ ଜଣ ଙ୍କ ପ୍ରତ୍ୟେକ ଭାବରେ ନିଯୁକ୍ତି ପାଇବାର କାର୍ଯ୍ୟ ନିର୍ବାହୀ ସାରାଂଶ ରେ ସ୍ୱଷ୍ଟୀକରଣ ରହିଛି । ମାତ୍ର କାର୍ଯ୍ୟ ଆରମ୍ଭ କରିବା ପରେ ସ୍ଥାନୀୟ ଅଞ୍ଚଳରେ କୈାଣସି ଉନ୍ନତି ମୂଳକ କାର୍ଯ୍ୟ କରିନଥିବା ସହିତ ସ୍ଥାନୀୟ ଅଞ୍ଚଳରେ ଥିବା ଯୁବକ ଯୁବତୀ ମାନଙ୍କୁ ଅଣଦେଖା କରି ବାହାରୁ ନିଯୁକ୍ତି ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି । ତାହା ସହିତ ପରିବେଶ ମଞ୍ଜୁରୀ ଜନଶୁଣାଣୀ ରେ ମୋଟ ଜମି ର୩୦% ଜମି ରେ ଜଙ୍ଗଲ ସୃଷ୍ଟି କରିବା ପାଇଁ କହିଥିବା ବେଳେ ବର୍ତମାନ ସୁଧା ସେପରି କିଛି ପଦକ୍ଷେପ ଗ୍ରହଣ କରିନାହାନ୍ତି । ଯାହା ଫଳରେ ସାଧାରଣ ଲୋକଙ୍କ ଜୀବନ ପ୍ରତି ବିପଦାପନ୍ନ ଆଡକୁ ଗତି କରିପାରେ ବୋଲି ସାଧାରଣରେ ଆଲୋଚନା ହେଉଛି ।

# ଶ୍ରମ ବିଭଗ ଦ୍ୱାରା ଉଦ୍ଧାର ହେଲେ ୫ ଶିଶୁଶ୍ରମିକ

ଆସିକା, (ମହାଭାରତ) : ଆସିକା ଶ୍ରମ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ହୋଟେଲ, ଗ୍ୟାରେଜ, ରେସ୍ତୁରାଣ୍ଟ ରେ ଚଢ଼ାଉ କରି ୦୧ ଶିଶୁ ଓ ୦୪ ଜଣ କିଶୋର ଶ୍ରମିକ କୁ ଉଦ୍ଧାର କରାଯାଇଛି । ବିଭିନ୍ନ ପତ୍ର ପତ୍ରିକାରେ ବାରମ୍ବାର ଖବର ପ୍ରସାରଣ ପରେ ଜିଲ୍ଲା ଶ୍ରମ ଅଧିକାରୀ ଙ୍କ ନିର୍ଦ୍ଦେଶକ୍ରମେ ଆସିକା ଶ୍ରମ ଅଧିକରୀ ବି.ହୃଷିକେଶ ରାଓ ଙ୍କ ନେତୃତ୍ୱରେ ବ୍ରହ୍ମପୁର ରେଲଓ୍ୱେ ଷ୍ଟେସନ ଚାଇଲଡ ଲାଇନ ର ଧିରେନ କୁମାର ନାୟକ, ବର୍ଷା ରାଣୀ ନାୟକ ଓ ଆସିକା ପୋଲିସ ପ୍ରଶାସନ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରି ଆସିକା ବସଷ୍ଟାଣ୍ଡ ଅଞ୍ଚଳ ର ଜଣାଶୁଣା ହୋଟେଲ ରୁ ଜଣେ, ବିହାର ଦରଭଙ୍ଗା ଜିଲ୍ଲା ସିମିରି ଗ୍ରାମର ଦୁଇଜଣ ଶିଶୁ ଶ୍ରମିକ, ଧରାକୋଟ ବ୍ଲକ ରେଡ୍ଡୀ ଦାମୋଦର ପଲ୍ଲୀର ଜଣେ, କାଳକ୍ଷଣ୍ଟପୁର ଅଞ୍ଚଳର ଜଣେ, ଆସିକା ବସଷ୍ଟାଣ୍ଡର ହୋଟେଲରୁ ଜଣେ ଏହିପରି ଅନ୍ୟାନ ବିପଦ ସଂକୁଳ କାର୍ଯ୍ୟରେ ନିୟୋଜିତ ଥିବା ବେଳେ ଉଦ୍ଧାର କରିଛି ଏହି ଟିମ । ମୋଟ ପାଂଚ ଜଣ ଙ୍କୁ ଉଦ୍ଧାର କରି ବ୍ରହ୍ମପୁର ଶିଶୁ କଲ୍ୟାଣ ସମିତି ନିକଟରେ ହଜାର କରାଯିବ ବୋଲି ଶ୍ରମ ଅଧିକାରୀ ପ୍ରକାଶ କରିଛନ୍ତି ।

# ଶ୍ରୀ ଚୈତନ୍ୟଙ୍କ ବାଣୀ ପ୍ରଚାରକଙ୍କ ପରୋଲୋକ

ହାଟଡିହି, (ମହାଭାରତ) : ହାଟଡିହି ପଂଚାୟତ ମଠ କୁଣ୍ଡିସାହି ଗ୍ରାମ ର ଲକ୍ଷ୍ମୀ ଧର ଜେନା ଙ୍କ (୮୬) ବର୍ଷ ରେ ପରଲୋକ । ସକାଳୁ ନିଜ ନିତ୍ୟ କର୍ମ ସାରି ଦିନବେଳା ବିଶ୍ରାମ ନେଉଥିବା ବେଳେ ଛାତି ଜନିତ ଯନ୍ତ୍ରଣା ଅନୁଭବ କରିଥିଲେ । ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ନେବା ରାସ୍ତା ରେ ପ୍ରାଣ ବାୟୁ ଚାଲିଯାଇଥିଲା । ସେ ଏକଦା ବହୁ ଗୁଣ ର ଅଧିକାରୀ ଥିଲେ । ଗାଁ ର ସମସ୍ୟା ସମାଧାନ ଓ ଜମି ଜମା ମାପ ଉପରେ ଅଗାଧ ଜ୍ଞାନ ର ଦକ୍ଷତା ରହିଥିଲା । ତାହା ଛାଡା ସେ ଶ୍ରୀ ଚୈତନ୍ୟ ଙ୍କ ଭଜ ନିତାଇ ଗୌର ରାଧେ ଶ୍ୟାମ ଜପ ହରେ କୃଷ୍ଣ ହରେ ରାମ ନାମ ପ୍ରଚାର ପ୍ରସାର ନିମନ୍ତେ ଅନେକ ସ୍ଥାନ କୁ ଯାତ୍ରା କରିଛନ୍ତି । ତାଙ୍କର ଶେଷକୃତ୍ୟ ଗାଁ ପାହାଡ ନିକଟ ରେ ହୋଇଥିଲା ବେଳେ ତାଙ୍କର ବହୁ ହିତୋପଦେଶୀ ପହଞ୍ଚି ଥିଲେ । ମୁଖାଗ୍ନି ପୁଅ ଭାଗବତ ଜେନା ଦେଇଥିବା ବେଳେ, ସାଙ୍ଗରେ ଅନ୍ୟ ପୁତ୍ର ମାନଙ୍କ ମଧ୍ୟରେ ବଡ ପୁଅ ବିନୋଦ ବିହାରୀ ଜେନା, ଅକ୍ଷୟ କୁମାର ଜେନା, ହରେକୃଷ୍ଣ ଜେନା, ପ୍ରେମାନନ୍ଦ ଜେନା, ପ୍ରଦୀପ କୁମାର ଜେନା, ଗାଁ ର ଅନ୍ୟ ମାନଙ୍କ ମଧ୍ୟରେ ସୁରେନ୍ଦ୍ର କୁମାର ସା, କୃଷ୍ଣ ଚନ୍ଦ୍ର ରାଉତ, ରାଧାକୃଷ୍ଣ ପତି, ରବୀନ୍ଦ୍ର କୁମାର ମହଲା,ଶରତ କୁମାର ମହଲା ଙ୍କ ସହ ମା ଦୁଆର ଶୁଣି ଙ୍କ କୀର୍ତନ ଗ୍ରୁପ ସମସ୍ତ ସଦସ୍ୟ ମାନେ ଯୋଗ ଦେଇଥିଲେ ।

# ଲଗାଣ ବର୍ଷା ଯୋଗୁ ଦ୍ୱିତୀୟ ବୃହତମ କାନ୍‌ପୁର ଡ୍ୟାମ୍ ଏବେ ବିପଦରେ



ଯୋଡା, (ମହାଭାରତ) : ଯୋଡା ବ୍ଲକ୍ ଅନ୍ତର୍ଗତ ବାସୁଦେବ ପୁର ଠାରେ ଦିତୀୟ ବ?ହତମ କାନପୁର ଡ୍ୟାମ୍ ଏବେ ବିପଦ ରେ ବୈତରଣୀ ନଦୀ ଉପରେ ଚାଲିଥିବା ଡ୍ୟାମ ନିର୍ମାଣ କାର୍ଯ୍ୟ ଲଗାଣ ବର୍ଷ । ଯୋଗୁଁ ମଙ୍ଗଳ ବାର୍ ଠାରୁ ବନ୍ଦ ରଖାଯାଇଛି । ଡ୍ୟାମ ଚତୁର୍ପାର୍ଶ୍ୱ ଓ ତଳ ମୁଣ୍ଡ କୁ ବିପଦ ସଂକେତ ନେଇ ସତର୍କ ସୂଚନା ଦିଆଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟ ରେ ପହଞ୍ଚି ଥିବା ଗତ ଦୁଇ ମାସ ପୂର୍ବରୁ ପ୍ରଶାସନ ଓ ଡ୍ୟାମ କତୃପକ୍ଷ ପକ୍ଷରୁ ଘୋଷଣା କରାଯାଇଥିଲା ।ତେବେ ବୈତରଣୀ ନଦୀ ରେ ବନ୍ଧ ନିର୍ମାଣ ବେଳେ ବୈତରଣୀ ନଦୀ ର ଜଳ କୁ ତଳ ମୁଣ୍ଡ କୁ ଛାଡ଼ିବା ପାଇଁ ଡିପ୍ଲିସନ୍ ସ୍ଲୁଇ ସ ର ନିର୍ମାଣ କରାଯାଇ ନ ଥିଲା ।ଫଳରେ ବୈତରଣୀ ନଦୀ ରେ ଜଳ ପ୍ରବାହ ବନ୍ଧ ହେବା ପରେ ତଳ ମୁଣ୍ଡ ରେ ଜଳାଭାବ ଦେଖାଦେଇଥିଲା ।ଏହା ପରେ ପ୍ରକଳ୍ପ ନିର୍ମାଣ ବିଭାଗ ପକ୍ଷରୁ ଏହାର ନିର୍ମାଣ ଆରମ୍ଭ କରାଯାଇ ଥିଲା ।ଏହାର ନିର୍ମାଣ ଆରମ୍ଭ ବେଳେ ଏକ ଅସ୍ଥାୟୀ ମାଟି ବନ୍ଧ ନିର୍ମାଣ କରି ଜଳ କୁ ଅଟକାଇ କଂକ୍ରିଟ କାର୍ଯ୍ୟ ଆରମ୍ଭ କରାଯାଇଥିଲା ।କଂକ୍ରିଟ ନିର୍ମାଣ ସମ୍ପୂର୍ଣ ନ ହେଉଣୁ ଲଗାଣ ବର୍ଷା ଯୋଗୁଁ ଉକ୍ତ ମାଟି ବନ୍ଧ ରେ ଫାଟ ସୃଷ୍ଟି ହୋଇ ଥିଲା ।ବନ୍ଧ ର ଜଳ ରେ ଏହି ମାଟି ବନ୍ଧ ସମ୍ପୂର୍ଣ ଭାଙ୍ଗି ଯିବାର ଆଶଙ୍କା ଦେଖା ଦେଇଛି ।ଯାହାଦ୍ୱାରା ନିର୍ମାଣ କାର୍ଯ୍ୟ ବନ୍ଦ କରାଯାଇ ମେସିନ ଓ ଶ୍ରମିକ ଙ୍କୁ ହଟାଇ ଦିଆ ଯାଇଛି । ଡିପ୍ଲିସନ୍ ସ୍ଲୁଇ ସ ନିର୍ମାଣ ହୋଇ ନ ଥିବାରୁ ବନ୍ଧ ଭିତର ଜଳ ନିଷ୍କାସନ ହେବ । ପାଇଁ କୌଣସି ରାସ୍ତା ନାହିଁ ।ଜଳ ଭଣ୍ଡାର ରେ ବୈତରଣୀ ଜଳ ଓ ବର୍ଷା । ଜଳ ଦିନ କୁ ଦିନ ବୃଦ୍ଧି ପାଉଥିବାରୁ ବନ୍ଧ ପ୍ରତି ବିପଦ ରହିଛି ବୋଲି କାନପୁର ପ୍ରକଳ୍ପ ର ନିର୍ମାଣ ଯନ୍ତ୍ରୀ ପ୍ରସାଦ ରଞ୍ଜନ ପଣ୍ଡା କହିଛନ୍ତି ।ଯନ୍ତ୍ରୀ ପଣ୍ଡା ଅଧିକ ସୂଚନା ଦେଇ କହିଛନ୍ତି ଯେ, ଡ୍ୟାମ ରେ ଏହି ଡିପ୍ଲି ସନ୍ ସ୍ଲୁଇସ ନିର୍ମାଣ ନ ହେଲେ ବୈତରଣୀ ନଦୀ ର ତଳ ମୁଣ୍ଡ ଅଞ୍ଚଳ କୁ ଜଳ ପ୍ରବାହ ହୋଇ ପାରିବ ନାହିଁ ।ଏଥିପାଇଁ ଏହାକୁ ନିର୍ମାଣ କରାଯାଉ ଥିଲା ।ଏହାକୁ ଏବେ ଅସ୍ଥାୟୀ ଭାବେ ନିର୍ମାଣ କାର୍ଯ୍ୟ ବନ୍ଦ କରାଯାଇଛି । ବର୍ଷା ଋତୁ ପରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି । ଡ୍ୟାମ ର ୧୨ ଟି ଗେଟ୍ ଓ ଡିପ୍ଲିସନ୍ ସ୍ଲୁଇସ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେଉଣୁ ବୈତରଣୀ ନଦୀ ର ଗତି ପଥ କୁ ସମ୍ପୂର୍ଣ ଭାବେ କାହିଁକି ବନ୍ଦ କରଗଲ । ବୋଲି ସାଧାରଣରେ ପ୍ରଶ୍ନ ଉଠିଛି ।ଜଳ ନିଷ୍କାସନ ର ବ୍ୟବସ୍ଥା ନ ଥିବାରୁ ବନ୍ଧ ଭାଙ୍ଗିବା ନେଇ ଖୋଦ୍ ପ୍ରକଳ୍ପ ର ନିର୍ମାଣ ବିଭାଗ ଆଶଙ୍କା କରି ଜିଲ୍ଲା ପ୍ରଶାସନ,ଜନସାଧାରଣ ଓ ବୈତରଣୀ ନଦୀ ଦ୍ୱାରା ପ୍ରଭାବିତ ହେଉଥିବା ଝାଡ଼ଖଣ୍ଡ ରାଜ୍ୟ ପ୍ରଶାସନ କୁ ମଧ ସୂଚନା ଦିଆଯାଇଛି ।ଏହି ଖବର ପାଇବା ପରେ ଡ୍ୟାମ ଅଞ୍ଚଳ ରେ ପୋଲିସ ଓ ମାଜିଷ୍ଟ୍ରେଟ ଘଟଣାସ୍ଥଳ ରେ ପହଂଚି ପରିସ୍ଥିତି ଉପରେ କଡା ନଜର ରଖିଛି ।

# ନାରୀ ନିର୍ଯ୍ୟାତନା ବିରୋଧ ସ୍ୱର, ଯୁବକଙ୍କ ସାଇକେଲରେ ଭାରତ ଭ୍ରମଣ



ଆସିକା, (ମହାଭାରତ) : ସମଗ୍ର ଦେଶରେ ଦିନକୁ ଦିନ ବଢୁଥିବା ନାରୀ ନିର୍ଯାତନା, ଗଣ ବଳତ୍କାର, ବିରୋଧ ଏବଂ ଏହାକୁ ରୋକିବା ନେଇ ସଚେତନ ର ବାର୍ତା ଗାଁ ଗାଁ ରେ ପହଂଚାଇବା ସକାଶେ ଅଂଟା ଭିଡିଛନ୍ତି ଆସିକା ବ୍ଲକ କଳାସୁତା ଗ୍ରାମର ଅଠର ବର୍ଷୀୟ ଯୁବକ ଦୀପକ ଗୌଡ଼ । ସେ ଯୁକ୍ତ ଦୁଇ ପାସ କରିଥିଲେ ମଧ୍ୟ ନିଜର କେରିୟର କୁ ଛାଡି ରାଜ୍ୟରେ ବୃଦ୍ଧି ପାଉଥିବା ନାରୀ ନିର୍ଯାତନା ଭଳି ଜଘନ୍ୟ ଅପରାଧ କୁ ରୋକିବା କୁ ନିଜ ଜୀବନ ରେ ଏକ ମହତ୍ୱ କାମ ବୋଲି ଭାବି ଆପେଣେଇଛନ୍ତି । ସେଥିପାଇଁ ସେ ସାଇକେଲ ଯୋଗେ ସାରା ଭାରତ ଭ୍ରମଣ କରିବା ସାଙ୍ଗକୁ ନେପାଳ ,ଭୁଟାନ ଓ ନାଗାଲେଣ୍ଡ ଗ୍ରସ୍ତ କରି ନାରୀ ନିର୍ଯାତନା ର ସଚେତନ ବାର୍ତା ବାଟିଂବା ନେଇ ଆରମ୍ଭ କରିଛନ୍ତି ସାଇକେଲ ଯାତ୍ରା । ଏହି ଯାତ୍ରା ଛଅ ମାସ ରୁ ଉର୍ଦ୍ଧ ସମୟ ହେବ ବୋଲି ଦୀପକ ସୂଚନା ଦେଇଛନ୍ତି । ତାଙ୍କର ଯାତ୍ରା ଆସିକା ଠାରୁ ଆରମ୍ଭ ହୋଇ ଥିବା ବେଳେ ବିଭିନ୍ନ ସଂଗଠନ ଛାତ୍ର ଓ ଯୁବ ସମାଜ ପକ୍ଷରୁ ଦୀପକ କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇ ତାଙ୍କ ଉଦ୍ଦେଶ୍ୟ ସଫଳ କାମନା କରିଛନ୍ତି । ସୂଚନା ଥାଉକି ପୂର୍ବରୁ ଦୀପକ ଭାରତ ବର୍ଷ ର ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଏବଂ ଚାରିଧାମ ଭ୍ରମଣ ରେ ଯାଇ ସଚେତନର ବାଂଟିଥିଲେ । ଏହି ସାଇକେଲ ଶୋଭାଯାତ୍ରା ରେ କୁ ଆସିକା ବିଜେଡି ପକ୍ଷରୁ ଆସିକା ବିଜୁପଟ୍ଟନାୟକ ଛକ ଠାରେ ବରିଷ୍ଠ ସଦସ୍ୟ ଦିଲ୍ଲୀପ ପାଣିଗ୍ରାହୀ, ଜିଲ୍ଲା ପରିଷଦ ସଦସ୍ୟ ମନୋଜ ଦୋରା, ସରପଞ୍ଚ ଜୟସେନ ସ୍ୱାଇଁ, ଶ୍ୱେତ ବସନ୍ତ ଲେଙ୍କା, ବିମଳ ପ୍ରଧାନ, କାଉନସିଲର ନିଗମାନନ୍ଦ ରାଉତ, ଜିତେନ୍ଦ୍ର ମହାରଣା, ପ୍ରତାପ ପ୍ରଧାନ, କାହ୍ନୁ ଚରଣ ଦଳାଇ, ସାଗର ପାତ୍ର, ରବୀନ ପାତ୍ର, ଟୁନା ନାହାକ, ଟୁକୁନା ନାହାକ, ସନ୍ତୋଷ ନାହାକ, ନୀଳାଚଂଳ ମହାରଣା ଏବଂ ପାତାଞ୍ଜଳି ଯୋଗ ସମିତି ର ଗୁଣ୍ଡିଚା ମହାରଣା, ସୁରେଶ ବିଷୋୟୀ, ବାବୁଲା ଗୌଡ଼, ବିଜୟ ନାହାକ ପ୍ରମୁଖ ଉପସ୍ଥିତ ରହି ଏହି ଛାତ୍ର କୁ ସମ୍ବର୍ଦ୍ଧନା ଦେବା ସହ ଉତ୍ସାହିତ କରିଥିଲେ । ଗାଁ ରୁ ବାହାରି ମା ଖମ୍ବେଶ୍ୱରୀ ଙ୍କ ଆଶୀର୍ବାଦ ନେଇ ସେ ଏହି ଯାତ୍ରା ଆରମ୍ଭ କରିଛନ୍ତି ।

# ପୋଖରୀରେ ବୁଡି ଶିଶୁ କନ୍ୟା ମୃତ

କରଞ୍ଜିଆ,୦ ୧/୦୭ (ମହାଭାରତ) ମଙ୍ଗଳବାର ଅପରାହ୍ନ ସମୟରେ ପୋଖରୀ ରେ ପଡି ଯାଇ ଜଣେ ଶିଶୁ ର ମୃତ୍ୟୁ ଘଟିଛି ।ମୃତ ଶିଶୁ ଜଣକ ହେଉଛନ୍ତି ଠାକୁରମୁଣ୍ଡା ବ୍ଲକ ମହୁଲଡ଼ିହା ଥାନା ଅନ୍ତର୍ଗତ ଜମୁନାଳିଆ ଗ୍ରାମର ବିରିଞ୍ଚି ମହାନ୍ତ ଙ୍କ ୫ ବର୍ଷ ର ଝିଅ ତୁଳସୀ ବୋଲି ଜଣା ପଡ଼ିଛି ।ମିଳିଥିବା ସୂଚନା ଅନୁଯାୟୀ ଗ୍ରାମରେ ଜୈନେକ ବ୍ୟକ୍ତି ଙ୍କ ଘରେ ବିବାହ ଭୋଜି କୁ ବିରିଞ୍ଚି ମହାନ୍ତ ଙ୍କ ପରିବାର ଲୋକେ ଯାଇଥିଲେ ।ଭୋଜି ରେ ପରିବାର ଲୋକ ମାନେ ଥିବା ବେଳେ ତାଙ୍କ ଝିଅ ତୁଳସୀ ତାର ଜଣେ ସାଙ୍ଗ ସହିତ ତାଙ୍କ ଘର ନିକଟରେ ଥିବା ପୋଖରୀ ଆଡେ ଶୈାଚ ହେବାକୁ ଯାଇଥିଲେ ।ପୋଖରୀ ହିଡ ରୁ ଅସାବଧାନତା ବଶତଃ ତୁଳସୀ ଖସି ପଡି ପାଣିରେ ବୁଡି ଯାଇଥିଲେ ।ସାଙ୍ଗରେ ଯାଇଥିବା ଅନ୍ୟ ଜଣେ ଶିଶୁ ତୁଳସୀ ପାଣି ଭିତରେ ପଡିଯିବା ଦେଖି ଖବର ଦେବାକୁ ପୋଖରୀ ନିକଟରେ ଥିବା ତାଙ୍କ ଘରକୁ ଯାଇଥିଲେ ।ଭୋଜି କୁ ପରିବାର ଲୋକେ ସମସ୍ତେ ଯାଇଥିବାରୁ ସେଠାରେ କାହାରିକୁ ନ ପାଇ ଭୋଜି ହେଉଥିବା ସ୍ଥାନକୁ କୁ ଯାଇ ତୁଳସୀ ପାଣିରେ ବୁଡି ଯାଇଥିବା ର ଖବର ଦେଇଥିଲେ ।ପରେ ପରିବାର ଲୋକଙ୍କ ସହିତ ଭୋଜିକୁ ଯାଇଥିବା ଅନ୍ୟ ଲୋକ ମାନେ ପୋଖରୀ କୁ ଯାଇ ବୁଡି ଯାଇଥିବା ଶିଶୁ କନ୍ୟା କୁ ପାଣି ଭିତରୁ ଉଦ୍ଧାର କରି ଥିଲେ ।ଉଦ୍ଧାର ପରେ ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିବା ପରେ ତୁଳସୀ କୁ ଡାକ୍ତର ମୃତ ଘୋଷଣା କରିଥିଲେ ।

# ଗୁଣ୍ଡିଚାବାଡ଼ି ଠାରେ ହେରାପଂଚମୀ ମହା ସମାରୋହରେ ପାଳିତ



ଗଜପତି, (ମହାଭାରତ) : ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ହେରା ପଞ୍ଚମୀ ମହାସମାରୋହରେ ପାଳିତ ହୋଇ ଯାଇଛି ।ଆଷାଢ଼ ମାସର ଶୁକ୍ଳ ପଞ୍ଚମୀରେ ହେରା ପଂଚମୀ ପାଳିତ ହୋଇଥାଏ ।ମାଆ ମହାଲକ୍ଷ୍ମୀଙ୍କୁ ଏକା ଛାଡି ପ୍ରଭୁ ଶ୍ରୀ ଜଗନ୍ନାଥ ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରାଙ୍କ ସହିତ ରଥଯାତ୍ରାରେ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରନ୍ତି ।ଦିନେ ଦୁଇ ଦିନରେ ଫେରି ଆସିବି ବୋଲି ଲକ୍ଷ୍ମୀଙ୍କୁ ପ୍ରତିଶୃତି ଦେଇଥାନ୍ତି ।କିନ୍ତୁ ତାଙ୍କ ପ୍ରତିଶୃତିକୁ ଭକ୍ତଙ୍କ ଗହଣରେ ରହି ଭୁଲି ଯାଆନ୍ତି ।ଅଭିମାନ ଓ କ୍ରୋଧରେ ମାଆ ମହାଲକ୍ଷ୍ମୀ ଗୁଣ୍ଡିଚା ମନ୍ଦିରକୁ ଆସିଥାନ୍ତି ସେତେବେଳେ ମହାପ୍ରଭୁଙ୍କ ସନ୍ଧ୍ୟା ଆଳତୀ ହୋଇ ପହଡ଼ ପଡିଥାଏ ।ମାଆ ମହାଲକ୍ଷ୍ମୀ ବିରସ ମନରେ ପ୍ରଭୁଙ୍କ ଦର୍ଶନ ନ ପାଇ ଫେରିଯାନ୍ତି ।ଗଲାବେଳେ ନିଜର ଅଭିମାନକୁ ଦେଖାଇବା ପାଇଁ ରଥ କାଠ ଖଣ୍ଡିଏ ଭାଙ୍ଗିଦେଇ ଯାଆନ୍ତି ।ଆଜି ପାଗ ଅନୁକୂଳ ହୋଇଥିବାରୁ ଆଖପାଖ ପୁରପଲ୍ଲୀରୁ ଓ ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶରୁ ମଧ ବହୁ ଭକ୍ତମାନଙ୍କ ସମାଗମ ଦେଖିବାକୁ ମିଳିଛି ।ମନ୍ଦିର ପରିସରରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି ।ଶାନ୍ତି ଶୃଙ୍ଖଳା ରକ୍ଷା ସକାଶେ ପୋଲିସ ମୃତୟନ ହୋଇଛନ୍ତି ।

# ବାଲିପାଟଣାରେ ୬ ଡେଙ୍ଗୁ ରୋଗୀ ଚିହ୍ନଟ

ବାଲିପାଟଣା, ୦୧/୭(ମହାଭାରତ)ବାଲିପାଟଣାରେ ୬ଜଣ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇଥ?ିବା ଜଣାପଡ଼ିଛି ।ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକାରୀ ଶ୍ରୀକାନ୍ତ ବେହେରାଙ୍କ ସୂଚନା ଅନୁସାରେ, ଗତ ୨୦ଦିନ ମଧରେ ୧୮୮ ରକ୍ତ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା ।ସେଥିରୁ ୬ ଜଣଙ୍କ ରିପୋର୍ଟ ଡେଙ୍ଗୁ ପଜିଟିଭ୍ ଆସିଛି ।ସମସ୍ତ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି ।ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି । ଲୋକେ ମଶାରୀ ଟାଣି ଶୋଇବା ସହ ଘର ଆଖପାଖ ସଫା ରଖିବା ଓ ମଇଳା ପାଣି ଜମିବାକୁ ନଦେବା କୁ ଶ୍ରୀ ବେହେରା ପରାମର୍ଶ ଦେଇଛନ୍ତି ।

# ଆସିକା ଗ୍ରସ୍ତରେ କଂଗ୍ରେସ କିସାନ ସେଲ ରାଜ୍ୟ ସଭାପତି

ଆସିକା, (ମହାଭାରତ) : ଗଞ୍ଜାମ ଜିଲ୍ଲା କଂଗ୍ରେସ ର ଆସିକା ସଂସଦୀୟ ନିର୍ବାଚନ ମଣ୍ଡଳୀ କୁ ସୁଦୃଢ କରିବା ପାଇଁ ରାଜ୍ୟ ପ୍ରଦେଶ କଂଗ୍ରେସ କିସାନ ସେଲ ରାଜ୍ୟ ସଭାପତି ଅଭୟ ସାହୁ ଆସିକା ଗ୍ରସ୍ତ କରିଛନ୍ତି । ଓଡିଶା ପ୍ରଦେଶ କମିଟିର କିସାନ ସେଲ ର ନୂତନ ଭାବେ ସଭାପତି ହେବା ପରେ ସେ ପ୍ରଥମ ଥର ପାଇଁ ଗଞ୍ଜାମ ଜିଲ୍ଲା (ପଶ୍ଚିମ ) କୁ ଗ୍ରସ୍ତ କରିଛନ୍ତି । ତାଙ୍କ ସହିତ ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ, କୃଷକ ନେତା ଅରୁଣ ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ । ଆସିକା କଂଗ୍ରେସ କାର୍ଯ୍ୟାଳୟ ରେ ନବ ନିର୍ବାଚିତ ଗଞ୍ଜାମ ଜିଲ୍ଲା ସଭାପତି (ପଶ୍ଚିମ ) ର ଯୁବ ଆଇନ ଜୀବି ଦେବକାନ୍ତ ଶର୍ମା ଙ୍କ ସଭାପତିତ୍ୱ ରେ ଆସିକା ନିର୍ବାଚନ ମଣ୍ଡଳୀର ଅନେକ ଚାଷୀ ମାନଙ୍କ ସହ ମିଶି ଆଲୋଚନା କରିଥିଲେ । ଗଞ୍ଜାମ ଜିଲ୍ଲା ଏକ କୃଷି ପ୍ରାଧାନ୍ୟ ଜିଲ୍ଲା ହୋଇ ରହିଥିଲା । ଆସିକା ଏକ ସମବାୟ ଅନୁଷ୍ଠାନ ରେ ଭରପୁର ହୋଇଥିଲା । ଆଜି ଏହି ଜିଲ୍ଲା ରେ ପୂର୍ବ ସରକାର ଏବଂ ବର୍ତମାନ ର ବିଜେପି ସରକାର କୌଣସି ଚାଷୀ ମାନଙ୍କ ଉନ୍ନତି ପାଇଁ ପଦକ୍ଷେପ ନେଉନାହାନ୍ତି । ଜିଲ୍ଲା ରେ ନାରୀ ନିର୍ଯାତନା, ମହିଳା ଅସୁରକ୍ଷିତ, ଦାଦନ ଶ୍ରମିକ, ଜମିକୁ ଜଳ ସେଚନ ଅଭାବ, ଶୀତଳ ଭଣ୍ଡାର ନଥିବାରୁ ଚାଷୀ ବହୁତ ହଇରାଣ ହେଉଛି । ଏଣୁ ରାହୁଲ ଗାନ୍ଧୀ ଙ୍କ ଭିଜନ ରହିଛି କିସାନ ଟାଣ ହେଲେ କଂଗ୍ରେସ ଟାଣ ହେବ । ଚାଷୀ ମାନଙ୍କ ମିଳିତ ସହଯୋଗ ରେ କଂଗ୍ରେସ ସୁଦୃଢ ହୋଇ ପାରିବ । ରାହୁଲ ଗାନ୍ଧୀଙ୍କ ଓଡ଼ିଆ ଗ୍ରସ୍ତ କୁ ସଫଳ କରିବା ପାଇଁ ମଧ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ପ୍ରିୟାଂଶୁ ପରିଡା, ଅଜିତ ମୁନି,ଭବାନୀ ଶଙ୍କର ଦାସ, ଅଭିନାଶ ବେହେରା, ଭାଲୁ ପାତ୍ର, ପରମେଶ୍ୱର ପାତ୍ର, କ୍ଷେତ୍ରବାସୀ ଦୋରା ସମେତ ଅନେକ ଚାଷୀ ଯୋଗ ଦେଇଥିଲେ ।

# 'ଆମ ସମାଜ ଆମ ସଂସ୍କୃତି' କାର୍ଯ୍ୟକ୍ରମ




ଖଡ଼ିଆଳ, (ମହାଭାରତ): ନୂଆପଡା ଜିଲ୍ଲା ଖଡିଆଳ ଠାରେ ଥିବା ଡମ୍ ଗଣା ସମାଜ ଭବନରେ ଜିଲ୍ଲା ଡ଼ମ୍ ଗଣା ସମାଜ କଲ୍ୟାଣ ସମିତି ନୂଆପଡା ଓ ଡ଼ମ୍ ସଂସ୍କୃତି ଗବେଷଣା କେନ୍ଦ୍ର କୋମନା ବ୍ଲକ ମାନିଗୁଡ଼ା ମିଳିତ ସହଯୋଗରେ ଆମ ସମାଜ ଆମ ସଂସ୍କୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ଡ଼ମ ଗଣା ଜିଲ୍ଲା ସଭାପତି ହରିକେଶ ଜାଲଙ୍କ ସଭାପତିତ୍ୱରେ ମୁଖ ଅତିଥି ଭାବେ ଜାମିଆ-ମିଲିଆ ଇସ୍ଲାମିଆ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀ ପ୍ରଫେସର ସରୋଜ କୁମାର ମହାନନ୍ଦ ଯୋଗ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ କବି ଓ ଲେଖକ ତଥା ଅବସର ପ୍ରାପ୍ତ ପ୍ରଶାସନିକ ଅଧିକାରୀ ଡ଼. ବାସୁଦେବ ସୁନାନୀ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ପ୍ରମୋଦ ନାଏକ, ଜିଲ୍ଲା ଡ଼ମ ଗଣା ସମାଜ ସହ ସମ୍ପାଦିକା ଝରାମଣୀ ଦେଇ, କୋମନା ବ୍ଲକ ଅଧକ୍ଷା ଅନୁସୂୟା କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଶତାଧିକ ମହିଳା ପୁରୁଷ ଯୋଗ ଦେଇଥିଲେ । ଅତିଥି ମାନେ ଆମ ସମାଜ ଆମ ସଂସ୍କୃତି ବିଷୟରେ ସମସ୍ତଙ୍କୁ ବୁଝାଇ ଥିଲେ । ନିଜ ଭାଷା ଲୋପ ପାଇ ଯାଇଥିବାରୁ ଅତିଥି ମାନେ କ୍ଷୋଭ ପ୍ରକାଶ କରିଥିଲେ । ଆଗାମୀ ଦିନରେ ଆମ ଭାଷା କେମିତି ପରିଚାଳିତ ହେବ ସେନେଇ ଗାଁ କୁ ଗାଁ ଯାଇ ଆମ ଜାତିର ଲୋକଙ୍କୁ ସଚେତନ କରାଯିବା ସହ ଆମ ସମାଜ ଆମ ସଂସ୍କୃତି ବିଷୟରେ ଜିଲ୍ଲାର ପ୍ରତ୍ୟେକ ଗାଁ କୁ ଯାଇ ଲୋକଙ୍କୁ ସଚେତନ କରିବା ପାଇଁ ପରାମର୍ଶ ଦେଇଥିଲେ । ଶେଷରେ ମୁଖ୍ୟ ବକ୍ତା ଶ୍ରୀ ସୁନାନୀଙ୍କ ଲେଖିଥିବା ବିଭିନ୍ନ ପୁସ୍ତକ ବଣ୍ଟନ କରାଯାଇଥିଲା ।

## ଜିଲ୍ଲାସ୍ତରୀୟ ଇନ୍ଦ୍ରଧନୁ ସ୍ୱାଭିମାନ ପଦଯାତ୍ରାର ଚତୁର୍ଥ ସଂସ୍କରଣ



ଅନୁଗୋଳ(ମହାଭାରତ):ଅନୁଗୋଳ ଜିଲ୍ଲାର ଏଲ୍ ଜି ବି ଟି କ୍ୟୁ ମାନଙ୍କ ପକ୍ଷରୁ ଜୁନ୍ ମାସ ଯୌନତା ସ୍ୱ-ପରିଚିତ ଲିଙ୍ଗଗତ ବିଭିନ୍ନତାକୁ ଆନନ୍ଦର ସହିତ ପାଳନ କରିଛନ୍ତି। ସେମାନଙ୍କ ଅଧିକାର ପାଇବା କାହାକୁ ସେମାନେ ଭଲ ପାଇବେ କାହା ପାଇଁ ଯତ୍ନବାନ ହେବେ ସେସବୁ ନିର୍ଣ୍ଣୟ କରୁଥିବା ସମାଜର ଚିରାଚରିତ ନିୟମ ଗୁଡିକ ଓ ପରିବର୍ତ୍ତନ କରିବା ପାଇଁ ମିଳିତ ହୋଇଥିଲେ। ନିଜ ଘରୁ ଆରମ୍ଭ ହେଉଥିବା ଉତ୍ପୀଡନ ଯାହା ଧିରେ ଧିରେ ସମାଜର ଅନ୍ୟାନ୍ୟ ବର୍ଗ ଯଥା ଶିକ୍ଷା ଓ ସ୍ୱାସ୍ଥ୍ୟ, କାର୍ଯ୍ୟକ୍ଷେତ୍ର ଓ ସର୍ବ ସାଧାରଣ ସ୍ଥାନଗୁଡିକରେ ଦେଖାଯାଉଛି। ନିଜର ଉପସ୍ଥିତିକୁ ପ୍ରତୀୟମାନ କରିବା ପାଇଁ, ସେମାନଙ୍କର ଅଧିକାର ସାବ୍ୟସ୍ତ କରିବା ପାଇଁ ଏବଂ ଆତ୍ମ ସମ୍ମାନର ସହ ଜୀବନ ଯାପନ କରିବା ପାଇଁ ସମାଜ ତଥା ଅନ୍ୟାନ୍ୟ ବର୍ଗକୁ ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ରେନବୋ ସ୍ୱାଭିମାନ ପଦଯାତ୍ରା କରାଯାଇଥିଲା। ଓଡିଶାରେ ରେନବୋ ସ୍ୱାଭିମାନ ପଦଯାତ୍ରାର ଇତିହାସ ୨୦୦୯ ମସିହାରେ ବିଭିନ୍ନ ଗୋଷ୍ଠୀ ଭିତିକ ଅନୁଷ୍ଠାନ ଏବଂ ସାଥୀ ଏନ୍ ଜିଓ ର ସହଭାଗିତାରେ ଭୁବନେଶ୍ୱର ଠାରେ ସର୍ବପ୍ରଥମେ ରେନବୋ ସ୍ୱାଭିମାନ ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ଏହା ଦ୍ୱିତୀୟ ଥର ପାଇଁ ୨୦୧୦ ମସିହାରେ ମଧ ଆୟୋଜିତ ହୋଇଥିଲା । ୨୦୧୧ ମସିହାରେ ରେନବୋ ସ୍ୱାଭିମାନ ପଦଯାତ୍ରା ବଦଳରେ ସ୍ଲାଇଡ ଇଭେ□ ଆୟୋଜିତ ହୋଇଥିଲା। ୨୦୧୨ ମସିହାରେ ରେନବୋ ସ୍ୱାଭିମାନ ପଦଯାତ୍ରା ପ୍ରଥମ ଥର ପାଇଁ କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ସହରରେ ଜିଲ୍ଲା ସ୍ତରରେ ଆୟୋଜିତ ହୋଇଥିଲା । ପରେ ବିଭିଓ ଜିଲ୍ଲାରେ ଏହା ପାଳିତ ହେଉଛି। ଆଜି ଅନୁଗୋଳ ଜିଲ୍ଲାରେ ମଧ ପାଳନ ହୋଇଯାଇଛି। ବିଜୁ ମୈଦାନ ଠାରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ଟାଉନ୍ ହଲ୍ ଠାରେ ପହଞ୍ଚିଥିଲା। ଟାଉନ୍ ହଲ୍ ରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ କୃତି ପ୍ରତିଯୋଗିମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଗାଡି ଚେକିଂ ବେଳେ ଟ୍ରକ ଧକ୍କାରେ ପିସିଆର ଡ୍ରାଇଭରଙ୍କ ମୃତ୍ୟୁ

ଅନୁଗୋଳ (ମହାଭାରତ): ଅନୁଗୁଳ ଜିଲ୍ଲା କିଶୋରନଗର ଥାନା ୫୫ ନମ୍ବର ଜାତୀୟ ରାଜପଥର କୁଟାସିଙ୍ଗା ଫାସିପାଳ ମଠ ନିକଟରେ ଆଜି ଏକ ଟ୍ରକ ଧକ୍କାରେ ଜଣେ ପିସିଆର୍ ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି ।ସୂଚନା ଯେ, ଆଜି ମଧାହ୍ନ ସମୟରେ ୫୫ ନମ୍ବର ଜାତୀୟ ରାଜପଥର କୁଟାସିଙ୍ଗା ଠାରେ ଗାଡ଼ି ଚେକିଂ କରୁଥିବାବେଳେ ଟ୍ରକ୍ ଧକ୍କାରେ ପିସିଆର୍ ଭ୍ୟାନ ଡ୍ରାଇଭର ବିଭୂତି ପ୍ରଧାନ ଗୁରୁତର ହୋଇପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କିଶୋରନଗର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ପୋଲିସ ମୃତକଙ୍କ ଶବ ବ୍ୟବଚ୍ଛେଦ ପାଇଁ ହଣ୍ଡପା ପଠାଇଥିବା ଜଣାପଡିଛି। ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା ଟ୍ରକକୁ କିଶୋର ନଗର ପୋଲିସ ଗୋଡ଼ାଇ ଗୋଡ଼ାଇ କାବୁ କରିଥିବା ସୂଚନା ମିଳିଛି।

## ଭାରତ ବନ୍ଦ ଡାକରା, କୂଟରୁଖମାର, କାଲୋପଲା ଠାରେ ରାସ୍ତାରୋକ

ଜୁନାଗଡ଼, (ମହାଭାରତ) ଭାରତ ମକ୍ତି ମୋର୍ଚ୍ଚା, ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା,ବହୁଜନ କ୍ରାନ୍ତି ମୋର୍ଚ୍ଚା, ରାଷ୍ଟ୍ରୀୟ ପରିବର୍ତ୍ତନ ମୋର୍ଚ୍ଚା ମିଳିତ ଭାବେ ଭାରତ ବନ୍ଦ ଡାକରା ଦେଇଥିଲେ ।ଅମିତ ଶାହାଙ୍କ ଦ୍ୱାରା ବାବା ସାହେବ ଆମ୍ବେଦକରଙ୍କୁ ଅପମାନ ଜନକ ମନ୍ତବ୍ୟ,କେନ୍ଦ୍ର ସରକାରଙ୍କ ଦ୍ୱାରା ଓବିସି ମାନଙ୍କର ଜାତିଭିତିକ ଜନଗଣନା ନ କରାଯିବା,ଇଭିଏମ ମେସିନ ହଟାଯିବା,ସଂସଦୀୟ ପ୍ରଣାଳୀ,ନିର୍ବାଚନ ପ୍ରଣାଳୀ, ସଂଶୋଧନ ବିଲରେ ସମ୍ବିଧାନର ମୂଳ ସିଦ୍ଧାନ୍ତକୁ ଅଣଦେଖା,ଓଡିଶା ସରକାରଙ୍କ ସଂରକ୍ଷଣ ନୀତିରେ ଅନିୟମିତତା ଆଦି ଅଭିଯୋଗ ନେଇ ଜିଲ୍ଲାର କିଛି ସ୍ଥାନରେ ରାସ୍ତାରୋକ କରାଯାଇଥିଲାୟ ଜାତୀୟ ରାଜପଥ ୨୬ ଉପରେ ମୁଖ୍ୟତଃ ଭବାନୀପାଟଣା ସଦର ବ୍ଲକ କୂଟରୁଖମାର, ଜୁନାଗଡ଼ ବ୍ଲକ କାଲୋପଲା ଠାରେ ଭାରତ ବନ୍ଦ ଡାକରା କ୍ରମେ ରାସ୍ତାରୋକ କରାଯାଇଥିଲା। ରାସ୍ତାରୋକ ଯୋଗୁଁ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଅନେକ ଯାନବାହନ ଅଟକି ରହିଥିଲା। ଏହି ରାସ୍ତାରୋକ ସମୟରେ ଭାରତୀୟ ମୁକ୍ତି ମୋର୍ଚ୍ଚାର ରାଷ୍ଟ୍ରୀୟ ନେତ୍ରୀ କମଳିନୀ ଯାଦବ, କିଷାନ ମୋର୍ଚ୍ଚା ରାଜ୍ୟ ସଭାପତି ଦୁର୍ଯ୍ୟୋଧନ ଜାଲ, ପଛୁଆ ବର୍ଗ ମୋର୍ଚ୍ଚ ସଭାପତି ଖୀରସିନ୍ଧୁ ବୋଡକିଆ,ଆଦିବାସୀ ଏକତା ପରିଷଦର କୁଶ ଶବର, କେଶବ ଶବର, ବଳଦେବ ଭୋଇ, ସୁଶାନ୍ତ ଚଲାନ,କନ୍ଧେଶ୍ୱର ନାଏକ,ପର୍ଶୁ ଶବର, ଡମ ସିଂ, ଡମ୍ବରୁ ଶବର, ପୂର୍ଣ୍ଣ ନିଆଲ, ନୀଳକଣ୍ଠ ଧଙ୍ଗଡାମାଝୀ ପ୍ରମୁଖ ନେତୃତ୍ୱ ନେଇ, ଉପସ୍ଥିତ ଥିଲେ। ସକାଳ ସାଢେ ଆଠରୁ ଦଶଟା ପର୍ଯ୍ୟନ୍ତ ରାସ୍ତାରୋକ ଜାରି ରହିଥିଲା। ରାସ୍ତାରୋକ ସମୟରେ ସ୍ଥାନୀୟ ପୋଲିସ ଉପସ୍ଥିତ ରହି, ଘଟଣା ଉପରେ ନଜର ରଖିଥିଲେ ।ପରେ ରାସ୍ତାରୋକ ହଟିବାରୁ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

## ତିତୀକ୍ଷା ୱେଲଫେୟାର ଫାଉଣ୍ଡେସନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

କନ୍ଧମାଳ(ମହାଭାରତ): କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଗୁଦାରୀ ପଞ୍ଚାୟତ ରାଜିବ ଗାନ୍ଧୀ ସେବା କେନ୍ଦ୍ରରେ ତିତୀକ୍ଷା ୱେଲଫେୟାର ଫାଉଣ୍ଡେସନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ତିତୀକ୍ଷା ୱେଲଫେୟାର ଫାଉଣ୍ଡେସନ ଏମ୍ ଡି ଶ୍ରୀ ଜିତେନ୍ଦ୍ର ସୁନା ଓ ସଭାପତି ଶ୍ରୀ ବିନୋଦ କୁମାର ବାଘ ଯୋଗଦେଇ ଥିଲେ । ଜିଲ୍ଲାର ବେକାରୀ ଯୁବକ ଯୁବତୀ ମାନେ କିପରି ରୋଜଗାର କରି ସ୍ୱାବଲମ୍ବୀ ହୋଇ ପାରିବେ ସେହି ବିଷୟରେ ଆଲୋଚନା କରାଯିବା ସହିତ ଗରିବ ଲୋକମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଜରୁରୀକାଳୀନ ପରିସ୍ଥିତିରେ ତିତୀକ୍ଷା ୱେଲଫେୟାର ଫାଉଣ୍ଡେସନ ପକ୍ଷରୁ ଆର୍ଥିକ ସାହାଯ୍ୟ ସହଯୋଗ କରିପାରିବେ ସେ ଉପର ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା ।ଏଥିରେ ଗୋବିନ୍ଦ କହଁର, ତନୁଜା କହଁର, ମଞ୍ଜୁଶ୍ରୀ କହଁର,ବିମଳ ଦେହୁରୀ, ବସନ୍ତ କୁମାର ଦିଗାଲ ପ୍ରମୁଖ ଉପସ୍ଥିତ ହୋଇ ସମ୍ପୂର୍ଣ୍ଣ ସହଯୋଗ କରି ସାଫଲ୍ୟ ମଣ୍ଡିତ କରିଥିଲେ।

# ସରକାରୀ ଯୋଜନା ବାଟବଣା: ଜରିପାଲ ତଳେ ୮ ପ୍ରାଣୀ କୁଟୁମ୍ବ

କନ୍ଧମାଳ:(ମହାଭାରତ):ସରକାର ଗରିବ ଅସହାୟ ବାସହୀନ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଘର ଯୋଗାଇ ଦେଉଛନ୍ତି ସତ। କିନ୍ତୁ ପ୍ରଶାସନ ଅବହେଳା ଯୋଗୁଁ ଆଜି ବି ଏହି ଯୋଜନା କେତେକ ହିତାଧିକାରୀ ଙ୍କ ପାଖକୁ ପହଞ୍ଚି ପାରୁନଥିବା ଅଭିଯୋଗ ହେଉଛି। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି। କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ ଅନ୍ତର୍ଗତ ରାଇଗୁଡ଼ା ଗ୍ରାମ ଝିଡ଼ିଙ୍ଗ ପଡ଼ା ସାହିରେ ଜରିପାଲ ତଳେ ବିତୁଛି ୮ ପ୍ରାଣୀ କୁଟୁମ୍ବ ଙ୍କ ଜୀବନ। ନକୁଳ କହଁର ବୟସ (୩୦) ତାଙ୍କ ମାଁ ସାନ ଭାଇ ଦୁଇ ଜଣ ସ୍ତ୍ରୀ ଓ ପିଲା ଛୁଆ ମିଶାଇ ୮ ଜଣ ପ୍ରାଣୀ ଙ୍କୁ ନେଇ ଗୋଟିଏ ପରିବାର।ଦୀର୍ଘ ବର୍ଷ ଧରି ଏହି ଝାଟିମାଟି ଭଙ୍ଗା ଦଦରା କୁଡ଼ିଆରେ ରହି ଆସୁଛନ୍ତି। ଖରା ଦିନରେ ଯେମିତି ସେମିତି ଚଳି ଯାଉଥିବା ବେଳେ ବର୍ଷା ଦିନେ ଘର ଛପର ଉପରୁ ପାଣି ଗଳୁଛି। କେତେବେଳେ ଭୁଶୁଡ଼ି ପଡ଼ିବ କହି ହେବନି। ଘର ଖଣ୍ଡିଏ ପାଇଁ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆବେଦନ



କରିଥିଲେ ମଧ କୌଣସି ସୁଫଳ ମିଳିନଥିବା କହିଛନ୍ତି ହିତାଧିକାରୀ। ଏଭଳି ପରିସ୍ଥିତି ରେ ଘର ଖଣ୍ଡିଏ କରିବା ତାଙ୍କ ପାଇଁ ସାତ ସପନ ପାଲଟିଛି। ବର୍ଷା ଦିନ ଆସିଲେ ଭଙ୍ଗା କୁଡ଼ିଆରେ ରହିବା ପରିବାର ପକ୍ଷରେ କଷ୍ଟକର ହେଉଛି। ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ନକୁଳ କହଁର ଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରେ ସାମିଲ୍ କରି ଘର ଖଣ୍ଡିଏ ଯୋଗାଇ ଦେବାକୁ ବୃଦ୍ଧିଜୀବି ମହଲରୁ ଦାବି କରିଛନ୍ତି। ଦେଖିବାକୁ ବାକି ରହିଲା ନକୁଳ କହଁର ଙ୍କ ଦୁଃଖ ନୂତନ ସରକାର କେବେ ଶୁଣୁଛନ୍ତି।

## ଭୁତଳ ଜଳ ଯୋଜନାରେ ଦୁର୍ନୀତି ବିରୋଧରେ ଧାରଣା

### ତପନ ହୋତାଙ୍କ ଜନମୁଖୀ ଆନ୍ଦୋଳନ ନବମ ଦିନକୁ ପହଞ୍ଚିଲା




ବରଗଡ଼,(ମହାଭାରତ): ବଲାଙ୍ଗୀର ଓ ସମ୍ବଲପୁର ଜିଲ୍ଲାରେ ଭୁତଳ ଜଳ ସଂରକ୍ଷଣ ଯୋଜନାରେ ଘଟୁଥିବା ଗମ୍ଭୀର ଅବହେଳା, ଅନିୟମତା ଓ ଅଭିଯୁକ୍ତ ପଦାଧିକାରୀମାନଙ୍କ ଦୁର୍ନୀତି ବିରୋଧରେ ତପନ କୁମାର ହୋତା ଗତ ୯ ଦିନ ଧରି ଭୁବନେଶ୍ୱର ଡେଲଟା ଛକ ନିକଟରେ ଧାରଣା ଦେଉଛନ୍ତି। ମୁଖ୍ୟ ଅଭିଯୋଗ ହେଉଛି - କୋଟିକୋଟି ଟଙ୍କା ରାଜସ୍ୱ ବ୍ୟୟ ସ□ ଭୁତଳ ଜଳ ସଂରକ୍ଷଣ ଯୋଜନାରେ ହିତାଧିକାରୀମାନେ ଯୋଜନାର ସୂଚିତ ସରକାରୀ ସାହାଯ୍ୟ ଉଚିତ ସମୟରେ ପାଇପାରି ନାହାନ୍ତି। ଡିଭିଜନ ଦାୟିତ୍ୱରେ ଥିବା ଭୁତତ୍ୱବିତ ନିହାର ମହନ୍ତ ସମ୍ବଲପୁର ଓ ଅଭିଜିତ ବେହେରା, ଅନୁରାଗ ବେହେରା, ଅଭିନାଶ କୁମାର ବଲାଙ୍ଗୀର ଜିଲ୍ଲାର ଭଳି ପଦାଧିକାରୀଙ୍କ ବିରୁଦ୍ଧରେ ଗମ୍ଭୀର ଅଭିଯୋଗ ଥିଲେ ମଧ, ବିଭାଗ କିମ୍ବା ସରକାର ପକ୍ଷରୁ କୌଣସି ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ମୁଖ୍ୟମନ୍ତ୍ରୀ ପ୍ରକୋଷ୍ଠକୁ ଶତାଧିକ ଲିଖିତ ଅଭିଯୋଗ ଦିଆଯାଇଛି, କିନ୍ତୁ ସମାଧାନ ଅପେକ୍ଷାରେ ଅନିଶ୍ଚିତତା ଜାରି ଅଛି। ବିଭାଗ ପକ୍ଷରୁ ଦିଆଯାଇଥିବା ପ୍ରତିଶୃତି ପତ୍ରର ମଧ ନିୟମ ପାଳନ କରାଯାଉନାହିଁ ।ଯଦି ଦୁର୍ନୀତିର ନିରାକରଣ ଓ ହିତାଧିକାରୀଙ୍କ ସମସ୍ୟାର ସମାଧାନ ନ ହୁଏ, ତେବେ ଏହି ଧାରଣା ଆଉ ବି ଶକ୍ତିଶାଳୀ ଜନଆନ୍ଦୋଳନର ରୂପ ଧାରଣ କରିପାରେ।

## କାଦୁଅ ପଚପଚ ନବ ନିର୍ମିତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ

### ଯାତାୟାତ ପାଇଁ ଲୋକେ ହନ୍ତସନ୍ତ

ଲାଞ୍ଜିଗଡ (ମହାଭାରତ): ରାସ୍ତା ପାଇଁ ବ୍ଲକ ଠାରୁ ଆରମ୍ଭ କରି ଜିଲ୍ଲାପାଳ ଅଭିଯୋଗ ଶୁଣାଣରେ ବାରମ୍ବାର ଅଭିଯୋଗ ପାରେ ସ୍ୱାଧୀନତାର ଦଶନ୍ଧି ଦଶନ୍ଧି ଅପେକ୍ଷା ପାରେ ଗାଁକୁ ରାସ୍ତା ଟିଏ ନିର୍ମାଣ ପାଇଁ ମଞ୍ଜୁ ହୋଇଥିଲା ଓ ରାସ୍ତା କାମ ମଧ୍ୟ ଚାଲିଥିଲା । ରାସ୍ତା କାମ ଦେଖି ଅ□ଳ ଲୋକେ ଖୁସି ବ୍ୟକ୍ତ କରିଥିଲେ ହେଲେ ଅଧା କାମ କରି ଠିକାଦାର କାମ ଛାଡି ଛୁ ମାରିବାରୁ ରାସ୍ତା କାମ ଏବେ ବନ୍ଦ ରହିଥିବା ବେଳେ ଅଞ୍ଚଳରେ ଅସନ୍ତୋଷ ଦେଖା ଯାଇଛି । ଏହି ପରି ଚିତ୍ର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ସଦର ବ୍ଲକ ଯୁଗସାଇ ପାଟଣା ପଞ୍ଚାୟତ ଅନ୍ତର୍ଗତ ସଲପାଙ୍ଗ ଗାଁର ନବ ନିର୍ମିତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କଯୋଜନା ରାସ୍ତାରୁ । ନବର୍ନିମିତ ରାସ୍ତା ବର୍ତମାନ ଅଧପନ୍ତରିଆ ଭାବେ ଠିକାଦାର ଛାଡ଼ିଦେଇ ଥିବାରୁ ଅଳ୍ପ ବର୍ଷା ହେଲେ ରାସ୍ତା କାଦୁଅ ପଚ ପଚ ହୋଇ ଅତି ଶୋଚନୀୟ ହୋଇ ପଡିଛି । ସୂଚନା ଅନୁସାରେ ୨୦୨୪-୨୫ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ବଡ଼ମ୍ବା ଛକ ଠାରୁ ସଲପାଙ୍ଗ ଦେଇ ପଛକୁଳ ଛକ ପର୍ଯ୍ୟନ୍ତ ହାରାହାରି ୧୦ କିମି ରାସ୍ତା ନିର୍ମାଣ ପାଇଁ ମଞ୍ଜୁର ହୋଇଥିଲା ଓ ଅନେକ ସ୍ଥାନରେ ପୋଲ, ଗାଡ଼ୱାଲ, ଡଷ୍ଟ ସମେତ ବଣ୍ଡମ୍ବା ଛକ ରୁ ସଲପାଙ୍ଗ ପୋଲ ପର୍ଯ୍ୟନ୍ତ ପିଚୁ ପଡ଼ି ସାରିଥିଲା ହେଲେ ଠିକାଦାର କୌଣସି କାରଣରୁ ରାସ୍ତା ଅଧପନ୍ତରିଆ କାମକରି ଛାଡି ଛାଡି ଦେଇଥିବାରୁ ଅଳ୍ପ ବର୍ଷା ହେଲେ କାଦୁଅ ପଚପଚ ହୋଇ ଯାଉଛି ଯାହାଫଳରେ ଯାନବାହାନ ଯାତାୟାତ ତୋ ଦୂରର କଥା ଲୋକେ ପାଦରେ ଚାଲିଯିବାପାଇଁ ମଧ୍ୟ ମୁସ୍କିଲ ହୋଇ ପଡୁଛି ବୋଲି ଗ୍ରାମ ବାସି ପ୍ରକାଶ କରୁଛନ୍ତି । ତେବେ ବିଭାଗୀୟ ଅଧିକାରୀ ଓ ଜିଲ୍ଲାପ୍ରସନ ତୁରନ୍ତ ଦୃଷ୍ଟି ଦେଇ ସମସ୍ୟର ସମାଧାନ କରିବାକୁ ସାଧାରଣ ରେ ଦାବି ହେଉଛି।

## ବଡବିଲ ବନାଞ୍ଚଳ ପକ୍ଷରୁ ଚାରା ବିତରଣ କେନ୍ଦ୍ର ଉଦଘାଟିତ

ଯୋଡ଼ା, (ମହାଭାରତ) କେନ୍ଦୁଝର ବନଖଣ୍ଡ ବଡବିଲ ବନାଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର କାର୍ଯ୍ୟାଳୟ ସମ୍ମୁଖରେ ଏକ ଚାରା ବିତରଣ କେନ୍ଦ୍ର ଉଦଘାଟିତ ହୋଇଛି। ଏଠାରେ ବିଭିଓ ପ୍ରକାରର ଚାରା ଯଥା ଅମୃତଭଣ୍ଡା, ଡାଳିମ୍ବ, କାଜୁ, କୁଇଲାରୀ, ସଜନା,ପଣସ, ଆମ୍ବ, ପିଜୁଳି ଆଦି ଅନେକ ପ୍ରକାରର ଚାରା ପରିଚୟ ପତ୍ର ଦେଖାଇ ୧ ଟଙ୍କା ବିନିମୟରେ ସର୍ବସାଧାରଣଙ୍କୁ ମିଳିପାରିବ। ବଡବିଲ ବନାଞ୍ଚଳ ଅଧିକାରୀ ସଞ୍ଜୀବ କୁମାର ରାଉତଙ୍କ ପ୍ରତ୍ୟକ୍ଷ ତ□ାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଡବିଲ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଥି ଭାବେ ବଡବିଲ ଅତିରିକ୍ତ ତହସିଲଦାର ବିଶ୍ୱଜିତ୍ ଦଳେଇ, ବିଜୟ ମହାନ୍ତି ସହ ଅନ୍ୟମାନେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ମୋହିନୀ ମହାନ୍ତ, ପ୍ରଯୁକ୍ତା ଜେନାଙ୍କ ସହ ଫରେଷ୍ଟ ସ୍କ୍ୱାର୍ଡ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।ଏହି ଚାରା ବିତରଣ କେନ୍ଦ୍ରରେ ସକାଳ ୯ ଘଟିକା ଠାରୁ



ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ଚାରା ବିତରଣ କରାଯିବ ବୋଲି ବନାଞ୍ଚଳ ଅଧିକାରୀ ଶ୍ରୀ ରାଉତ ସୂଚନା ଦେଇଛନ୍ତି।

## ସୁନା ଗହଣା ଲୁଟ ଘଟଣାର ଦୋଷୀକୁ ଯଥାଶୀଘ୍ର ଧରିବାକୁ ଗ୍ରାମବାସି ଥାନାର ଦ୍ୱାରସ୍ଥ

ନବରଙ୍ଗପୁର ଜିଲ୍ଲା(ମହାଭାରତ)ରାଇଘର ସଦର ମହାକୁମା କଦୁଭାଟା ସାହିରେ ରହୁଥିବା ସୁନା ବ୍ୟବସାୟୀ ରାମ ଡାକୁଆ ରାଇଘର ମେଡିକାଲ ଛକ ରେ ଏକ ସୁନା ଦୋକାନ କରିଥିଲେ ଦୋକାନ ରେ ଥିବା ସୁନା, ରୁପା କୁ ଧରି ନିଜ ସ୍ତ୍ରୀ ସହ ସବୁଦିନ କ୍ଷଭଳି ଘରକୁ ଯାଉଥିଲେ। କିନ୍ତୁ କିଏ ଜାଣିଛି ଘର ପାଖେ ଛପି ରହିଥିଲା କିଛି ମୁଖା ପିନ୍ଧା ଦୁର୍ବୁତ୍ତ ରାମ ଡାକୁଆ ଙ୍କୁ ବନ୍ଧୁକ ଦେଖାଇ ଗୁଳି କରିଥିଲେ ଏବଂ ଉଭୟ ସ୍ୱାମୀ ଓ ସ୍ତ୍ରୀ ଙ୍କୁ ଠେଙ୍ଗାରେ ମାଡ଼ ମାରି ସୁନା ରୁପା ସବୁ ଗହଣା ଯାହାର ମୂଲ୍ୟ ୨୪ ଲକ୍ଷ ଟଙ୍କା ସମସ୍ତ ଗହଣା ଲୁଟି ନେଇଯାଇଥିଲେ ସ୍ୱାମୀ ସ୍ତ୍ରୀ ଙ୍କୁ ଏତେ ଆଘାତ ଲାଗିଥିଲାଯେ ଉଭୟଙ୍କୁ ଜଗଦଲପୁର ମେଡିକାଲ କୁ ଭର୍ତି କରାଯାଇଥିଲା ଏହି ଘଟଣାକୁ ନେଇ ରାମ ଡାକୁଆ ରାଇଘର ଥାନାରେ ଲିଖିତ ଅଭିଯୋଗ କରିଥିଲେ ।ଅଭିଯୋଗ ଆଧାରରେ ଘଟଣା ଟିମ ଆସି ତଦନ୍ତ କରିବା ସହ ଉମରକୋଟ ଏସଡିପିଓ ଙ୍କ ସମେତ ଅତିରିକ୍ତ ଏସପି ଘଟଣାସ୍ଥଳକୁ ଆସି ତଦନ୍ତ ଜୋରସୋର ଚଳେଇଥିବାର ଦେଖିବାକୁ ମିଳିଛି। ଏହି ଚୋରି ସନ୍ଦେହରେ ପୋଲିସ କେତେକ ଯୁବକଙ୍କୁ ଥାନାରେ ଆଣି ପଚରା ଉଚରା କରିଛି। କିନ୍ତୁ ଆଜିକୁ ୧୭ ଦିନ ବିତିଗଲା ଆଜିଯାଏ ସଠିକ ଦୁର୍ବୁତ୍ତଙ୍କୁ ଧରା ପଡିନଥିବାରୁ ରାମ ଡାକୁଆ ଙ୍କ ସହ ସାହିର ଲୋକ ରାଇଘର ଥାନାକୁ ଯାଇ ଥାନା ଅଧିକାରୀ ରଘୁନାଥ ମାଝୀଙ୍କ ସହ ଦେଖାକରି ଯଥାଶୀଘ୍ର ଦୋଷୀଙ୍କୁ ଧରି କଠୋର ଦଣ୍ଡଦେବାକୁ କହିଛନ୍ତି।

## ବି.ଏମ.ସି. ଅତିରିକ୍ତ କମିଶନରଙ୍କୁ ଆକ୍ରମଣ ଘଟଣାକୁ କଳାହାଣ୍ଡି ଓ.ଏ.ଏସ୍. ସଂଘ ତରଫରୁ ତୀବ୍ର ନିନ୍ଦା



କଳାହାଣ୍ଡି/ମହାଭାରତ: ମହାନଗର ନିଗମ (ବି. ଏମ. ସି.) କାର୍ଯ୍ୟାଳୟ ଠାରେ ସୋମବାର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ପରେ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାକୁ କଳାହାଣ୍ଡି ଓ.ଏ.ଏସ୍. ସଂଘ ତୀବ୍ର ନିନ୍ଦା କରିଛି । ଜଣେ କର୍ତ୍ତବ୍ୟ ରତ ବରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀଙ୍କୁ ନିଜ କାର୍ଯ୍ୟାଳୟରେ ଆକ୍ରମଣ କରି ମାଡ଼ ମାରିବା ଘଟଣାକୁ ଜିଲ୍ଲା ଓ.ଏ.ଏସ୍. ସଂଘ ନିନ୍ଦା କରିବା ସହିତ ସମ୍ପୃକ୍ତ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନିମନ୍ତେ ଜିଲ୍ଲା ସଂଘ ତରଫରୁ ଏକ ଦାବିପତ୍ର ଜିଲ୍ଲାପାଳ କଳାହାଣ୍ଡିଙ୍କ ମାଧ୍ୟମରେ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଗୋଚରାର୍ଥେ ପ୍ରଦାନ କରାଯାଇଛି । ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କ ବିରୁଦ୍ଧରେ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରି ଜିଲ୍ଲାର ସମସ୍ତ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ମାସ୍ ଲିଭ ରେ ରହିଥିବା ସୂଚନା ମିଳିଛି । ଏଥିରେ ଜିଲ୍ଲାର ଓ.ଆର.ଏସ୍. ସଂଘ ମଧ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି । ଆଜି ଜିଲ୍ଲା ଓ.ଏ.ଏସ୍. ସଂଘର ସଭାପତି ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରଓ୍ୱାନ ଙ୍କ ନେତୃତ୍ୱରେ ଆଠ ଦଫା ସମ୍ବଳିତ ଅଧିକାରୀଙ୍କ ସ୍ୱାକ୍ଷରିତ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ (ରାଜସ୍) ବଇତୁରା ଦୀପ, ମୁଖ୍ୟ ଉତ୍ତୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢୀ, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା, ସଂଘର ସଭ୍ୟ, ସଭ୍ୟା ଙ୍କ ଉପସ୍ଥିତିରେ ଜିଲ୍ଲାପାଳ କଳାହାଣ୍ଡି ଙ୍କୁ ରାଜ୍ୟ ମୁଖ୍ୟ ଶାସନ ସଚିବ ଙ୍କ ଉଦ୍ଦେଶ୍ୟରେ ଏହାର ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଜିଲ୍ଲା ଓ.ଏ.ଏସ୍. ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ଚାଷୀ ବଞ୍ଚିଲେ ଦେଶ ବଞ୍ଚିବ ଏହା ଭୁଲିଯାଉଛନ୍ତି ସରକାର: ଚରିଆଡୁ ପେଶି ହେଉଛନ୍ତି ଚାଷୀ

କୁନ୍ଦୁରା(ମହାଭାରତ)-: ଚାଷ କାମ ଯାହାର କେଡେ ସୁଖ ତାହାର, ଚାଷୀ ବଞ୍ଚିଲେ ଦେଶ ବଞ୍ଚିବ ଏହି ସବୁ ନାରା ଆଜିର ଦିନରେ ଏକ ଉପହାସ ଭଳି ଲାଗୁଛି । ଧୀରେ ଧୀରେ ଚାଷୀ ଚାଷ କରିବାକୁ ବିମୁଖ ହେବାରେ ଲାଗିଲେଣି, କାରଣ ସ୍ୱଷ୍ଟ ଯେ ଚରିଆଡୁ ଚାଷୀ ପେଶି ହେବାରେ ଲାଗିଛନ୍ତି । ଏହା ଏଥି ପାଇଁ କୁହା ଯାଉଛି କି - ବର୍ତମାନ ଚାଷୀ ବିହନ ଆଣି ତଳି ପକାଇବା ଠାରୁ ଧାନ ଅମଳ କରି ମଣ୍ଡିରେ ବିକିବା ପର୍ଯ୍ୟନ୍ତ ପ୍ରତେକ କ୍ଷେତ୍ରରେ ପେଶି ହେଉଛି । କେତେବେଳେ ବିହନ ଖରାପ ବାହାରି ତଳି ନଷ୍ଟ ହେଉଛି ତ ଆଉ କେତେବେଳେ ରୋଗ ପୋକ ଲାଗି ଅମଳ ହେବାକୁ ଥିବା ଫସଲ ନଷ୍ଟ ହେଉଛି । ସବୁ ଯଦି ଠିକ ଠାକ ଅଛି ତେବେ ଅମଳ କରିବା ବେଳେ ବର୍ଷା ଦାଉ ସାଧୁଛି । ଏହିସବୁ ସତ୍ତ୍ୱେ ଚାଷୀ ଅଣ୍ଟା ଭିଡି ଚାଷ କରିଆସୁଥିଲା କିନ୍ତୁ ଯେତେବେଳେ ମଣ୍ଡି ରେ ନିଜ କଷ୍ଟ ଅର୍ଜିତ ଫସଲ ସଠିକ ଦରରେ



ସରକାର ଙ୍କ ନିକଟରେ ବିକିବା କୁ ଆସୁଛି ସେଇଠୁ ଆରମ୍ଭ ହେଉଛି ଚାଷୀଙ୍କୁ ଶୋଷଣ। ମିଲ ମାଲିକ ଙ୍କ ମନ୍ମୁଖୀ, ମଧ୍ୟସ୍ତି / ଦଲାଲ ଙ୍କ ଲୁଟ ର ଶିକାର, କଟନୀ ଛଟନୀ, ନିଜ ଖର୍ଚ୍ଚ ରେ ଗାଡି ଆଣି କୁଲି ଖର୍ଚ୍ଚ ଦେଇ ଲୋଡ୍ କରିବା ଏବଂ ଅଖା ବସ୍ତା ଟଙ୍କା ନମିଳିବା ଭଳି ଖର୍ଚ୍ଚାନ୍ତ ହେଉଛି ଚାଷୀ ।ନୁଆଁ ସରକାର ଆସିଲା ଚାଷୀଙ୍କୁ ବୋନସ ଟଙ୍କା ଦେଲା, ଚାଷୀ ପ୍ରଫୁଲ୍ଲିତ ହେଲେ କିନ୍ତୁ ଏବେ ଚାଷୀ କହୁଛନ୍ତି ଯାହା ବୋନସ ଟଙ୍କା ଆସୁଛି ତାହା ଅନ୍ୟ ମଣ୍ଡିରେ ଧାନ ବିକିବା ଭିତରେ ଖର୍ଚ୍ଚ ହୋଇଯାଉଛି । ତତ୍କାଳୀନ ସରକାର ଥିବା ବେଳେ ଚାଷୀଙ୍କ ଦୁଃଖ କୁ ନେଇ ବିଜେପି ଦଳ କେତେ ହଟଗୋଳ କେତେ ନିନ୍ଦା କରୁଥିଲେ ବର୍ତମାନ ବିଜେପି ସରକାର ଆସିଲା ଚାଷୀଙ୍କ ସମସ୍ୟା କମିବା ବଦଳରେ ବଢୁଛି । ସରକାର ତଥା ପ୍ରଶାସନ ସବୁ ଜାଣୁଛନ୍ତି ଯେ ମିଲ ମାଲିକ ଏବଂ ମଣ୍ଡି ଦଲାଲ ମାନେ ଚାଷୀଙ୍କୁ ଲୁଟୁଛନ୍ତି, ସିଧା ସଳଖ ଚାଷୀଙ୍କ ଠାରୁ ଫସଲ କିଣିଥାନ୍ତେ କିନ୍ତୁ ତାହା ନୁହଁ ମିଲ ମାଲିକ ଙ୍କ ଇଚ୍ଛା ଅନୁସାରେ ମଣ୍ଡି ପରିଚାଳନା ହେଉଛି । ମାସ୍, ଟୋକେନ ଆଦି ପ୍ରହାସନ କରି ମଧ୍ୟସ୍ଥି / ଦଲାଲ ମାନେ ଚାଷୀଙ୍କ ଠାରୁ ଲକ୍ଷାଧିକ ଟଙ୍କା ଆତ୍ମସାତ କରିନେଉଛନ୍ତି। ମଣ୍ଡି ଶେଷ ହେଇଜିବା ତାରିଖ ଆଗୁଆ ଘୋଷଣା କରିଦିଆଯାଉଛି, ଯେଉଁମାନେ ରାଜନୀତି କରି ପାଟି ତୁଣ୍ଡ କରିପାରୁଛନ୍ତି ସେମାନଙ୍କ ଧାନ ତୁରନ୍ତ ଉଠି ଯାଉଛି, ଯେଉଁମାନେ ଛୋଟ ଚାଷୀ ଭାଗ ଚାଷୀ ସେମାନେ ଟୋକନ୍ ମାସ୍ ଗାଡି ପଛରେ ଧାଇଁ ଶେଷକୁ ନିରାଶ ହେଉଛନ୍ତି । ଏମାନଙ୍କ ଦୁଃଖ ବୁଝିବାକୁ କେହି ନାହାନ୍ତି ଶେଷରେ କୋଉ ଜଣେ ବ୍ୟବସାୟୀ ପାଖରେ କୋମ୍ ଦରରେ ବିକି ଅଭାବୀ ବିକ୍ରି ର ଶିକାର ହେଉଛନ୍ତି । କିଛି ଚାଷୀ ଙ୍କ ଧାନ ଅମଳ ହୋଇସାରିବା ପରେ ଖଳା ର ସୁବିଧା ନପାଇ ରାସ୍ତା ଘାଟ ବ୍ରିଜ ଉପରେ ଶୁଖାଇବାକୁ ବାଧ ହେଉଛନ୍ତି । ଯୋଦ୍ୱାରା ବହୁତ ଫସଲ ନଷ୍ଟ ହେଉଛି। ବର୍ତମାନ ଦିଗାପୁର କୋଲାବ ନଦୀ ବ୍ରିଜ ଉପରେ ପ୍ରାୟ ୧୦ କ୍ୱିଣ୍ଟାଲ ରୁ ଅଧିକା ଧାନ ଗଜା ହୋଇ ପଡ଼ିରହିଛି । ସେହିଭଳି ଦିଶାରୀଗୁଡା କାନ୍ଧୁଲଗୁଡା ରାସ୍ତା ରେ କିଛି ଚାଷୀଙ୍କ ଧାନ ଗଜା ହୋଇ ନଷ୍ଟ ହୋଇ ପଡୁଛି । ନାଁ ତାକୁ ବିକି ପାରିବେ ନାଁ ତାକୁ ଖାଇ ପାରିବେ ପୁରା ନଷ୍ଟ କିନ୍ତୁ କ୍ଷତି ପୂରଣ ମଧ୍ୟ ମିଳିବାର ନାହିଁ । ଏହିସବୁ ସମସ୍ୟା ଯୋଗୁଁ ଚାଷୀ ଧୀରେ ଧୀରେ ନିଜ ଚାଷ ଜମିରେ ନୀଳଗିରି, ଆମ୍ବ, କାଜୁ ଚାଷ କରିବା ପାଇଁ ମନ ବଳାଉଥିବା ଦେଖିବାକୁ ମିଳୁଛି। ଚାଷୀଙ୍କ ପାଇଁ ସରକାର ଯଦି କିଛି ସ୍ଥାୟୀ ସମାଧାନ ବାହାର କରିବେ ନାହିଁ, ଏମିତି ସବୁବେଳେ ଚାଷୀ ଚରିଆଡୁ ହନ୍ତସନ୍ତ ହେଉଥିବ ତେବେ ଆଗକୁ ଧାନ ଫସଲ କରିବା ପାଇଁ ଚାଷୀ ବିମୁଖ ହୋଇପଡ଼ିବେ ବୋଲି ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି ।

## ରାଜଧାନୀରେ ୬୨ ଲକ୍ଷ ଗାଡ଼ିକୁ ପେଟ୍ରୋଲ ଓ ଡିଜେଲ ମନା



ନୂଆଦିଲ୍ଲୀ : ଜୀବନ ନଥିବା ଗାଡ଼ିକୁ ତେଲ ଦିଆଯିବ ନାହିଁ। ଦେଶର ରାଜଧାନୀ ଦିଲ୍ଲୀରେ ଏଭଳି ପୋଷ୍ଟର ଦେଖି କେହି ବି ବିଚଳିତ ହେବାର କୌଣସି କାରଣ ନାହିଁ। କାରଣ ଦିଲ୍ଲୀ ସରକାର ରାଜଧାନୀରେ ବର୍ଦ୍ଧିତ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ଏପରି ନିୟମ ଲାଗୁ କରିଛନ୍ତି। ଆଜି ଠାରୁ ଏହା କାର୍ଯ୍ୟକାରୀ ହୋଇଛି। ନୂଆ ନିୟମ ଅନୁସାରେ, ୧୫ ବର୍ଷ ପୁରୁଣା ପେଟ୍ରୋଲ ଚାଳିତ ଗାଡ଼ି ଓ ୧୦ ବର୍ଷ ପୁରୁଣା ଡିଜେଲ ଚାଳିତ ଗାଡ଼ିକୁ ଆଜି ଠାରୁ ଦିଲ୍ଲୀରେ ତେଲ ମିଳୁ ନାହିଁ।

ଗୋଟିଏ ସର୍ଭେ ଅନୁସାରେ, ଦିଲ୍ଲୀ ପ୍ରଦୂଷଣରେ ଗାଡ଼ି ହିଁ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ମୋଟ ପ୍ରଦୂଷଣର ୫୧% ଗାଡ଼ି ଜନିତ। ଏଥିପାଇଁ ପୁରୁଣା ଗାଡ଼ିଗୁଡ଼ିକ ଉପରେ ଦିଲ୍ଲୀ ସରକାର ରୋକ ଲଗାଇଛନ୍ତି। ଏହି ନିୟମ ଦ୍ୱାରା ଦିଲ୍ଲୀରେ ପ୍ରାୟ ୬୨ ଲକ୍ଷ ଗାଡ଼ି ତେଲ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହି ନିୟମ ପରିବହନ ଠାରୁ ଆରମ୍ଭ କରି ବାଇକ ଯାଏ ଲାଗୁ ହେବ। ଦିଲ୍ଲୀରେ ୬୧,୧୪,୭୨୮ଟି ୧୫ ବର୍ଷ ପୁରୁଣା ଗାଡ଼ି ରହିଛି। ଏହା ବାଦ ହରିୟାଣାରେ ୨୭.୫ ଲକ୍ଷ, ଉତ୍ତର ପ୍ରଦେଶରେ ୧୨.୬୯ ଲକ୍ଷ ଓ ରାଜସ୍ଥାନରେ ୬.୨ ଲକ୍ଷ ପୁରୁଣା ଗାଡ଼ି ଗଡ଼ୁଛି। ପୁରୁଣା ଗାଡ଼ିଗୁଡ଼ିକୁ ଚିହ୍ନଟ କରିବା ପାଇଁ ଦିଲ୍ଲୀର ସମସ୍ତ ପେଟ୍ରୋଲ ପମ୍ପରେ ଦିଲ୍ଲୀ ପୁଲିସ୍ ?, ଟ୍ରାଫିକ ପୁଲିସ ଓ ଏମସିଡି ଅଧିକାରୀମାନଙ୍କୁ ମୁତୟନ କରାଯାଇଛି। ସେମାନେ ଯାଞ୍ଚ କରି ଗାଡ଼ିଗୁଡ଼ିକୁ ଚିହ୍ନଟ କରିବେ।

## ବାଣ ତିଆରି କାରଖାନାରେ ବିସ୍ଫୋରଣ, ୭ ମୃତ



ତାମିଲନାଡୁ : ତାମିଲନାଡୁର ଶିବକାଶୀ ନିକଟରେ ଥିବା ଗୋଟିଏ ବାଣ ତିଆରି କାରଖାନାରେ ଭୟଙ୍କର ବିସ୍ଫୋରଣ ହୋଇଛି। ଏଥିରେ ବର୍ତ୍ତମାନ ସୁଦ୍ଧା ୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୫ ଜଣଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଚିନ୍ନାକାମନାଟିରେ ଥିବା କାରଖାନାରେ ଏପରି ବିସ୍ଫୋରଣ ହୋଇଛି। ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ବାଣ କାରଖାନାରେ ହୋଇଥିବା ବିସ୍ଫୋରଣରେ ୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୫ ଜଣ ଆହତଙ୍କୁ ବିରୁଧୁନଗର ସରକାରୀ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ବିସ୍ଫୋରଣ କାରଣ ଏଯାଏ ଜଣାପଡ଼ିନି। ଯାଞ୍ଚ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଅଗ୍ନିଶମ ବାହିନୀ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଗତବର୍ଷ ମଧ୍ୟ ଶିବକାଶୀରେ ଥିବା ଆଉ ଏକ ବାଣ କାରଖାନାରେ ବିସ୍ଫୋରଣ ହୋଇଥିଲା। ଏଥିରେ ୧୦ ଜଣଙ୍କ ଜୀବନ ଯାଇଥିଲା। ସେତେବେଳେ ହୋଇଥିବା ଯାଞ୍ଚରେ କାରଖାନାରେ ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଇ ନଥିବା ଜଣାପଡ଼ିଥିଲା। ସେହି ସମୟରେ ସମସ୍ତ ବାଣ କାରଖାନାଗୁଡ଼ିକକୁ ସୁରକ୍ଷା ପ୍ରତି ଧ୍ୟାନ ଦେବା ସହ ଉକ୍ତ କ୍ଷମତା ସମ୍ପନ୍ନ ବାଣ ତିଆରି କରିବାକୁ ବାରୁଦର ବ୍ୟବହାର ନ କରିବାକୁ କୁହାଯାଇଥିଲା। ତଥାପି ଏବେ ପୁଣି ଗୋଟିଏ ବାଣ କାରଖାନାରେ ବିସ୍ଫୋରଣ ଯୋଗୁ ୭ ଜଣଙ୍କ ଜୀବନ ଯାଇଛି।

## ହିମାଚଳରେ ବାଦଲ ଫଟା ବର୍ଷା, ଭାସିଗଲା ୮ ଘର

ହିମାଚଳ ପ୍ରଦେଶ : ହିମାଚଳ ପ୍ରଦେଶରେ ବର୍ଷାର କରାଳ ରୂପ । ଗତ ୨୪ ଘଣ୍ଟାରେ ଆଉ ୩ ଜଣଙ୍କ ମୃତ୍ୟୁ ଘଟିଛି । ଆଜିବି ସିମଲା ସମେତ ୧୦ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ରେଡ୍ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ । ପ୍ରବଳ ବର୍ଷା ଯୋଗୁ ବ୍ୟାସ ନଦୀରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି । ଫଳରେ କାରସୋଗ, ଧରମପୁର, ପାଣ୍ଡୋହ ଏବଂ ଥୁନାଗ ଅଞ୍ଚଳରେ ବନ୍ୟାପାଣି ପଶିବାରୁ ଜଳମଗ୍ନ ହୋଇଛି ଅନେକ ଅଞ୍ଚଳ । ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ଲୋକଙ୍କ ଘରେ ପାଣି ପିଶିବାରୁ ଅନେକ କ୍ଷତି ହୋଇଛି । ସେହିପରି ଧରମପୁର ନଦୀର ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି ବନ୍ୟାଜଳ। ହିମାଚଳ ପ୍ରଦେଶରେ ପ୍ରବଳ ବର୍ଷା ଯୋଗୁ ବର୍ତ୍ତମାନ ସୁଦ୍ଧା ୨୦ ଜଣଙ୍କ ଜୀବନ ଗଲାଣି । ଭୂସ୍ଖଳନ ଓ ବନ୍ୟା ଯୋଗୁ ହିମାଚଳ ପ୍ରଦେଶର ୧୨୯ ସ୍ଥାନରେ ରାସ୍ତା ଅବରୋଧ । ବନ୍ୟା ଏବଂ ବର୍ଷା ମଧ୍ୟରେ, ହିମାଚଳ ପ୍ରଦେଶରୁ ପ୍ରବଳ କ୍ଷୟକ୍ଷତିର ସୂଚନା ଆସୁଛି । ଯେଉଁଠାରେ ମାଣ୍ଡିର ଧରମପୁର, ଲାଉଙ୍ଗନିରେ ମେଘଫୁଟ ହୋଇଥିବା ଖବର ଆସିଛି । କୁହାଯାଉଛି ଯେ ବାଦଲ ଫଟା ବର୍ଷା ଯୋଗୁଁ କାର୍ସୋଗ ଘାଟିରେ ବନ୍ୟା ଭଳି ପରିସ୍ଥିତି ସୃଷ୍ଟି ହୋଇଛି, ଯେଉଁଥିରେ ୭ ରୁ ୮ ଘର ଭାସି ଯାଇଛି । ଅନେକ ଅଞ୍ଚଳରେ ଯାନବାହନ ଭାସି ଯାଇଛି ଏବଂ ଲୋକଙ୍କୁ ଘର ଭିତରେ ରହିବାକୁ ପରାମର୍ଶ ମଧ୍ୟ ଦିଆଯାଇଛି । ସେହିପରି କୁଲୁର ବଞ୍ଜାର ଘାଟିରେ ତୀର୍ଥନ ନଦୀର ଭୟଙ୍କର ରୂପ ଦେଖିବାକୁ ମିଳୁଛି ଯେଉଁଠାରେ ବନ୍ୟା ଏବଂ ବର୍ଷା ପରେ ଅନେକ ରାସ୍ତା ଭାଙ୍ଗି ଯାଇଛି । କାର୍ସୋଗର ମେଗଲିରେ, ଡ୍ରେନ୍ ପାଣି ଗାଁ ଦେଇ ପ୍ରବାହିତ ହେବା ଆରମ୍ଭ କରିଥିଲା ଯାହା ଫଳରେ ପ୍ରାୟ ୮ଟି ଘର ଏବଂ ଦୁଇ ଡଜନ ଯାନବାହନ ଏଥିରେ ଫସି ଯାଇଥିଲା । ପାଣ୍ଡୋହରେ, ଡ୍ରେନ୍ ଏତେ ଭୟଙ୍କର ରୂପ ନେଇଥିଲା ଯେ ପାଣି ଗାଁକୁ ପୂର୍ଣ୍ଣ କରିଦେଲା, ଏହା ପରେ ମଧ୍ୟରାତ୍ରିରେ ଅନେକ ଘରର ଲୋକମାନେ ମୁଖ୍ୟ ରାସ୍ତାରେ ପହଞ୍ଚିଗଲେ । ପାଣ୍ଡୋହରେ ଅବସ୍ଥିତ ପୋଲିସ କ୍ୟାମ୍ପ ଲୋକମାନଙ୍କୁ ରହିବା ପାଇଁ ସ୍ଥାନ ଯୋଗାଇଥିଲା । ଧରମପୁରରେ ନଦୀ ପାଣି ଭୂମିଠାରୁ ପ୍ରାୟ ୨୦ ଫୁଟ ଉଚ୍ଚରେ ପ୍ରବାହିତ ହେବା ଆରମ୍ଭ କରିଥିଲା, ଯାହା ଫଳରେ ବଜାର ଏବଂ ବସ୍ ଷ୍ଟାଣ୍ଡ ବୁଡ଼ି ଯାଇଥିଲା । ଥୁନାଗରେ, ଡ୍ରେନ୍ ମୁଖ୍ୟ ବଜାର ରାସ୍ତାରେ ପ୍ରବାହିତ ହେବା ଆରମ୍ଭ କରିଥିଲା । ଲୋକଙ୍କ ଘରେ ପାଣି ପ୍ରବେଶ କରିଥିଲା, ଯାହା ଫଳରେ ଲୋକମାନେ ରାତି ଅନିଦ୍ରା ହୋଇ ରହିଥିଲେ । ଏଥି ସହ ଅନେକ ଅଞ୍ଚଳରେ ପ୍ରବଳ ବର୍ଷା ଏବଂ ଭୂସ୍ଖଳନ ଯୋଗୁଁ ଲୋକମାନେ ସେମାନଙ୍କର ବ୍ୟକ୍ତିଗତ ସମ୍ପତ୍ତିର କ୍ଷତି କରିଛନ୍ତି, ଯେତେବେଳେ ରାସ୍ତାରେ ଯାତାୟାତ ମଧ୍ୟ ବାଧାପ୍ରାପ୍ତ ହୋଇଛି । ହିମାଚଳ ପ୍ରଦେଶରେ ମୌସୁମୀର ଭୟଙ୍କର ରୂପ ଦେଖିବାକୁ ମିଳୁଛି । ପ୍ରବଳ ବର୍ଷା ଯୋଗୁଁ ନଦୀ ଏବଂ ଝରଣାଗୁଡ଼ିକ ପ୍ରବାହିତ ହେଉଥିବା ବେଳେ, ପାହାଡ଼ ଫାଟି ରାସ୍ତା ଏବଂ ପଥର ଖଣ୍ଡ ଯୋଗୁଁ ଲୋକମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ପାଣିପାଗ ବିଭାଗ ଅନୁଯାୟୀ, ଜୁଲାଇ ୦୧ରୁ ଜୁଲାଇ ୦୬ ପର୍ଯ୍ୟନ୍ତ ହିମାଚଳ ପ୍ରଦେଶରେ ବର୍ଷା ହେବାର ସମ୍ଭାବନା ରହିଛି । ପାଣିପାଗ ବିଭାଗ ଆଜି ମଧ୍ୟ ପ୍ରବଳ ବର୍ଷା ପାଇଁ ରେଡ୍ ଆଲର୍ଟ ଜାରି କରିଛି ।

# ଫାର୍ମା ପ୍ଲାଣ୍ଟ ବିସ୍ଫୋରଣ ଘଟଣା: ମୃତ୍ୟୁସଂଖ୍ୟା ୩୬ ଛୁଇଁଲା



ତେଲଙ୍ଗାନା : ତେଲଙ୍ଗାନାର ସଙ୍ଗାରେଡ୍ଡୀ ଜିଲ୍ଲାରେ ଥିବା ଗୋଟିଏ ଫାର୍ମା ପ୍ଲାଣ୍ଟରେ ସୋମବାର ହୋଇଥିବା ଭୟଙ୍କର ବିସ୍ଫୋରଣରେ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବର୍ତ୍ତମାନ ସୁଦ୍ଧା ୩୬ ଜଣଙ୍କ ମୃତ୍ୟୁ ହୋଇ ସାରିଥିବା ବେଳେ ଏବେ ବି ଅନେକ ଶ୍ରମିକ ନିଖୋଜ ରହିଛନ୍ତି। ଉଦ୍ଧାରକାରୀ ଟିମ ବିସ୍ଫୋରଣ ସ୍ଥଳରେ ଧ୍ୱଂସାବଶେଷ ସଫା କରିବାରେ ଲାଗି ପଡ଼ିଛନ୍ତି। ଜିଲ୍ଲାର ଏସ୍‌ପି ପରିତୋଶ ପଙ୍କଜ ମଙ୍ଗଳବାର ନିଶ୍ଚିତ କରିଛନ୍ତି ଯେ ସିଗାଚି ଇଣ୍ଡଷ୍ଟ୍ରୀଜ ଫାର୍ମା ପ୍ଲାଣ୍ଟରେ ହୋଇଥିବା ବିସ୍ଫୋରଣରେ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇଛି। ତାଙ୍କ କହିବା କଥା ଯେ ବିସ୍ଫୋରଣ ଯୋଗୁ ୩ ମହଲା ବିଶିଷ୍ଟ ପ୍ଲାଣ୍ଟ ଭୁଶୁଡ଼ି ପଡ଼ିଥିଲା। ଏବେ ଧ୍ୱଂସାବଶେଷ ତଳୁ କର୍ମଚାରୀ ଓ ଶ୍ରମିକଙ୍କ ମୃତଦେହକୁ ଉଦ୍ଧାର କରାଯାଇଛି।

ଧ୍ୱଂସାବଶେଷ ତଳୁ ମୋଟ ୩୧ଟି ମୃତଦେହ ମିଳିଛି। ହସ୍ପିଟାଲରେ ମଧ୍ୟ ୩ ଜଣଙ୍କ ମୃତ୍ୟୁ ହୋଇଛି। ଏହାକୁ ମିଶାଇ ମୋଟ ୩୬ ଜଣ ଜୀବନ ଯାଇଛି। ଏବେ ବି ଅନେକ ଶ୍ରମିକ ନିଖୋଜ ଅଛନ୍ତି ବୋଲି ସେ କହିଛନ୍ତି। ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ଏ ରେଭନ୍ତ ରେଡ୍ଡୀ ଓ ଅନ୍ୟ କିଛି କ୍ୟାବିନେଟ ସଦସ୍ୟ ମଙ୍ଗଳବାର ସକାଳୁ ବିସ୍ଫୋରଣ ସ୍ଥଳରେ ପହଞ୍ଚି ସ୍ଥିତିର ସମୀକ୍ଷା କରିଛନ୍ତି। ସ୍ଥିତି ସମୀକ୍ଷା କରିବା ପରେ ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ କହିଛନ୍ତି, "ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା। ଆମ ମନ୍ତ୍ରୀ ମ୍ୟାନେଜମେଣ୍ଟ ସହ କଥା ହୋଇଛନ୍ତି। ସରକାରୀ ଅଧିକାରୀ ଓ ଉଦ୍ଧାରକାରୀ ଟିମ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରାଯାଉଛି। ମୃତକଙ୍କ ମଧ୍ୟରେ ବିହାର, ଓଡ଼ିଶା, ମଧ୍ୟପ୍ରଦେଶ ଓ ଆନ୍ଧ୍ର ପ୍ରଦେଶର ଶ୍ରମିକ ରହିଛନ୍ତି। ଘଟଣା ବେଳେ ପ୍ଲାଣ୍ଟରେ ମୋଟ ୧୪୩ ଜଣ ରହିଥିଲେ।"

ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ମୃତକଙ୍କ ପରିବାର ବର୍ଗଙ୍କ ପାଇଁ ୧ କୋଟିର କ୍ଷତି ପୂରଣ ରାଶି ଘୋଷଣା କରିଥିବା ବେଳେ ଗୁରୁତର ଆହତଙ୍କ ପାଇଁ ୧୦ ଲକ୍ଷ ଓ କେବଳ ଆହତ ହୋଇଥିବା ଲୋକଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ମିଳିବ ବୋଲି କହିଛନ୍ତି। ସୋମବାର ସକାଳ ୮.୧୫ରୁ ୯.୩୫ ମଧ୍ୟରେ ପ୍ଲାଣ୍ଟର ରିଆକ୍ଟରରେ କେମିକାଲ ରିଆକ୍ସନ ଯୋଗୁ ବିସ୍ଫୋରଣ ହୋଇଥିବା ଆଶଙ୍କା କରାଯାଉଛି। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ପ୍ଲାଣ୍ଟ ସଂପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ସେହିପରି ସେଠାରେ କାମ କରୁଥିବା ଶ୍ରମିକମାନେ ପ୍ରାୟ ୧୦୦ ମିଟର ଦୂରକୁ ଛିଟିକି ପଡ଼ିଥିଲେ। ବିସ୍ଫୋରଣ ପରେ ବିଲଡିଂରେ ନିଆଁ ମଧ୍ୟ ଲାଗି ଯାଇଥିଲା। ମିଆଁପୁରରେ ଥିବା ପ୍ରଣାମ ହସ୍ପିଟାଲରେ ସୋମବାର ୨୧ ଜଣଙ୍କୁ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨ ଜଣ ତୁରନ୍ତ ପ୍ରାଣ ହରାଇଥିବା ବେଳେ ଜଣେ ଆଜି ସକାଳେ ଆଖି ବୁଜିଛନ୍ତି। ଅନ୍ୟ ଗୁରୁତରଙ୍କ ଚିକିତ୍ସା ଚାଲିଛି। ସେହିପରି ଧ୍ରୁବ ହସ୍ପିଟାଲରେ ୧୧ ଜଣଙ୍କୁ ଭର୍ତ୍ତି କରାଯାଇଥିଲା। ସେଠାରେ ୨ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ସୁପର ସ୍ପେଶାଲିଟୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ବାକି ୯ ଜଣଙ୍କ ମଧ୍ୟରୁ ୫ ଜଣଙ୍କ ଚିକିତ୍ସା ଭେଣ୍ଟିଲେଟରରେ ଚାଲିଛି। ୭ ଜଣଙ୍କ ଶରୀର ୪୦ରୁ ୮୦% ପୋଡ଼ି ଯାଇଥିବା ବେଳେ ଦୁଇ ଜଣଙ୍କ ଶରୀର ୧୦% ପୋଡ଼ି ଯାଇଛି। ରାଜସ୍ୱ ବିଭାଗ ମୃତକଙ୍କ ମଧ୍ୟରୁ ୯ ଜଣଙ୍କୁ ଚିହ୍ନଟ କରାଯାଇଥିବା କହିଛି। ବାକି ମୃତକଙ୍କ ପରିଚୟ ଜାଣିବା ପାଇଁ ଡିଏନଏ ଟେଷ୍ଟ କରାଯିବ। ଅଧିକାଂଶ ମୃତକ ଓଡ଼ିଶା, ବିହାର ଓ ବେଙ୍ଗଲର ବୋଲି ବିଭାଗ ଆକଳନ କରିଛି।

## ଗାଜା ଉପରେ ଇସ୍ରାଏଲର ଆକ୍ରମଣ, ୭୪ ମୃତ

ଗାଜା ଉପରେ ଇସ୍ରାଏଲର ଆକ୍ରମଣ ଜାରି ରହିଛି । ଏପିର ରିପୋର୍ଟ ଅନୁଯାୟୀ, ପ୍ରତ୍ୟକ୍ଷଦର୍ଶୀ ଏବଂ ସ୍ୱାସ୍ଥ୍ୟ କର୍ମୀ କହିଛନ୍ତି ଯେ ଇସ୍ରାଏଲ ଗାଜାର ଏକ କାଫେ ଉପରେ ବିମାନ ଆକ୍ରମଣ କରିଛି । ଏହି ଆକ୍ରମଣରେ ୭୪ ଜଣଙ୍କର ମୃତ୍ୟୁ ମଧ୍ୟ ହୋଇଛି । ଡାକ୍ତର ଏବଂ ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ସୋମବାର ପଶ୍ଚିମ ଗାଜାର ଏକ ଲୋକପ୍ରିୟ ବିଚ୍ କାଫେ ଉପରେ ଇସ୍ରାଏଲୀ ବିମାନ ଆକ୍ରମଣରେ ଅତି କମରେ ୭୪ ଜଣ ପାଲେଷ୍ଟାଇନୀଙ୍କ ମୃତ୍ୟୁ ଘଟିଛି । ଗାଜାର ହମାସ ଦ୍ୱାରା ପରିଚାଳିତ ନାଗରିକ ପ୍ରତିରକ୍ଷାର ଜଣେ ମୁଖପାତ୍ର ବିବିସିକୁ କହିଛନ୍ତି ଯେ ଉଦ୍ଧାରକାରୀ ଦଳଗୁଡ଼ିକ ଅଲ-ବାକା କାଫେଟେରିଆରୁ ୨୦ ଜଣଙ୍କ ମୃତଦେହ ଏବଂ ଅନେକ ଆହତଙ୍କୁ ବାହାର କରିଛନ୍ତି । ଏଥି ସହ ସେ କହିଛନ୍ତି ଯେ ଜରୁରୀକାଳୀନ କର୍ମଚାରୀମାନେ ବିସ୍ଫୋରଣ ଦ୍ୱାରା ସୃଷ୍ଟି ହୋଇଥିବା ଗଭୀର ସମସ୍ୟାର ଏବେ ବି ସନ୍ଧାନ କରୁଛନ୍ତି । "ମୁଁ ଇଣ୍ଟରନେଟ୍ ବ୍ୟବହାର କରିବା ପାଇଁ ଏକ କାଫେକୁ ଯାଉଥିଲି, ସେତେବେଳେ ଏକ ବିରାଟ ବିସ୍ଫୋରଣ ହେଲା," ଏକ ସ୍ଥାନୀୟ ପ୍ରଯୋଜନା କମ୍ପାନୀର କ୍ୟାମେରାମ୍ୟାନ୍ ଅଜିଜ୍ ଅଲ୍-ଆଫିଫି ବିବିସିକୁ କହିଛନ୍ତି । ସେ କହିଛନ୍ତି ଯେ ସେ ଘଟଣାସ୍ଥଳକୁ ଦୌଡ଼ି ଯାଇଥିଲେ। ତାଙ୍କ ସହକର୍ମୀମାନେ ସେଠାରେ ଥିଲେ, ଯେଉଁମାନଙ୍କୁ ସେ ପ୍ରତିଦିନ ଭେଟିଥିଲେ। ଦୃଶ୍ୟଟି ଭୟଙ୍କର ଥିଲା । ସବୁଠି ମୃତଦେହ, ରକ୍ତ, ଚିତ୍କାର ଥିଲା । ସାମାଜିକ ଗଣମାଧ୍ୟମରେ କର୍ମୀଙ୍କ ଦ୍ୱାରା ପୋଷ୍ଟ କରାଯାଇଥିବା ଭିଡିଓରେ ଏହି ଭୟଙ୍କର ମୁହୂର୍ତ୍ତ ଭାଇରାଲ ହୋଇଛି । ଇସ୍ରାଏଲୀ ଯୁଦ୍ଧ ବିମାନରୁ



ନିକ୍ଷେପ କରାଯାଇଥିବା ଏକ ମିଶାଇଲ୍ ଦ୍ୱାରା ଏହି ଆକ୍ରମଣ କରାଯାଇଥିଲା । ଫୁଟେଜରେ ଆକ୍ରମଣର ପରବର୍ତ୍ତୀ ଦୃଶ୍ୟ କଏଦ କରାଯାଇଛି, ଯେଉଁଥିରେ ମୃତଦେହ ମାଟିରେ ପଡ଼ିଛି । ଗାଜର ଭୂମଧ୍ୟସାଗରୀୟ ଉପକୂଳରେ ଇଣ୍ଟରନେଟ୍ ସୁବିଧା, ବସିବା ଏବଂ କାମ କରିବା ପାଇଁ ସ୍ଥାନ ଯୋଗାଉଥିବା ଅଲ୍-ବାକା କାଫେଟେରିଆ ସାମ୍ବାଦିକ, କର୍ମୀ ଏବଂ ଦୂରବର୍ତ୍ତୀ ଶ୍ରମିକଙ୍କ ପାଇଁ ଏକ ଲୋକପ୍ରିୟ ସ୍ଥାନ ପାଲଟିଥିଲା । ଏହି ଘଟଣା ଗାଜାରେ କ୍ରୋଧର କାରଣ ହୋଇଛି ।

## ଟ୍ରେଡ୍ ଡିଲ୍ ପାଇଁ ଭାରତ-ଆମେରିକା ଚୁକ୍ତି




ନୂଆଦିଲ୍ଲୀ : ଖୁବଶୀଘ୍ର ଭାରତ-ଆମେରିକା ବଡ଼ ବାଣିଜ୍ୟ ଚୁକ୍ତି । ଟ୍ରେଡ ଡିଲ୍ ପ୍ରାୟ ଚୂଡ଼ାନ୍ତ । ଏହା କହିଛନ୍ତି ହ୍ୱାଇଟ ହାଉସ ପ୍ରେସ ସଚିବ କାରୋଲିନେ ଲିଏଭିଟ୍ । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପଙ୍କ ସହ ଖୁବ ଉତ୍ତମ ସଂପର୍କ ରହିଛି । ଟ୍ରମ୍ପ ଗତ ସପ୍ତାହରେ କହିଥିଲେ, ଭାରତ-ଆମେରିକା ବାଣିଜ୍ୟ ଡିଲ୍ ପ୍ରାୟ ଚୂଡ଼ାନ୍ତ । ଜୁଲାଇ ୮ ପୂର୍ବରୁ ବାଣିଜ୍ୟ ଡିଲ ହୋଇପାରେ ଘୋଷଣା । ଡିଲ୍ ପାଇଁ ଉଭୟ ଉଭୟଙ୍କ ସର୍ତ୍ତରେ ରାଜି । ଅତିରିକ୍ତ ଟାରିଫ ହଟାଇବାକୁ ଆମେରିକା ପାଖରେ ଭାରତ ଦାବି ରଖିଥିଲା । ସେହିଭଳି ଇଭି, ମଦ ଏବଂ ଫାର୍ମ ଉତ୍ପାଦ ଉପରେ ଶୁଳ୍କ ହ୍ରାସ ପାଇଁ ଆମେରିକା ଦାବି ରଖିଥିଲା । ପରସ୍ପରର ଦାବି ମାନିନେବାକୁ ଉଭୟ ରାଜିଥିବା ସୂଚନା ମିଳିଛି । ଆହୁରି ମଧ୍ୟ କହିଛନ୍ତି ଯେ, ବାଣିଜ୍ୟ ମାଧ୍ୟମରେ ପ୍ରତିବନ୍ଧକଗୁଡିକ ଦୂର କରାଯାଇପାରିବ ।

## ୯୦୦ଫୁଟ ତଳକୁ ଖସିଗଲା ଏୟାର ଇଣ୍ଡିଆ ବିମାନ

ନୂଆଦିଲ୍ଲୀ : ଜୁନ ୧୨ରେ ଅହମ୍ମଦାବାଦରେ ଏୟାର ଇଣ୍ଡିଆ ଦୁର୍ଘଟଣାର ପ୍ରାୟ ୨ ଦିନ ପରେ, ଆଉ ଏକ ବିମାନ ଦୁର୍ଘଟଣା ହେବାକୁ ଯାଉଥିଲା, କିନ୍ତୁ ପାଇଲଟଙ୍କ ସତର୍କତା ଯୋଗୁଁ, ଦୁର୍ଘଟଣା ପୂର୍ବରୁ ବିମାନକୁ ନିୟନ୍ତ୍ରଣ କରାଯାଇଥିଲା। ଅହମ୍ମଦାବାଦରେ ଏୟାର ଇଣ୍ଡିଆ ଫ୍ଲାଇଟ ୧୭୧ ଦୁର୍ଘଟଣାର ମାତ୍ର ୨ ଦିନ ପରେ ବିମାନ ଇ-୭୭୭ ମଧ୍ୟ ଦୁର୍ଘଟଣାଗ୍ରସ୍ତ ହେବାକୁ ଯାଉଥିଲା। ଏହି ବିମାନଟି ରାତି ପ୍ରାୟ ୨:୫୬ ରେ ଦିଲ୍ଲୀରୁ ଭିଏନା ଅଭିମୁଖେ ଯାତ୍ରା କରିବାକୁ ଯାଉଥିଲା। ସେହି ସମୟରେ, ଦିଲ୍ଲୀରେ ପ୍ରବଳ ବର୍ଷା ଓ ବଜ୍ରପାତ ହୋଇଥିଲା। ବିମାନଟି ଦିଲ୍ଲୀ ବିମାନବନ୍ଦରରୁ ସଫଳତାର ସହ ଉଡ଼ାଣ ଆରମ୍ଭ କରିଥିଲା, କିନ୍ତୁ ୯୦୦ ଫୁଟ ଉଚ୍ଚତାରେ ପହଞ୍ଚିବା ପରେ, ବିମାନର ଭାରସାମ୍ୟ ହଠାତ ବିଗିଡ଼ିବାକୁ ଲାଗିଲା ଏବଂ ଇ-୭୭୭ ଦ୍ରୁତ ଗତିରେ ତଳକୁ ଆସିବା ଆରମ୍ଭ କଲା। ପାଇଲଟମାନଙ୍କୁ ଏ ବିଷୟରେ ପୂର୍ବରୁ ସତର୍କ କରାଯାଇଥିଲା ଏବଂ ସେମାନଙ୍କୁ ନିରନ୍ତର ସତର୍କ ରହିଥିଲେ। ପାଇଲଟମାନେ ସେହି ସମୟରେ ବିମାନକୁ ଦୁର୍ଘଟଣାରୁ ରକ୍ଷା କରିଥିଲେ, ନଚେତ ଅହମ୍ମଦାବାଦ ଦୁର୍ଘଟଣାର ମାତ୍ର ୨ ଦିନ ପରେ ଆଉ ଏକ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥାନ୍ତା।

# ଚାକିରି ଦେବ କହି ଯୁବକଙ୍କ ଜୀବନ ନେଲା ଠକ, ତିନି ଅଭିଯୁକ୍ତ ଗିରଫ



କର୍ଣ୍ଣାଟକ : ୧୧ ଲକ୍ଷ ଟଙ୍କା ଦିଅ, ଲଣ୍ଡନରେ ଚାକିରି କରେଇଦେବି, ଚାକିରି ଚାକିରି ବାଟରେ ରହିଲା ମୃତଦେହ ଫେରିଲା ଘରକୁ, ଠକ ଠକେଇ କଲା ପୁଣି ଧରାପଡିଯିବା ଭୟରେ ବିମାନବନ୍ଦରରେ ହତ୍ୟା କଲା । କର୍ଣ୍ଣାଟକର ଚିକ୍କାବଲ୍ଲପୁରରେ ଜଣେ ପୋଷ୍ଟ ଗ୍ରାଜୁଏଟ୍ ଯୁବକଙ୍କ ହତ୍ୟା ମାମଲାରେ ପୋଲିସ ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଯୁବକଙ୍କୁ ଲଣ୍ଡନ ପଠାଇ ସେଠାରେ ଚାକିରି ଦେବା ବାହାନାରେ ପ୍ରଥମେ ଲକ୍ଷ ଲକ୍ଷ ଟଙ୍କା ଠକି ନିଆଯାଇଥିଲା । ଏହା ପରେ ତାଙ୍କୁ ହତ୍ୟା କରାଯାଇଥିଲା। ଆସନ୍ତୁ ଜାଣିବା ପ୍ରକୃତ ଘଟଣା କଣ? ଲଣ୍ଡନରେ ଚାକିରି ମିଳିବ,ଭଲ ଦରମା ବି ପାଇବେ,ଏହା ଶୁଣି ଯୁବକ ଜଣକ ଖୁସିରେ ଉତ୍ଫୁଲ୍ଲିତ ହୋଇପଡ଼ିଲେ । ଆପଣ କୁହନ୍ତୁ ଦର୍ଶକବନ୍ଧୁ ଭଲ ଚାକିରୀ ଭଲ ଦରମା ମିଳିବା ଖବର ଶୁଣିଲେ କିଏ ବା ଖୁସି ନହେବ ? ସେ ପୁଣି ଲଣ୍ଡନରେ, ଏକଥା କିଏ ଶୁଣିଲେ ସିଏ ଖୁସିରେ ନାଚିବ, ଠିକ ଏହି ଯୁବକଙ୍କ ଭଳି । ନିଜ ଚାକିରି ହୋଇଯିବା ଖୁସିରେ ମନ ପ୍ରଫୁଲ୍ଲିତ ଥିଲା ତାଙ୍କର, କିଏ ଜାଣିଥିଲା ତାଙ୍କର ଏହି ଖୁସିରେ କାହାର ନଜର ଲାଗିଯିବ ! ଦର୍ଶକବନ୍ଧୁ ଏହି କଥା ଏତେ ଆଶ୍ଚର୍ଯ୍ୟଜନକ ଯେ ଆପଣମାନେ ଶୁଣିଲେ ସ୍ତବ୍ଧ ହୋଇଯିବେ । କର୍ଣ୍ଣାଟକର ଚିକବଲ୍ଲାପୁରରେ, ଜଣେ ପୋଷ୍ଟ ଗ୍ରାଜୁଏଟ୍ ଯୁବକଙ୍କୁ ଲଣ୍ଡନରେ ଚାକିରି ଦେବାର ପ୍ରତିଶ୍ରୁତି ଦେଇ ଠକମାନେ ୧୧ ଲକ୍ଷ ଟଙ୍କା ଠକି ନେଇଥିଲେ । ତା'ପରେ ଯୁବକ ଜଣକ ତାଙ୍କ ଟଙ୍କା ଫେରସ୍ତ ମାଗିବା ପରେ ଠକମାନେ ତାଙ୍କୁ ହତ୍ୟା କରିଥିଲେ । ବର୍ତ୍ତମାନ, ମାମଲାର ତଦନ୍ତ କରୁଥିବା ପୋଲିସ ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଜେଲ ପଠାଇ ଦେଇଛି । ନିକଟସ୍ଥ ଥାନାରେ ଏକ ମାମଲା ରୁଜୁ କରାଯାଇଛି । ମୃତ ଯୁବକଙ୍କ ନାମ ରମଣଜୀ ଜଣାପଡ଼ିଥିବା ବେଳେ ଅଭିଯୁକ୍ତଙ୍କ ନାମ ସୁଧାକର, ମନୋଜ ଏବଂ ମଞ୍ଜୁନାଥ ବୋଲି ଜଣାପଡିଛି । ଚିନ୍ତାମଣି ତାଲୁକର କେମ୍ପାଡେନାହାଲ୍ଲି ବଗିଚାରେ ଏକ କୂଅରୁ ଏକ ମୃତଦେହ ମିଳିଥିଲା ଯାହା ରମଣଜୀଙ୍କର ବୋଲି ଚିହ୍ନଟ ହୋଇଛି । ମୃତ ରମଣଜୀ କୃଷିବିଜ୍ଞାନରେ ଏମଏସସି କରିଥିଲେ ଏବଂ ବାଙ୍ଗାଲୋରର ୟେଲାହାଙ୍କାରେ ଏକ ଘରୋଇ କୋଚିଂ ସେଣ୍ଟରରେ ଅଧ୍ୟାପକ ଭାବରେ କାର୍ଯ୍ୟ କରୁଥିଲେ । ମୃତକଙ୍କ ପିତାମାତା ନାହାନ୍ତି । ରମଣଜୀ ତାଙ୍କ ଭାଇ ଏବଂ ଭାଉଜଙ୍କ ସହିତ ରହୁଥିଲେ । ଗୋଟିଏ ଦିନ ବଡ ଚାକିରି କରିବା ଆଶାରେ ରମଣଜୀ ଡୋଡ୍ଡା ଗୁଛାହାଲ୍ଲି ଅଞ୍ଚଳର ସୁଧାକରଙ୍କୁ ଭେଟିଥିଲେ । ସୁଧାକର ବାଙ୍ଗାଲୋରରେ ଏକ ଘରୋଇ ଫାଇନାନ୍ସ କମ୍ପାନୀରେ କାମ କରୁଥିଲେ । ସେ ରମଣଜୀଙ୍କୁ କହିଥିଲେ ଯେ ତୁମର ଡିଗ୍ରୀ ଅଛି,ଏଠାରେ କାମ କରି ତୁମେ କେତେ ରୋଜଗାର କରିପାରିବ, ତୁମେ ଲଣ୍ଡନ ଯାଇ କାମ କର, ଦେଖିବ ଲକ୍ଷ ଲକ୍ଷ ଟଙ୍କା କମେଇବ ।

ସୁଧାକର ରମଣଜୀଙ୍କୁ ଲଣ୍ଡନରେ ଚାକିରି ଦେବା ନାଁରେ ୧୧ ଲକ୍ଷ ଟଙ୍କା ମାଗିଥିଲେ । ରମଣଜୀ ମଧ୍ୟ କିଛି ବିଚାର ନକରି ସୁଧାକରଙ୍କ କଥାରେ ପଡ଼ିଗଲେ ଏବଂ ତାଙ୍କୁ ୧୧ ଲକ୍ଷ ଟଙ୍କା ଦେଲେ । କିଛି ଦିନ ପରେ ରମଣଜୀ ଯେତେବେଳେ ସୁଧାକରଙ୍କୁ ପଚାରିଲେ ମୁଁ କେବେ ଲଣ୍ଡନ ଯିବି ଓ କେବେ ମୋର ଚାକିରି ହେବ, ତେବେ ଅଭିଯୁକ୍ତ ଭିସା ସମସ୍ୟା ଥିବାର କାହାଣୀ କହିଥିଲେ । ତା'ପରେ କିଛି ଦିନ ବିତିଗଲା । ଏହାପରେ ରମଣଜୀ ସୁଧାକରଙ୍କୁ ରାଗିଯାଇ କହିଲେ, ମୋତେ ଲଣ୍ଡନ ପଠାଅ ଏବଂ ଚାକିରି ଦିଅ ନଚେତ୍ ମୋର ଟଙ୍କା ଫେରସ୍ତ କର । ଯେହେତୁ ଅଭିଯୁକ୍ତ ସୁଧାକର ରମଣଜୀଙ୍କ ଟଙ୍କା ଫେରସ୍ତ କରିବାକୁ ଚାହୁଁ ନଥିଲେ, ତେଣୁ ସେ ରମଣଜୀଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ । ତା'ପରେ ସୁଧାକର ତାଙ୍କ ଭାଇ ମନୋଜ ଏବଂ ତାଙ୍କ ବନ୍ଧୁ ମଞ୍ଜୁନାଥଙ୍କ ସହିତ ମିଶି ରମଣଜୀଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର ରଚିଥିଲେ । ସେଦିନ ଥିଲା ଜୁନ ୧୬ ତାରିଖ, ସୁଧାକର ଏକ ଥର କାର ଭଡା କରି ପହଞ୍ଚିଥିଲେ ରମଣଜୀଙ୍କ ଘରେ । ଏହାପରେ ସୁଧାକର ତାଙ୍କୁ କହିଥିଲେ ଯେ ତୁମର ଚାକିରି ହୋଇଯାଇଛି । ତୁମକୁ ଆଜି ଲଣ୍ଡନ ଯିବାକୁ ପଡିବ । ଏହା ପରେ, ରମଣଜୀ ବାହାରିଥିଲେ ଲଣ୍ଡନ । ଆଉ ତାଙ୍କୁ ବିମାନବନ୍ଦରକୁ ନେଇ ଯାଉଥିବା ସମୟରେ, ଚିନ୍ତାମଣି ତାଲୁକର କେମ୍ପାଡେନାହାଲ୍ଲି ନିକଟରେ ଅଭିଯୁକ୍ତମାନେ ଥର କାରର ଆଗ ସିଟରେ ବସିଥିବା ରମଣଜୀଙ୍କୁ ରଶି ସାହାଯ୍ୟରେ ଗଳାକାଟି ହତ୍ୟା କରିଥିଲେ । ତା'ପରେ ସେମାନେ ତାଙ୍କୁ କେମ୍ପାଡେନାହାଲ୍ଲି ପାର୍କ ନିକଟରେ ଏକ କୂଅରେ ଫିଙ୍ଗି ଦେଇଥିଲେ । ପୋଲିସ ଏହି ହତ୍ୟାକାଣ୍ଡର ସମସ୍ତ ତିନି ଅଭିଯୁକ୍ତଙ୍କୁ ଗିରଫ କରି ଜେଲ ପଠାଇ ଦେଇଛି । ଆପଣମାନେ ମଧ୍ୟ ସତର୍କ ରୁହନ୍ତୁ, ଯଦି କିଏ ପଇସା ଦେଲେ ଚାକିରୀ କରେଇଦେବେ ବୋଲି କହୁଛନ୍ତି ତେବେ ଏହି କଥାକୁ ବିଶ୍ୱାସ କରନ୍ତୁ ନାହିଁ ।

ଭୁବନେଶ୍ୱର, ବୁଧବାର,୦୨ ଜୁଲାଇ ୨୦୨୫
Bhubaneswar, Wednesday, 02 July, 2025
ମଇଦାନ୍
ମହାଭାରତ
ଏଇ ମାଟିରେ ଯୋଡୁଛି ନୂଆ ସମ୍ମାନ


# ଆଜିଠୁ ଦ୍ୱିତୀୟ ଟେଷ୍ଟ : ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟରେ ଭାରତ





ବର୍ମିଂହାମ: ତେନ୍ଦୁଲକର-ଆଣ୍ଡରସନ୍ ଟ୍ରଫି ଶୃଙ୍ଖଳାର ଦ୍ୱିତୀୟ ଟେଷ୍ଟ୍ ଆସନ୍ତାକାଲିଠାରୁ ଆରମ୍ଭ ହେବ। ଲିଡ୍ସରେ ଅଧିକାଂଶ ସମୟ ପ୍ରାଧାନ୍ୟ ବିସ୍ତାର କରିଥିଲେ ମଧ୍ୟ ଶୁବମନ ଗିଲ୍ଙ୍କ ଯୁବବାହିନୀ ହାରିଯିବାରୁ ଭାରତୀୟ କ୍ରିକେଟ୍ର ଏହି ନୂଆ ଅଧ୍ୟାୟ ଉପରେ ପଡ଼ିଯାଇଛି।ଏବେ ଭାରତ ଏମିତି ଏକ ସ୍ଥାନରେ ଦ୍ୱିତୀୟ ଟେଷ୍ଟ୍ ଖେଳିବାକୁ ଯାଉଛି ଯେଉଁଠି କେବେ ବି ବିଜୟର ସ୍ୱାଦ ପାଇନାହିଁ।

ସବୁଠାରୁ ଅଧିକ ଚର୍ଚ୍ଚା କିନ୍ତୁ ହୋଇଛି ଭାରତର ପ୍ରମୁଖ ବୋଲିଂ ଅସ୍ତ୍ର ଯଶପ୍ରୀତ ବୁମ୍ରାଙ୍କ ଖେଳିବା ନ ଖେଳିବାକୁ ନେଇ ତାଙ୍କ ଉପରେ ପଡୁଥିବା କାର୍ଯ୍ୟଭାର ପରିଚାଳନାର ଅଂଶବିଶେଷ ଦୃଷ୍ଟିରୁ ସେ ଏହି ଟେଷ୍ଟରେ ବିଶ୍ରାମ ନେବା ବିଚାର କରାଯାଉଛି। ଲିଡ୍ସରେ ତାଙ୍କ ୫ ୱିକେଟ୍ ସଫଳତା କାରଣରୁ ଭାରତ ସୁଯୋଗ ସୃଷ୍ଟି କରିଥିଲା ଓ ପ୍ରଥମ ପାଳିରେ ୬ ରନ୍ ଅଗ୍ରଣୀ ନେଇଥିଲା। କିନ୍ତୁ ଦ୍ୱିତୀୟ ପାଳିରେ ସେ ୱିକେଟଶୂନ୍ୟ ରହିବା ଏବଂ ଅନ୍ୟ ବୋଲର ପ୍ରଭାବହୀନ ରହିବାରୁ ଭାରତ ହାତରୁ ସୁଯୋଗ ହାତଛଡ଼ା ହୋଇଯାଇଥିଲା। ବର୍ମିଂହାମରେ ସେ ଅଭ୍ୟାସ କରିଥିଲେ ମଧ୍ୟ ଖେଳିବା ନ ଖେଳିବା ନେଇ କିଛି ସ୍ପଷ୍ଟ କରାଯାଇନାହିଁ ଶୃଙ୍ଖଳା ଆରମ୍ଭ ପୂର୍ବରୁ କିନ୍ତୁ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ସୂଚନା ଦେଇଥିଲେ ସେ ୫ରୁ ୩ଟି ଟେଷ୍ଟ ଖେଳିପାରନ୍ତି, ଏହା ପୁଣି ପରିବର୍ତ୍ତନଶୀଳ ମଧ୍ୟ ରହିବ କିନ୍ତୁ ବର୍ମିଂହାମରେ ବୁମ୍ରା ଖେଳିଲେ ବାମହାତୀ ପଞ୍ଜାବୀ ବୋଲର ଅର୍ଶଦୀପ ସିଂହ ଟେଷ୍ଟ୍ ପଦାର୍ପଣ କରିବା ସମ୍ଭାବନା ରହିଛି। ନେଟ୍ସରେ ମଧ୍ୟ ଅର୍ଶଦୀପ ଲମ୍ବା ସ୍ପେଲ୍ ବୋଲିଂ କରି ନିଜକୁ ପ୍ରସ୍ତୁତ ରଖିଛନ୍ତି ଏପରିକି ଅର୍ଶଦୀପଙ୍କୁ ପ୍ରସ୍ତୁତିରେ ସହାୟକ ହେବାକୁ ତାଙ୍କ ଦୁଇ ବନ୍ଧୁ ହରପ୍ରୀ ବ୍ରାର୍ ଓ ଜଗଜିତ ସିଂହ ସାନ୍ଧୁଙ୍କୁ ନେଟ୍ସରେ ସାମିଲ କରାଯାଇଛି।ବିଶେଷ କରି ରିଭର୍ସ ସୁଇଙ୍ଗ ଏବଂ ଡାହାଣହାତୀ ବ୍ୟାଟରଙ୍କୁ ରାଉଣ୍ଡ୍ ଦି ୱିକେଟ୍ ବୋଲିଂ କରିବା ଉପରେ ସେ ଫୋକସ ଦେଇଛନ୍ତି ଅର୍ଶଦୀପଙ୍କ ଉପସ୍ଥିତି ବି ମହମ୍ମଦ ସିରାଜ ଓ ପ୍ରସିଦ୍ଧ କୃଷ୍ଣଙ୍କୁ ପାରମ୍ପରିକ ପେସ୍ ବୋଲିଂ ଅନୁକୂଳ ଏଜ୍‌ବାଷ୍ଟନ୍ ପିଚ୍‌ରୁ ଫାଇଦା ଦେବା ସମ୍ଭାବନା ରଖିବ।

ଶୁବମନ ଗିଲ୍ଙ୍କ ଭାରତୀୟ ଟେଷ୍ଟ୍ ଦଳର ବରିଷ୍ଠତମ ସଦସ୍ୟ ତଥା ଅଲରାଉଣ୍ଡର୍ ରବୀନ୍ଦ୍ର ଜାଡ଼େଜାଙ୍କ ସ୍ଥାନ ବି ସଂଶୟ ଭିତରେ ରହିଛି। ଲିଡ୍ସରେ ସେ ୧୧ ଓ ୨୫ଅ ରନ୍ କରିଥିବାବେଳେ ପଞ୍ଚମ ଦିନ ସ୍ପିନ୍ ଅନୁକୂଳ ପିଚ୍ ସତ୍ତ୍ୱେ ମାତ୍ର ଗୋଟିଏ ୱିକେଟ୍ ନେଇଥିଲେ। କୁଲଦୀପ ଯାଦବ ଖେଳିଲେ ବି ଜାଡ଼େଜାଙ୍କ ସ୍ଥାନ ସୁରକ୍ଷିତ ରହିବ ବୋଲି ସୂଚନା ଦିଆଯାଇଛି ଇଂଲଣ୍ଡ ବିପକ୍ଷରେ କୁଲଦୀପ ଭଲ ପ୍ରଦର୍ଶନ କରିଥିବାରୁ ସେ ମଧ୍ୟ ଖେଳିବା ସମ୍ଭାବନା ରହିଛି। ତେବେ ଶାର୍ଦ୍ଦୁଳ ଠାକୁରଙ୍କ ସ୍ଥାନରେ ନୀତୀଶ ରେଡ୍ଡୀ ଦୃଢ଼ ଦାବିଦାର ଭାବେ ଉଭା ହୋଇଛନ୍ତି। ଅଷ୍ଟ୍ରେଲିଆରେ ଶତକ ମାରିଥିବାରୁ ରେଡ୍ଡୀଙ୍କ ବ୍ୟାଟିଂ ଅଲ୍‌ରାଉଣ୍ଡର୍ କ୍ଷମତାକୁ ବି ଉପଯୋଗ କରିବା ଯୋଜନା କରୁଛି। ଭାରତ ପ୍ରଥମ ଟେଷ୍ଟ୍‌ରେ ଶାର୍ଦ୍ଦୁଳ ବ୍ୟାଟିଂରେ ୧ ଓ ୪ ରନ୍ କରିଥିବାବେଳେ ବୋଲିଂରେ ୧୬ ଓଭରରେ ମାତ୍ର ୨ ୱିକେଟ୍ ନେଇଥିଲେ।

ଏଜ୍‌ବାଷ୍ଟନ୍ ପିଚ୍ ପ୍ରାରମ୍ଭିକ ଅବସ୍ଥାରେ ପେସ୍ ଓ ବାଉଁସ ଦେବ। ବ୍ୟାଟିଂ ପାଇଁ ପ୍ରଥମ ଓ ଦ୍ୱିତୀୟ ଦିନ ନିଶ୍ଚିତ କଷ୍ଟସାଧ୍ୟ ହେବ। ଦ୍ୱିତୀୟ ଓ ଚତୁର୍ଥ ଦିନ ଆଡ଼କୁ କିନ୍ତୁ ପିଚ୍ ଫ୍ଲାଟ୍ ହୋଇଯିବ ବୋଲି ବିଶ୍ୱାସ କରାଯାଉଛି ପଞ୍ଚମ ଦିନ ବେଳକୁ ସ୍ପିନରଙ୍କ ଭୂମିକା ପ୍ରଭାବୀ ହୋଇପାରେ। ପ୍ରତିକୂଳ ପାଗର କୌଣସି ପୂର୍ବାନୁମାନ ନାହିଁ।

ବର୍ମିଂହାମର ଏଜ୍‌ବାଷ୍ଟନ୍‌ରରେ ଭାରତର ରେକର୍ଡ କିନ୍ତୁ ଭଲ ନାହିଁ ୧୯୬୭ ମସିହାଠାରୁ ଆରମ୍ଭ କରି ଭାରତ ଏଠାରେ ମୋଟ ୮ ଟେଷ୍ଟ୍ ଖେଳିଛି ୭ଟିରେ ପରାସ୍ତ ହୋଇଥିବାବେଳେ ଗୋଟିଏ ଡ୍ର ରଖିବାରେ ସକ୍ଷମ ହୋଇଛି ।୧୯୮୬ ମସିହାରେ ମହମ୍ମଦ ଆଝାରୁଦ୍ଦିନ୍ ଓ କିରଣ ମୋରେଙ୍କ ମଧ୍ୟରେ ହୋଇଥିବା ଭାଗୀଦାରି ପାଇଁ ଏକମାତ୍ର ଡ୍ର ମିଳିଥିଲା ।।।୨୦୨୨ରେ ଭାରତ ବିଜୟର ନିକଟତର ହୋଇଥିଲେ ମଧ୍ୟ ଜୋ ରୁଟ୍ ଓ ଜନି ବେୟାରଷ୍ଟୋଙ୍କ ୨୬୯ ରନ୍ ଭାଗୀଦାରି କାରଣରୁ ଇଂଲଣ୍ଡ ନିଜର ସର୍ବୋଚ୍ଚ ପଶ୍ଚାତଧାବନ ବିଜୟ ଅର୍ଜନ କରିଥିଲା ଏହି ପଡ଼ିଆରେ ଭାରତର ୫୮ ବର୍ଷର ବିଜୟଶୂନ୍ୟ ଧାରାକୁ ଶୁବମନ ଗିଲ୍ଙ୍କ ଦଳ ଭାଙ୍ଗିପାରିଲେ ବଡ଼ ଉପଲବ୍ଧି ହେବ। ଗିଲ୍ଙ୍କ ନେତୃତ୍ୱ, ପରିସ୍ଥିତିକୁ ମୁକାବିଲା ଓ ନିଷ୍ପତ୍ତି ନେବାର କ୍ଷମତା ସବୁ ନିଶ୍ଚିତ ଚଳିତ ସପ୍ତାହାନ୍ତ ବେଳକୁ ଆଉ ଏକ ପରୀକ୍ଷା ଦେଇ ସାରିଥିବ।

## ଖୋର୍ଦ୍ଧା ଜିଲ୍ଲା ୧୩ବର୍ଷରୁ କମ୍ ଚେସ୍, ସତ୍ୟସ୍ୱରୂପ, ନେନିକା ବିଜେତା

ଭୁବନେଶ୍ୱର,୧୭ ଖୋର୍ଦ୍ଧା ଜିଲ୍ଲା ୧୩ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତାରେ ସତ୍ୟସ୍ୱରୂପ ତ୍ରିପାଠୀ ଓ ନେନିକା ସାହୁ ବିଜେତା ଆଖ୍ୟା ଅର୍ଜନ କରିଛନ୍ତି। ଉଭୟ ୫.୫ ପଏଣ୍ଟ୍ ଲେଖାଏଁ ଅର୍ଜନ କରିଥିଲେ। ଏପିଜେ ସ୍କୁଲ୍ ଅଧ୍ୟକ୍ଷ ଅତନୁ ରଥ ମୁଖ୍ୟ ଅତିଥି, ଅଲ୍‌ଓଡ଼ିଶା ଚେସ୍ (ଏଓସିଏ) ସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଏଓସିଏ ଯୁଗ୍ମ ସଂପାଦକ ଭବେଶ ମହାନ୍ତି, ଖୋର୍ଦ୍ଧା ଜିଲ୍ଲା ଚେସ୍ ସଂଘ ସଂପାଦକ ଶୁଭାଶିଷ ପଟ୍ଟନାୟକ, ସ୍ୱୟାଂଶୁ ସତ୍ୟକାମ, କେଡିସିଏ ସଦସ୍ୟ ସୁଶାନ୍ତ ଷଡ଼ଙ୍ଗୀ, ଚନ୍ଦ୍ରଶେଖର ମିଶ୍ର, ସର୍ବେଶ୍ୱର ସାହୁ, କୃଷ୍ଣଚନ୍ଦ୍ର ମହାପାତ୍ର, କୃଷ୍ଣ ବିଶୋଇ ଓ ପୂର୍ଣ୍ଣ ମହାଳିକ ଉପସ୍ଥିତ ଥିଲେ।

# ପୁଣି ଭାରତ-ପାକିସ୍ତାନ କ୍ରିକେଟ୍ ମହାମୁକାବିଲା



ନୂଆଦିଲ୍ଲୀ/ବାର୍ମିଂହାମ: ଅପରେସନ୍ ସିନ୍ଦୁର ପରେ ପ୍ରଥମ ଥର ପାଇଁ ଭାରତ ଓ ପାକିସ୍ତାନ କ୍ରିକେଟ୍ ମଇଦାନରେ ମୁହାଁମୁହିଁ ହେବାକୁ ଯାଉଛନ୍ତି ଏହି ଐତିହାସିକ ମୁକାବିଲା ଇଂଲଣ୍ଡର ଏଡଜବାଷ୍ଟନ କ୍ରିକେଟ୍ ଗ୍ରାଉଣ୍ଡରେ ଜୁଲାଇ ୨୦, ୨୦୨୫ରେ ଅନୁଷ୍ଠିତ ହେବ ବିଶ୍ୱ ଚାମ୍ପିଅନସିପ୍ ଅଫ୍ ଲେଜେଣ୍ଡସ୍ (ଡବ୍ଲ୍ୟୁସିଏ) ନାମକ ଏକ ପ୍ରଦର୍ଶନୀ ଟୁର୍ଣ୍ଣାମେଣ୍ଟରେ ଉଭୟ ଦେଶର ପୂର୍ବତନ କ୍ରିକେଟ୍ ତାରକାମାନେ ଅଂଶଗ୍ରହଣ କରିବେ।

ଭାରତୀୟ ଦଳରେ ଯୁବରାଜ ସିଂହ, ହରଭଜନ ସିଂହ, ସୁରେଶ ରାଇନା ଏବଂ ଇରଫାନ ପଠାନ ଭଳି ଦିଗ୍ଗଜ ଖେଳାଳି ସାମିଲ ହେଉଛନ୍ତି ଅନ୍ୟପକ୍ଷରେ ପାକିସ୍ତାନ ଦଳରେ ଶାହିଦ ଆଫ୍ରିଦି, ଶୋଏବ ମଲିକ, ସୋହେଲ ଖାନ ଓ ଅବଦୁଲ ରଜାକ ଭଳି ଖେଳାଳି ମଇଦାନକୁ ଓହ୍ଲାଇବେ ଏହି ମ୍ୟାଚ୍ ଉଭୟ ଦେଶର କ୍ରିକେଟ୍ ପ୍ରେମୀଙ୍କ ପାଇଁ ଏକ ନଷ୍ଟାଲଜିକ ମୁହୂର୍ତ୍ତ ହେବ, ଯେଉଁଠାରେ ୨୦୦୭ ଟି-୨୦ ବିଶ୍ୱକପ୍ ଫାଇନାଲର ସ୍ମୃତି ପୁଣି ଜାଗ୍ରତ ହେବ।

ଏହି ମ୍ୟାଚ୍‌ର ପୃଷ୍ଠଭୂମିରେ ଅପରେସନ୍ ସିନ୍ଦୁର ପରେ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ରହିଛି। ପହଲଗାମ ଆତଙ୍କବାଦୀ ଆକ୍ରମଣ, ଯେଉଁଥିରେ ୨୬ ନିରୀହ ଲୋକଙ୍କ ଜୀବନ ଯାଇଥିଲା, ତା ପରେ ପାକିସ୍ତାନର ପୂର୍ବତନ ଅଧିନାୟକ ଶାହିଦ ଆଫ୍ରିଦିଙ୍କ ବିବାଦୀୟ ବୟାନ ବେଶ୍ ଚର୍ଚ୍ଚାରେ ରହିଥିଲା

ଆଫ୍ରିଦି ଦାବି କରିଥିଲେ ଯେ, ଭାରତ ନିଜେ ଏହି ଆକ୍ରମଣ କରି ପାକିସ୍ତାନକୁ ଦାୟୀ କରୁଛି ସେ କହିଥିଲେ, ପହଲଗାମରେ ଆତଙ୍କବାଦୀମାନେ ଏକ ଘଣ୍ଟା ଧରି ଲୋକଙ୍କୁ ହତ୍ୟା କଲେ, କିନ୍ତୁ ୮ ଲକ୍ଷ ଭାରତୀୟ ସୈନିକଙ୍କ ମଧ୍ୟରୁ ଜଣେ ମଧ୍ୟ ପହଞ୍ଚିଲେ ନାହିଁ ପରେ ସେମାନେ ପାକିସ୍ତାନକୁ ଦୋଷ ଦେଲେ। ଆଫ୍ରିଦି ନିଜ ବୟାନରେ କ୍ରୀଡ଼ା କୂଟନୀତିର ଗୁରୁତ୍ୱ ଉପରେ ମଧ୍ୟ ଆଲୋଚନା କରିଥିଲେ। ସେ କହିଥିଲେ, ଆମେ ସବୁବେଳେ ଶାନ୍ତି ଚାହୁଁ ୨୦୧୬ ଟି-୨୦ ବିଶ୍ୱକପ୍ ସମୟରେ ମୁଁ ଅଧିନାୟକ ଥାଇ ଭାରତ ଯାତ୍ରା ନେଇ ଅନିଶ୍ଚିତ ଥିଲି। କ୍ରୀଡ଼ା କୂଟନୀତି ମଧ୍ୟ ଏକ ଭଲ ମାଧ୍ୟମ ଭାରତ ନିଜ କବାଡ଼ି ଦଳକୁ ପାକିସ୍ତାନକୁ ପଠାଏ, କିନ୍ତୁ କ୍ରିକେଟ୍ ଦଳ ପଠାଇବାକୁ ଅମଙ୍ଗ ଏହା ସହିତ ସେ କହିଥିଲେ ଯେ ପାକିସ୍ତାନ କେବେ ଆତଙ୍କବାଦକୁ ସମର୍ଥନ କରେ ନାହିଁ ଏବଂ ସବୁବେଳେ ଭାରତ ସହ ସୁସମ୍ପର୍କ ଚାହେଁ।

## ରାଧାକାନ୍ତ, ଅତୀଶଙ୍କୁ ଯୁଗଳ ସ୍ୱର୍ଣ୍ଣ

ଭୁବନେଶ୍ୱର: ଓଡ଼ିଶା ରାଇଫଲ୍ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ୍ ପରିସରରେ ଆୟୋଜିତ ଦ୍ୱିତୀୟ ରାଜ୍ୟ ଓପନ୍ ବନ୍ଧୁକ ଚାଳନା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛଫି ଏହି ୪ ଦିନିଆ। ପ୍ରତିଯୋଗିତାର ପ୍ରଥମ ଦୁଇ ଦିନ କଳିଙ୍ଗ ଷ୍ଟାଡିୟମ୍ ୫୦ ମିଟର ସୁଟିଙ୍ଗ ରେଞ୍ଜରେ ଏବଂ ପରବର୍ତ୍ତୀ ଦୁଇଦିନ ଉତ୍କଳ କରାଟେ ସ୍କୁଲ ୧୦ ମିଟର ସୁଟିଙ୍ଗ ରେଞ୍ଜ୍‌ରେ ଅନୁଷ୍ଠିତ ହୋଇଥିଲା ଏହି ପ୍ରତିଯୋଗିତାର ବିଭିନ୍ନ ବିଭାଗରେ ଯଥା .୨୨ ରାଇଫଲ୍, .୨୨ ପିସ୍ତଲ୍, .୩୨ ପିସ୍ତଲ୍, ୧୦ ମିଟର ଏୟାର ରାଇଫଲ୍, ଏୟାର ପିସ୍ତଲ୍‌ରେ ସାରା ରାଜ୍ୟରୁ ପ୍ରାୟ ୪୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ଅଲିମ୍ପିକ ସଂଘର ସଭାପତି ସମୀର ରଞ୍ଜନ ମହାନ୍ତି, ରୋମିଓକାନ୍ତ ନନ୍ଦ ଓ ରାଜା ବିଜେନ୍ଦ୍ର ଚନ୍ଦ୍ର ଦେବ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଓଡ଼ିଶା ରାଇଫଲ ସଂଘ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ, ସଭାପତି ଗୋରୀ ମହାନ୍ତି ଉପସ୍ଥିତ ଥିଲେ।

# ପୁଲିସ ଭଗବାନ ନୁହନ୍ତି : ସିଏଟି




ନୂଆଦିଲ୍ଲୀ,୧୭: ବେଙ୍ଗାଲୁରୁରେ ହୋଇଥିବା ଦଳାଚକଟା ପାଇଁ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋ(ଆରସିବି) ଦାୟୀ। ପୁଲିସ ବି ମଣିଷ ୧୨ଘଣ୍ଟା ଭିତରେ ସବୁ ବ୍ୟବସ୍ଥା କରିବା ସମ୍ଭବ ନୁହେଁ ଆଜି କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ୍ ଏଭଳି ବିବୃତି ଦେଇଛି ଚିନ୍ନାସ୍ୱାମୀ କ୍ରିକେଟ ଷ୍ଟାଡିୟମରେ ହୋଇଥିବା ଦଳାଚକଟା ଘଟଣାରେ ୧୧ ଜଣଙ୍କ ମୃତ୍ୟୁ ପାଇଁ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ୍ ଆରସିବିକୁ ଦାୟୀ କରିଛି।

କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ୍ କହିଛି ଯେ, ଆରସିବି ବିଜୟ ଉତ୍ସବ ନିମନ୍ତ୍ରଣପତ୍ର ସୋସିଆଲ ମିଡିଆରେ ପୋଷ୍ଟ କରିଥିଲା ଏହାଦ୍ୱାରା ଲୋକଙ୍କ ପାଖରେ ସୂଚନା ପହଞ୍ଚିବାରୁ ଲକ୍ଷ ଲକ୍ଷ ଲୋକେ ଷ୍ଟାଡିୟମ ବାହାରେ ଭିଡ଼ ଜମାଇଥିଲେ ପୁଲିସକୁ ଉପଯୁକ୍ତ ବ୍ୟବସ୍ଥା କରିବା ପାଇଁ ସମୟ ନଥିଲା ଆରସିବି ପୁଲିସଠାରୁ ଉପଯୁକ୍ତ ଅନୁମତି କିମ୍ବା ସମ୍ମତି ନେଇ ନଥିଲା ୧୨ଘଣ୍ଟାରୁ କମ୍ ସମୟ ମଧ୍ୟରେ ପୁଲିସ ସମସ୍ତ ଆବଶ୍ୟକୀୟ ବ୍ୟବସ୍ଥା କରିବ ବୋଲି ଆଶା କରାଯାଇ ପାରିବ ନାହିଁ ପୁଲିସ କର୍ମଚାରୀମାନେ ମଧ୍ୟ ମଣିଷ ସେମାନେ 'ଭଗବାନ' ନୁହଁନ୍ତି କିମ୍ବା ଯାଦୁକର ନୁହଁନ୍ତି ସେମାନଙ୍କ ପାଖରେ 'ଆଲ୍ଲାଦିନ କା ଚିରାଗ' ପରି ଯାଦୁକରୀ ଶକ୍ତି ନାହିଁ ଯେ ସେମାନେ ଆଙ୍ଗୁଠି ଘଷି ଯେକୌଣସି ଇଚ୍ଛା ପୂରଣ କରିପାରିବେ।

କେନ୍ଦ୍ର ସରକାର ବେଙ୍ଗାଲୁରୁ ଷ୍ଟାଡିୟମରେ ଦଳାଚକଟା ଘଟଣାରେ ଆଇପିଏସ୍ ଅଧିକାରୀ ବିକାଶ କୁମାର ବିକାଶଙ୍କ ନିଲମ୍ବନକୁ ଅନୁମୋଦନ କରିବାର ଦୁଇ ଦିନ ପରେ କେନ୍ଦ୍ରୀୟ ଟ୍ରିବ୍ୟୁନାଲ୍ ତାଙ୍କ ନିଲମ୍ବନକୁ ଖାରଜ କରିଛନ୍ତି। ଟ୍ରିବ୍ୟୁନାଲ୍ ତାଙ୍କ ନିଲମ୍ବନକୁ ଖାରଜ କରି କହିଛି ଯେ, ଆଇପିଏସ୍ ଅଧିକାରୀଙ୍କର ସଂକ୍ଷିପ୍ତ ନିଲମ୍ବନ ଅବଧିକୁ ସେବା ଅବଧି ଭାବରେ ଗଣନା କରାଯିବା ଉଚିତ।

ଟ୍ରିବ୍ୟୁନାଲ୍ କର୍ଣ୍ଣାଟକ ସରକାରଙ୍କୁ ଅନ୍ୟ ଦୁଇ ଅଧିକାରୀ, ବି ଦୟାନନ୍ଦ (ଯିଏ ବେଙ୍ଗାଲୁରୁ ପୁଲିସ କମିଶନର ଥିଲେ) ଏବଂ ଶେଖର ଏଚ୍ ଟେକ୍କନ୍ନଭର (ଯିଏ ପୁଲିସ ଡେପୁଟି କମିଶନର ଥିଲେ)ଙ୍କ ନିଲମ୍ବନକୁ ପ୍ରତ୍ୟାହାର କରିବା ନେଇ ବିଚାର କରିବାକୁ ପରାମର୍ଶ ଦେଇଛି।

ଟ୍ରିବ୍ୟୁନାଲ କହିଛି ଯେ, ଯଥେଷ୍ଟ ପ୍ରମାଣ ନଥାଇ ବି ପୁଲିସ ଅଧିକାରୀମାନଙ୍କୁ ନିଲମ୍ବିତ କରିବାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା ନିଲମ୍ବନ ପାଇଁ ଆଦେଶ ଦେବା ସମୟରେ, ସମ୍ପୃକ୍ତ ପୁଲିସ ଅଧିକାରୀଙ୍କ ତ୍ରୁଟି କିମ୍ବା ଅବହେଳା ଦର୍ଶାଉଥିବା ଭଳି କୌଣସି ବିଶ୍ୱାସଯୋଗ୍ୟ ପ୍ରମାଣ ନଥିଲା।

# ଜାତୀୟ କ୍ରୀଡ଼ା ନୀତି ୨୦୨୫କୁ କ୍ୟାବିନେଟ ମଞ୍ଜୁରି

## ଦେଶର ସାମଗ୍ରିକ ବିକାଶ ପାଇଁ କ୍ରୀଡ଼ାର ଶକ୍ତିକୁ ଉପଯୋଗ କରିବାର ଲକ୍ଷ୍ୟ

ନୂଆଦିଲ୍ଲୀ,୧୭: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଜାତୀୟ କ୍ରୀଡ଼ା ନୀତି (ଏନଏସପି)୨୦୨୫କୁ ଅନୁମୋଦନ କରାଯାଇଛି । ଦେଶର କ୍ରୀଡ଼ା ପରିଦୃଶ୍ୟରେ ବ୍ୟାପକ ପରିବର୍ତ୍ତନ ଆଣିବା ଏବଂ କ୍ରୀଡ଼ା ମାଧ୍ୟମରେ ନାଗରିକଙ୍କ ସଶକ୍ତୀକରଣ ଉଦ୍ଦେଶ୍ୟରେ ଏହି ଐତିହାସିକ ପଦକ୍ଷେପ ଗ୍ରହଣ କରାଯାଇଛି ।

ପୂର୍ବରୁ ଥିବା ଜାତୀୟ କ୍ରୀଡ଼ା ନୀତି, ୨୦୦୧ ସ୍ଥାନରେ ଏହି ନୂଆ କ୍ରୀଡ଼ା ନୀତି କାର୍ଯ୍ୟକାରୀ ହେବ। ଭାରତକୁ ଏକ ବିଶ୍ୱ କ୍ରୀଡ଼ା ମହାଶକ୍ତି ରୂପେ ପ୍ରତିଷ୍ଠିତ କରିବା ଲାଗି ଏଥିରେ ଦୂରଦୃଷ୍ଟିପୂର୍ଣ୍ଣ ଏବଂ ରଣନୀତିକ ରୂପରେଖ ପ୍ରସ୍ତୁତ କରାଯାଇଛି । ଏହା ୨୦୩୬ ଅଲିମ୍ପିକ୍ସ କ୍ରୀଡ଼ା ସମେତ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାଗୁଡ଼ିକରେ ସଫଳତା ପାଇଁ ଭାରତକୁ ଏକ ଦୃଢ଼ ଦାବିଦାରରେ ପରିଣତ କରିବ ।

୧. ବିଶ୍ୱସ୍ତରରେ ସଫଳତା

ଏହି ସ୍ତମ୍ଭର ଲକ୍ଷ୍ୟ ହେଉଛି:

ପ୍ରତିଭାର ପ୍ରାରମ୍ଭିକ ଚିହ୍ନଟ ଏବଂ ପ୍ରୋତ୍ସାହନ ପାଇଁ ବ୍ୟବସ୍ଥା ସମେତ ତୃଣମୂଳ ସ୍ତରରୁ ଉଚ୍ଚସ୍ତର ସ୍ତର ପର୍ଯ୍ୟନ୍ତ କ୍ରୀଡ଼ା କାର୍ଯ୍ୟକ୍ରମକୁ ସୁଦୃଢ଼ କରିବା ।ପ୍ରତିଯୋଗିତାମୂଳକ ଲିଗ୍ ଓ ପ୍ରତିଯୋଗିତା ଆୟୋଜନକୁ ପ୍ରୋତ୍ସାହିତ କରିବା ଏବଂ ଗ୍ରାମାଂଚଳ ଓ ସହରାଂଚଳ ଉଭୟ କ୍ଷେତ୍ରରେ କ୍ରୀଡ଼ା ଭିତ୍ତିଭୂମି ବିକାଶ କରିବା ।ତାଲିମ, ପ୍ରଶିକ୍ଷଣ ଓ ସାମଗ୍ରିକ କ୍ରୀଡାବିତ୍ ସମର୍ଥନ ପାଇଁ ବିଶ୍ୱସ୍ତରୀୟ ବ୍ୟବସ୍ଥା ନିର୍ମାଣ କରିବା। ଜାତୀୟ କ୍ରୀଡ଼ା ସଂଘଗୁଡ଼ିକର କ୍ଷମତା ଏବଂ ପ୍ରଶାସନକୁ ବୃଦ୍ଧି କରିବା। କ୍ରୀଡ଼ା ପ୍ରଦର୍ଶନରେ ସୁଧାର ଆଣିବା ପାଇଁ କ୍ରୀଡ଼ା ବିଜ୍ଞାନ, ଔଷଧ ଏବଂ ପ୍ରଯୁକ୍ତିବିଦ୍ୟା ଗ୍ରହଣକୁ ପ୍ରୋତ୍ସାହନ

ପ୍ରଶିକ୍ଷକ, ବୈଷୟିକ ଅଧିକାରୀ ଏବଂ ସହାୟକ କର୍ମଚାରୀଙ୍କ ସମେତ କ୍ରୀଡ଼ା କର୍ମଚାରୀଙ୍କୁ ତାଲିମ ଏବଂ ବିକାଶ।

୨. ଆର୍ଥିକ ବିକାଶ ପାଇଁ କ୍ରୀଡ଼ା

ଏନଏସପି ୨୦୨୫ କ୍ରୀଡ଼ାର ଆର୍ଥିକ ସମ୍ଭାବନାକୁ ଗ୍ରହଣ କରି ନିମ୍ନ ଲକ୍ଷ୍ୟ ଧାର୍ଯ୍ୟ କରିଛି:

କ୍ରୀଡ଼ା ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଏବଂ ଭାରତରେ ପ୍ରମୁଖ ଅନ୍ତର୍ଜାତୀୟ କ୍ରୀଡ଼ା ସମାରୋହ ଆୟୋଜନକୁ ଆକର୍ଷିତ କରିବା ।କ୍ରୀଡ଼ା ଉତ୍ପାଦନ ଇକୋସିଷ୍ଟମକୁ ସୁଦୃଢ଼ କରିବା, ଏବଂ ଏହି କ୍ଷେତ୍ରରେ ଷ୍ଟାର୍ଟଅପ୍ ଏବଂ ଉଦ୍ୟୋଗ ବିକାଶକୁ ପ୍ରୋତ୍ସାହନ। ସରକାରୀ-ବେସରକାରୀ ସହଭାଗୀତା (ପିପିପି), କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସଆର) ଏବଂ ଅଭିନବ ପାଣ୍ଠି ପଦକ୍ଷେପ ମାଧ୍ୟମରେ ଘରୋଇ କ୍ଷେତ୍ରର ଅଂଶଗ୍ରହଣକୁ ପ୍ରୋତ୍ସାହନ।

୩. ସାମାଜିକ ବିକାଶ ପାଇଁ କ୍ରୀଡ଼ା

ସାମାଜିକ ଅନ୍ତର୍ଭୁକ୍ତୀକରଣ ବଢ଼ାଇବା ଲାଗି ଏହି ନୀତି ନିମ୍ନ ପଦକ୍ଷେପ ମାଧ୍ୟମରେ କ୍ରୀଡ଼ାର ଭୂମିକା ଉପରେ ଆଲୋକପାତ କରିଥାଏ:

ଧ୍ୟାନ କେନ୍ଦ୍ରିତ କାର୍ଯ୍ୟକ୍ରମ ମାଧ୍ୟମରେ ମହିଳା, ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗ, ଜନଜାତି ସମ୍ପ୍ରଦାୟ ଏବଂ ଅକ୍ଷମ ବ୍ୟକ୍ତିମାନଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହନ

ଆଦିବାସୀ ଏବଂ ପାରମ୍ପରିକ ଖେଳକୁ ପୁନର୍ଜୀବିତ କରିବା ଏବଂ ପ୍ରୋତ୍ସାହନ ଦେବା। ଶିକ୍ଷାରେ ଏହାକୁ ସମନ୍ୱିତ କରି, ସ୍ୱେଚ୍ଛାକୃତ ସେବାକୁ ଉତ୍ସାହିତ କରି ଏବଂ ଦ୍ୱୈତ-କ୍ୟାରିଅର ପଥକୁ ସହଜ କରି କ୍ରୀଡାକୁ ଏକ ଉପଯୋଗୀ କ୍ରୀଡା ବିକଳ୍ପ ଭାବରେ ସ୍ଥାପିତ କରିବା।

କ୍ରୀଡା ମାଧ୍ୟମରେ ଭାରତୀୟ ପ୍ରବାସୀଙ୍କୁ ଜଡ଼ିତ କରିବା।

୪. ଏକ ଜନ ଆନ୍ଦୋଳନ ରୂପେ କ୍ରୀଡ଼ା

କ୍ରୀଡ଼ାକୁ ଏକ ଆନ୍ଦୋଳନରେ ପରିଣତ କରିବା ଲାଗି ଏହି ନୀତିରେ ନିମ୍ନ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି: ଦେଶବ୍ୟାପୀ ଅଭିଯାନ ଏବଂ ସାମାଜିକ କାର୍ଯ୍ୟକ୍ରମ ମାଧ୍ୟମରେ ବହୁଳ ଅଂଶଗ୍ରହଣ ଏବଂ ଫିଟନେସ୍ ସଂସ୍କୃତିକୁ ପ୍ରୋତ୍ସାହନ।

ସ୍କୁଲ, କଲେଜ ଏବଂ କର୍ମକ୍ଷେତ୍ର ଇତ୍ୟାଦି ପାଇଁ ଫିଟନେସ୍ ସୂଚକାଙ୍କ ଆରମ୍ଭ କରିବା ।କ୍ରୀଡା ସୁବିଧାର ସାର୍ବଜନୀନ ଉପଲବ୍ଧତାକୁ ବୃଦ୍ଧି କରିବା।

୫. ଶିକ୍ଷା ସହିତ କ୍ରୀଡ଼ାର ଏକୀକରଣ (ଏନଇପି ୨୦୨୦)

ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁରୂପ ଏନଏସପି ୨୦୨୫ରେ ନିମ୍ନ ପ୍ରସ୍ତାବଗୁଡ଼ିକ ରହିଛି:ବିଦ୍ୟାଳୟ ପାଠ୍ୟକ୍ରମରେ କ୍ରୀଡ଼ାର ଏକୀକରଣ କରିବାକ୍ରୀଡ଼ା ଶିକ୍ଷା ଏବଂ ସଚେତନତାକୁ ପ୍ରୋତ୍ସାହନ ଲାଗି ସ୍ୱତନ୍ତ୍ର ତାଲିମ ସହିତ ଶିକ୍ଷାବିତ୍ ଏବଂ ଶାରୀରିକ ଶିକ୍ଷା ଶିକ୍ଷକଙ୍କୁ ସକ୍ଷମ କରିବା

୬. ରଣନୀତିକ ଢାଂଚା

ଏନଏସପି ୨୦୨୫ର ଲକ୍ଷ୍ୟକୁ ସାକାର କରିବା ଲାଗି ଏକ ବିସ୍ତୃତ କାର୍ଯ୍ୟକାରୀ ରଣନୀତି ପ୍ରସ୍ତୁତ କରାଯାଇଛି ଯେଉଁଥିରେ ନିମ୍ନଗୁଡ଼ିକୁ ସାମିଲ କରାଯାଇଛି:

ପ୍ରଶାସନ: ଆଇନଗତ ଢାଂଚା ସମେତ କ୍ରୀଡ଼ା ପ୍ରଶାସନ ପାଇଁ ଏକ ଦୃଢ଼ ନିୟାମକ ଢାଂଚା ପ୍ରତିଷ୍ଠା କରିବା।

ଘରୋଇ କ୍ଷେତ୍ର ପାଣ୍ଠି ଏବଂ ସମର୍ଥନ: ଅଭିନବ ଆର୍ଥିକ ବ୍ୟବସ୍ଥା ବିକଶିତ କରିବା ସହିତ ପିପିପି ଏବଂ ସିଏସଆର ମାଧ୍ୟମରେ ଘରୋଇ କ୍ଷେତ୍ରର ଅଂଶଗ୍ରହଣକୁ ନିୟୋଜିତ କରିବା ।ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ: କାର୍ଯ୍ୟଦକ୍ଷତା ଟ୍ରାକିଂ, ଗବେଷଣା ଓ କାର୍ଯ୍ୟକ୍ରମ ରୂପାୟନ ପାଇଁ ଏଆଇ ଓ ଡାଟା ବିଶ୍ଳେଷଣ ସମେତ ଉଦୀୟମାନ ପ୍ରଯୁକ୍ତିବିଦ୍ୟାକୁ ଉପଯୋଗ କରିବା ।ଜାତୀୟ ନିରୀକ୍ଷଣ ଢାଂଚା: ସୁପରିଭାଷିତ ମାନଦଣ୍ଡ, ପ୍ରମୁଖ କାର୍ଯ୍ୟଦକ୍ଷତା ସୂଚକ (କେପିଆଇ) ଏବଂ ସମୟସୀମାବଦ୍ଧ ଲକ୍ଷ୍ୟ ସହିତ ଏକ ଜାତୀୟ ଢାଂଚା ସୃଷ୍ଟି। ରାଜ୍ୟଗୁଡ଼ିକ ପାଇଁ ମଡେଲ ନୀତି: ଏନଏସପି ୨୦୨୫ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳଗୁଡ଼ିକ ପାଇଁ ଏକ ମଡେଲ ଭାବରେ କାର୍ଯ୍ୟ କରିବ, ସେମାନଙ୍କୁ ଜାତୀୟ ଉଦ୍ଦେଶ୍ୟ ସହିତ ସମନ୍ୱୟ ରଖି ନିଜର ନୀତି ସଂଶୋଧନ କିମ୍ବା ପ୍ରଣୟନ କରିବାକୁ ଉତ୍ସାହିତ କରିବ।

ସାମଗ୍ରିକ ସରକାରୀ ଆଭିମୁଖ୍ୟ: ଏହି ସମସ୍ତ ମନ୍ତ୍ରଣାଳୟ ଓ ବିଭାଗର କାର୍ଯ୍ୟକଳାପ, ଯୋଜନା ଏବଂ କାର୍ଯ୍ୟକ୍ରମରେ ଏକ ସାମଗ୍ରିକ ପ୍ରଭାବ ହାସଲ କରିବା ପାଇଁ କ୍ରୀଡ଼ା ପ୍ରୋତ୍ସାହନକୁ ସମନ୍ୱିତ କରିବାକୁ ଆହ୍ୱାନ କରେ।

ଏହାର ଢାଂଚାଗତ ଦୃଷ୍ଟିକୋଣ ଓ ଭବିଷ୍ୟତ ରଣନୀତି ସହିତ, ଜାତୀୟ କ୍ରୀଡା ନୀତି ୨୦୨୫ ଭାରତକୁ ବିଶ୍ୱ ସ୍ତରରେ ଏକ ଅଗ୍ରଣୀ କ୍ରୀଡା ରାଷ୍ଟ୍ର ହେବା ପାଇଁ ଏକ ପରିବର୍ତ୍ତନଶୀଳ ପଥରେ ରଖିବା ସହିତ ସୁସ୍ଥ ଏବଂ ସଶକ୍ତ ନାଗରିକ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି।

# ସଞ୍ଜୁ ସାମସନ ହେବେ ସିଏସ୍‌କେ ଅଧିନାୟକ ?




ନୂଆଦିଲ୍ଲୀ,୧୭: ଚର୍ଚ୍ଚାରେ ଭାରତୀୟ ଦଳର ଉଇକେଟକିପର-ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନ ଅନ୍ତର୍ଜାତୀୟ କ୍ରିକେଟ ସହିତ ଇଣ୍ଡିଆନ ପ୍ରିମିୟର ଲିଗ(ଆଇପିଏଲ)ରେ ମଧ୍ୟ ନିଜର ଛାପ ଛାଡ଼ିଥିବା ଏହି କ୍ରିକେଟରଙ୍କୁ ନେଇ ବଡ଼ ଖବର ସାମ୍ନାକୁ ଆସିଛି ସେ ୨୦୨୬ ରେ ଏକ ନୂତନ ଦଳ ପାଇଁ ଖେଳିବେ ବୋଲି କୁହାଯାଉଛି ଚେନ୍ନାଇ ସୁପର କିଙ୍ଗସ(ସିଏସ୍‌କେ) ତାଙ୍କୁ ଦଳରେ ସାମିଲ କରିପାରେ ଫ୍ରାଞ୍ଚାଇଜର ବରିଷ୍ଠ ଅଧିକାରୀ ନିଜେ ଏହା ନିଶ୍ଚିତ କରିଛନ୍ତି ଖବର ଅଛି ଯେ ସଞ୍ଜୁ ଚେନ୍ନାଇର ପରବର୍ତ୍ତୀ ଅଧିନାୟକ ମଧ୍ୟ ହୋଇପାରନ୍ତି।

ର ଜଣେ ବରିଷ୍ଠ ଅଧିକାରୀ କ୍ରିକବଜକୁ କହିଛନ୍ତି, ଆମେ ନିଶ୍ଚିତ ଭାବରେ ସଞ୍ଜୁ ସାମସନଙ୍କୁ ଦଳରେ ସାମିଲ କରିବା ଉପରେ ବିଚାର କରୁଛୁ ସେ ଓପନିଂ ଏବଂ ଉଇକେଟକିପର ଦାୟିତ୍ୱ ଭଲ ଭାବରେ ତୁଲାଇ ପାରନ୍ତି ଯଦି ସଞ୍ଜୁ ଉପଲବ୍ଧ ହୁଅନ୍ତି, ତେବେ ଆମେ ନିଶ୍ଚିତ ଭାବରେ ତାଙ୍କୁ ଆମ ଦଳରେ ସାମିଲ କରିବାକୁ ଚାହିଁବୁ ଆମେ ଏପର୍ଯ୍ୟନ୍ତ ନିଷ୍ପତ୍ତି ନେଇନାହୁଁ ଯେ ତାଙ୍କ ସହିତ କିଏ ଟ୍ରେଡ୍ କରିବ କାରଣ ମାମଲା ସେହି ସ୍ତରକୁ ଯାଇନାହିଁ କିନ୍ତୁ ଆମେ ତାଙ୍କୁ ଆମ ଦଳରେ ସାମିଲ କରିବାକୁ ଚାହୁଁଛୁ।

୨୦୨୫ରେ ସଞ୍ଜୁ ସାମସନଙ୍କ ପ୍ରଦର୍ଶନ ଏତେ ଭଲ ନଥିଲା ଏବଂ ରାଜସ୍ଥାନ ରୟାଲ୍ସ ମଧ୍ୟ ପ୍ଲେଅଫରେ ସ୍ଥାନ ପାଇପାରି ନ ଥିଲା ସଞ୍ଜୁ ୨୦୨୫ରେ ୯ଟି ମ୍ୟାଚ୍‌ରେ ୩୫.୬୩ ଆଭରେଜରେ କେବଳ ୨୮୫ ରନ କରିଥିଲେ, ଯେଉଁଥିରେ ଏକ ଅର୍ଦ୍ଧଶତକ ଅନ୍ତର୍ଭୁକ୍ତ ଥିଲା ତାଙ୍କର ସର୍ବାଧିକ ବ୍ୟକ୍ତିଗତ ସ୍କୋର ୬୬ ରନ ଥିଲା ଚେନ୍ନାଇ ସୁପର କିଙ୍ଗ୍ସ ବିଷୟରେ କହିବାକୁ ଗଲେ, ଦଳ ର ଏହି ସିଜିନରେ ସବୁଠାରୁ ନିମ୍ନ ର୍‍ୟାଙ୍କିଂରେ ଥିଲା

ତେବେ ସଞ୍ଜୁ ସାମସନଙ୍କର ରେ ଖେଳିବାର ବହୁତ ଅଭିଜ୍ଞତା ଅଛି ସେ ରେ ୧୭୭ ମ୍ୟାଚ୍‌ରେ ୧୩୯.୦୫ ଷ୍ଟ୍ରାଇକ ରେଟ୍‌ରେ ୪୭୦୪ ରନ କରିଛନ୍ତି ତାଙ୍କ ନାମରେ ତିନୋଟି ଶତକ ମଧ୍ୟ ଅଛି ସଞ୍ଜୁ ସାମସନ ଉଇକେଟକିପିଂ ଏବଂ ବ୍ୟାଟିଂ ସହିତ ଦଳର କମାଣ୍ଡକୁ ଭଲ ଭାବରେ ସମ୍ଭାଳି ପାରନ୍ତି ସେ ତାଙ୍କ ଅଧିନାୟକ୍ତ୍ୱରେ ରାଜସ୍ଥାନ ରୟାଲ୍ସକୁ ୨୦୨୨ର ଫାଇନାଲରେ ପହଞ୍ଚାଇଥିଲେ ଗତ ସିଜିନରେ ଚେନ୍ନାଇ ସୁପର କିଙ୍ଗ୍ସ ବହୁତ ଖରାପ ପ୍ରଦର୍ଶନ କରିଥିଲା କେବଳ ଏତିକି ନୁହେଁ, ଆଘାତ ଯୋଗୁ ତାଙ୍କୁ ସିଜିନ ମଝିରେ ଦଳ ଛାଡିବାକୁ ପଡିଥିଲା ଯାହା ପରେ ମହେନ୍ଦ୍ର ସିଂହ ଧୋନୀ ପୁଣି ଥରେ ଚେନ୍ନାଇର ଅଧିନାୟକ ଦାୟିତ୍ୱ ଗ୍ରହଣ କଲେ ତଥାପି, ତାଙ୍କର ଅଧିନାୟକ୍ ମଧ୍ୟ ବହୁତ ଖରାପ ଥିଲା ଯଦି ଚେନ୍ନାଇ ସୁପରକିଙ୍ଗ୍ସ ସଞ୍ଜୁ ସାମସନଙ୍କୁ ନିଜ ଦଳରେ ସାମିଲ କରେ, ତେବେ ସେ ସେମାନଙ୍କ ପାଇଁ ବହୁତ ପ୍ରଭାବଶାଳୀ ପ୍ରମାଣିତ ହୋଇପାରିବେ କାରଣ ସେ ଓପନିଂ ସହିତ ଉଇକେଟକିପିଂ ଦାୟିତ୍ୱ ମଧ୍ୟ ତୁଲାଇପାରିବେ

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ